୬ ଡବଲ ସେଞ୍ଚୁରୀ ମାରି ଇତିହାସ ରଚିଲେ ରୋହିତ

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

e-paper www.sambadkalika.in

ସମ୍ବାଦ କଳିକା

TM

The Sambad Kalika

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹ 2.00

● ବର୍ଷ–୩୧ ● ସଂଖ୍ୟା–୬୦ ● ୨୮ ମାର୍ଚ୍ଚ ୨୦୨୪, ଗୁରୁବାର ● ଭୁବନେଶ୍ୱର ● Vol -31 ● Issue-60 ● 28th March 2024, Thursday ● Bhubaneswar | Licensed to post without pre-payment of postage No- BN-60/22-24

ମାସିକ ଗଳ୍ପ ପତ୍ରିକା 'କଥାକଳିକା'ର ୧୦ମ ବାର୍ଷିକ ଜନ୍ମୋତ୍ସବ ଓ ସାରସ୍ୱତ ସମାରୋହ

ଭାଷାପ୍ରୀତି ଜାଗ୍ରତ ନ ହେଲେ ଓଡ଼ିଆ ସାହିତ୍ୟ ବଞ୍ଚିପାରିବ ନାହିଁ : ତଥାଗତ ସତପଥୀ

ସାହିତ୍ୟର ସୀମା ସରହଦ ବ୍ୟାପକ : ଗୌରହରି ଦାସ

- ଡ. ବିଭୂତି ପଟ୍ଟନାୟକଙ୍କୁ 'ଜୀବନବ୍ୟାପୀ ସାରସ୍ୱତ ସାଧନା ପୁରସ୍କାର'
- ପୁରସ୍କୃତ ଓ ସମ୍ବର୍ଦ୍ଧିତ ହେଲେ ୧୬ ଜଣ ସାରସ୍ୱତ ସାଧକ

ଭୁବନେଶ୍ୱର, ୨୭।୩ ନ୍ୟୁଜ ବ୍ୟୁରୋ

ଓଡ଼ିଶାର ଅଗ୍ରଣୀ ମାସିକ ଗଳ୍ପ ପତ୍ରିକା "କଥାକଳିକା"ର ଦଶମ ବାର୍ଷିକ ଜନ୍ମୋତ୍ସବ ପବିତ୍ର ଦୋଳପୂର୍ଣ୍ଣିମା ଅବସରରେ ସୋମବାର ପୂର୍ବାହ୍ନରେ ସ୍ଥାନୀୟ ମାଷ୍ଟରକ୍ୟାଣ୍ଟିନ୍‌ସ୍ଥିତ 'ପ୍ରେସ୍ କ୍ଲବ ଅଫ୍ ଓଡ଼ିଶା' ପ୍ରେକ୍ଷାଳୟର ଏକ ବର୍ଣ୍ଣାଢ଼୍ୟ ପରିବେଶରେ ଅନୁଷ୍ଠିତ ହୋଇଯାଇଅଛି । ବିଶିଷ୍ଟ ସାମ୍ବାଦିକ, ପ୍ରାକ୍ତନ ସାଂସଦ ତଥା 'ଧରିତ୍ରୀ'ର ସମ୍ପାଦକ ତଥାଗତ ସତପଥୀ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଏହି ସାରସ୍ୱତ ସମାରୋହକୁ ଉଦ୍‌ଘାଟନ କରିଥିବାବେଳେ ସମକାଳୀନ ଓଡ଼ିଆ ସାହିତ୍ୟର ବିଶିଷ୍ଟ କଥାକାର ଡଃ ଗୌରହରି ଦାସ ମୁଖ୍ୟ ଅତିଥି ଭାବେ ଏବଂ ବିଶିଷ୍ଟ ସାହିତ୍ୟିକ ଡକ୍ଟର ନୃସିଂହ ଚରଣ ଷଡ଼ଙ୍ଗୀ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ଏହି ଅବସରରେ ୨୦୨୪ ମସିହା ପାଇଁ 'ଜୀବନ ବ୍ୟାପୀ ସାରସ୍ୱତ ସାଧନା' ନିମନ୍ତେ ବିଶିଷ୍ଟ ସାହିତ୍ୟିକ, କଥାସମ୍ରାଟ ଡ. ବିଭୂତି ପଟ୍ଟନାୟକଙ୍କୁ 'ଶ୍ରେଷ୍ଠ ପ୍ରତିଭା ସମ୍ମାନ' ପ୍ରଦାନ କରାଯାଇଥିବା ବେଳେ ଅନ୍ୟତମ ବିଶିଷ୍ଟ କଥାକାର ପଦ୍ମଜ ପାଳଙ୍କୁ 'କଥାକଳିକା ସମ୍ମାନ', ଚିତ୍ରଶିଳ୍ପୀ ଶଶୀକାନ୍ତ ରାଉତଙ୍କୁ 'ବିଶିଷ୍ଟ ଚିତ୍ରଶିଳ୍ପୀ ସମ୍ମାନ' ପ୍ରଦାନ କରାଯାଇଥିଲା । ଏଥିସହ ଚଳିତବର୍ଷ ପାଇଁ କଥାକାର କ୍ଷୀରୋଦ ଦାସଙ୍କୁ "କର୍ମବୀର ଗୌରୀଶଙ୍କର ରାୟ ସ୍ମୃତି ପୁରସ୍କାର", ସ୍ନେହଲତା ଦାସ ଲେଙ୍କାଙ୍କୁ "ସମାଜସେବୀ ରବୀନ୍ଦ୍ରନାଥ ରାୟ ସ୍ମୃତି ପୁରସ୍କାର", ନଗେନ୍ଦ୍ରନାଥ ପଟ୍ଟନାୟକଙ୍କୁ "ସୁଲେଖିକା ସୁପ୍ରଭା ରାୟ ଅନୁବାଦ ପୁରସ୍କାର" ଏବଂ ଆଶାରାଣୀ ପଣ୍ଡା ଓ ସଂଯୁକ୍ତା ତ୍ରିପାଠୀଙ୍କୁ ଯୁଗ୍ମଭାବେ "ପିସ୍‌ଫ୍ଲୁଟ୍ ଫାଉଣ୍ଡେସନ୍ ଟ୍ରଷ୍ଟ ପୁରସ୍କାର" ପ୍ରଦାନ କରାଯାଇଥିବା ବେଳେ କିରଣବାଳା ମିଶ୍ର, ବିଜୟଲକ୍ଷ୍ମୀ ସାହୁ, ରୀନାରାଣୀ ରାଉତରାୟ, କିଶୋର ଚନ୍ଦ୍ର ଜେନା, ପ୍ରକାଶ କୁମାର ସାହୁ, ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ ଓ ନିରୂପମା କରଙ୍କୁ "କଥାକଳିକା ଗଳ୍ପ ପ୍ରୋତ୍ସାହନ ପୁରସ୍କାର" ପ୍ରଦାନ କରାଯାଇଥିଲା । କାର୍ଯ୍ୟାଳୟ କର୍ମଚାରୀ ବାବନ ସ୍ୱାଇଁ (ବସନ୍ତ)ଙ୍କୁ 'କଥାକଳିକା ସେବା-ସହଯୋଗ ସମ୍ମାନ' ସହ ଆନୁଷ୍ଠାନିକ ଭାବେ ସମ୍ବର୍ଦ୍ଧନା କରାଯାଇଥିଲା।

କଥାସମ୍ରାଟ୍ ଡ. ବିଭୂତି ପଟ୍ଟନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଭବ୍ୟ ସମାରୋହ ପ୍ରାରମ୍ଭରେ 'କଥାକଳିକା' ଓ 'ସମ୍ବାଦକଳିକା'ର ସମ୍ପାଦକ ଜୟାଶୀଷ ରାୟ ସମ୍ପାଦକୀୟ ବିବରଣୀ ପ୍ରଦାନ ସହ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରଚାର ଓ ପ୍ରସାର ସାଙ୍ଗକୁ ଯୁବ ଗଳ୍ପ ଲେଖକ ମାନଙ୍କୁ ଉନ୍ନତମାନର ଲେଖା ପାଇଁ ଦୀର୍ଘ ୧୦ ବର୍ଷ ଧରି 'କଥାକଳିକା' ଗଳ୍ପ ପ୍ରୋତ୍ସାହନ ଅଭିଯାନ ଜାରି ରହିଥିବା ବିଷୟ ସେ ଉଲ୍ଲେଖ କରିଥିଲେ । ସମାରୋହରେ ଅନ୍ୟତମ ଅତିଥି ଭାବେ ଯୋଗ ଦେଇ ପାରି ନଥିବା ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲୀପ ରାଉତରାଏ ପଠାଇଥିବା ଶୁଭେଚ୍ଛା ବାର୍ତ୍ତାକୁ ଶ୍ରୀ ରାୟ ପାଠ କରିଥିଲେ ।

ଉଦ୍‌ଘାଟକ ଶ୍ରୀ ସତପଥୀ ତାଙ୍କ ଅଭିଭାଷଣରେ କହିଥିଲେ ଯେ "ଆମ ଭାଷା ବଞ୍ଚିଲେ ଆମ ସାହିତ୍ୟ ବଞ୍ଚିବ । ଆଗ ଓଡ଼ିଆ ଭାଷାକୁ ବଞ୍ଚାଇବା ଲାଗି ଭାଷାପ୍ରୀତିକୁ ଜାଗ୍ରତ କରିବାର ଆବଶ୍ୟକତା ରହିଛି।" ଓଡ଼ିଆ ଭାଷା ପାଇଁ ପ୍ରଥମେ ଆମମାନଙ୍କ ମନରେ ଶ୍ରଦ୍ଧା ଓ ସମ୍ମାନବୋଧ ରହିବା ଏକାନ୍ତ ଜରୁରୀ । ସାରସ୍ୱତ ସାଧକମାନଙ୍କୁ ପ୍ରୋତ୍ସାହନ ଦେବା ଆନୁଷ୍ଠାନିକ କର୍ତ୍ତବ୍ୟ। ଏହି ପରିପ୍ରେକ୍ଷୀରେ 'କଥାକଳିକା' ପତ୍ରିକାର ଅଭିଯାନ ବହୁତ ଗୁରୁତ୍ୱପୂର୍ଣ୍ଣ ମନେହୁଏ। ଆଗାମୀ ଦିନମାନଙ୍କରେ ଏହି ସଂଗ୍ରାମ ନିଶ୍ଚିତ ଫଳପ୍ରଦ ହେବ । ନଅଙ୍କ ଦୁର୍ଭିକ୍ଷ ସମୟର ଓଡ଼ିଶାର ଅବସ୍ଥା ସମ୍ପର୍କରେ ସେହି କାଳଖଣ୍ଡର ଯେଉଁ ଦୁର୍ଦ୍ଦଶା ଚିତ୍ରଣ କରାଯାଇଛି, ସେଥିନେଇ କ୍ଷୋଭ ପ୍ରକାଶ କରି କହିଥିଲେ ଯେ ଓଡ଼ିଶା ସେହି ସମୟରେ ଶସ୍ୟ ଶ୍ୟାମଳା ଥିଲା । ଶସ୍ୟଭଣ୍ଡାର ପରିପୂର୍ଣ୍ଣ ଥିଲା । ମାତ୍ର ନଅଙ୍କ ଦୁର୍ଭିକ୍ଷ ପଡ଼ିଥିବା ନେଇ ଯେଉଁ ପ୍ରଚାର କରାଗଲା ତାହା ଫଳରେ ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗ, ବିହାର ଆଦିରୁ କୌଣସି ସାହାଯ୍ୟ ମିଳିନଥିଲା । ତତ୍କାଳୀନ ବ୍ରିଟିଶ୍ ସରକାର ଶାସନର କୌଣସି ସିଧାସଳଖ ପ୍ରଭାବ ଆମ ଉପରେ ନଥିବା ସତ୍ତ୍ୱେ ତତ୍କାଳୀନ ଗଡ଼ଜାତ ରାଜା ମହାରାଜାମାନଙ୍କ ଅତ୍ୟାଚାର ଓ ଉତ୍ପୀଡନରେ ମଧ୍ୟ ଓଡ଼ିଶା ବାସୀ ଅତିଷ୍ଠଥିଲେ । ଏହି ଅନ୍ୟାୟ ଓ ଅତ୍ୟାଚାର ବିରୁଦ୍ଧରେ ଯେଉଁମାନେ ଲଢେଇ କରିଥିଲେ, ସେମାନଙ୍କୁ ଦଣ୍ଡ ଭୋଗିବାକୁ ପଡ଼ିଥିଲା । ହେଲେ ଓଡ଼ିଆ ଜାତିର ଅତୀତ ଦୁଃଖଦ ଇତିହାସ କ'ଣ ସେ ବିଷୟରେ ଏବେ କେହି ଜାଣିବାକୁ ଚାହୁଁନାହାଁନ୍ତି । ଏ ମାଟି ଓ ଓଡ଼ିଆ ଭାଷାର ଗୁରୁତ୍ୱ କେତେ ଏବଂ ଭାରତବର୍ଷର ଇତିହାସରେ ଓଡ଼ିଶା ଓ ଓଡ଼ିଆମାନଙ୍କୁ କେମିତି ଉପେକ୍ଷା ବା ଅଣଦେଖା କରି ରଖାଯାଇଥିଲା, ସେ କଥା ମଧ୍ୟ କେହି ହୃଦୟଙ୍ଗମ କରୁନାହାଁନ୍ତି। ଛୋଟିଆ ଛୋଟିଆ ଫରକକୁ ଆମ ଲୋକେ ଜାଣିପାରୁ ନାହାଁନ୍ତି । ନୂଆ ଲେଖକମାନଙ୍କ ଜରିଆରେ 'କଥାକଳିକା' ଯେଉଁ ଅଭିଯାନ ଆରମ୍ଭ କରିଛି, ତାହା ପ୍ରଶଂସନୀୟ ଏବଂ ଏହାକୁ ଇତିହାସରେ ରେକର୍ଡ କରି ରଖିବାର ଭୂମିକା ଗ୍ରହଣ କରିବା ଦରକାର ବୋଲି ସେ ଦୃଢ଼ତା ପ୍ରକାଶ କରିଥିଲେ। ସେହିପରି ଓଡ଼ିଆର ଅସ୍ମିତା ଓ ସମ୍ମାନକୁ ବଜାୟ ରଖିବା ପାଇଁ ଯୁବ ସାହିତ୍ୟିକ, ଲେଖକମାନେ ସେମାନଙ୍କର ଲେଖନୀ *(ପୃଷ୍ଠା ୭ରେ)*

ଛତିଶଗଡ଼ରେ ଏନ୍‌କାଉଣ୍ଟର

ଯବାନଙ୍କ ଗୁଳିରେ ଟଳିଲେ ୬ ନକ୍ସଲ

ବିଜାପୁର, ୨୭।୩

ଏନ୍‌କାଉଣ୍ଟରରେ ଟଳିପଡ଼ିଲେ ନକ୍ସଲ। ଛତିଶଗଡ଼ ବିଜାପୁର ଜିଲ୍ଲାରେ ବୁଧବାର ସୁରକ୍ଷାକର୍ମୀଙ୍କ ଏନ୍‌କାଉଣ୍ଟରରେ ୬ ନକ୍ସଲ ପ୍ରାଣ ହରାଇଛନ୍ତି। ମୃତକଙ୍କ ମଧ୍ୟରେ ୨ ଜଣ ମହିଳା ଥିବା ଜଣାପଡ଼ିଛି।

ତେବେ ବିଜାପୁରର ଚିପୁରଭାଟି ନିକଟ ଜଙ୍ଗଲରେ ସୁରକ୍ଷାକର୍ମୀଙ୍କ ଦ୍ୱାରା ସର୍ଚ୍ଚ ଅପରେସନ କରାଯାଇଥିଲା। ଏହି ଅପରେସନରେ ଡିଆଇଜି (ବାସୁଗୁଡ଼ା ଜିଲ୍ଲା ରିଜର୍ଭ ଗାର୍ଡ), ସେଣ୍ଟ୍ରାଲ ରିଜର୍ଭ ପୋଲିସ ଫୋର୍ସ (ସିଆରପିଏଫ୍) ଓ କୋବ୍ରା କମାଣ୍ଡୋ ସାମିଲ ହୋଇଥିଲେ। ସର୍ଚ୍ଚ ଅପରେସନ ବେଳେ ଜଙ୍ଗଲ ମଧ୍ୟରୁ ନକ୍ସଲମାନେ ଗୁଳି ଚାଳନା କରିଥିଲେ। ଏହାର ଜବାବରେ ଯବାନମାନେ ପାଲଟା ଗୁଳି ଚାଳନା କରିଥିଲେ। ଉଭୟ ପକ୍ଷ ମଧ୍ୟରେ ଦୀର୍ଘ ସମୟ ଗୁଳି ବିନିମୟ ହେବା ପରେ ନକ୍ସଲମାନେ ଛତ୍ରଭଙ୍ଗ ଦେଇଥିଲେ। ପରେ ଜଙ୍ଗଲରେ ଖୋଜାଖୋଜି କରାଯାଇ ୬ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ନକ୍ସଲଙ୍କ ମଧ୍ୟରୁ୨ ମୃତଦେହ ମହିଳାଙ୍କର ବୋଲି ଜଣାଯାଇଛି। ଏହାଛଡ଼ା ଯବାନଙ୍କ ଗୁଳିରେ ଆହୁରି କିଛି ନକ୍ସଲ ଆହତ ହୋଇଛନ୍ତି। ତେବେ ସେମାନଙ୍କୁ ଖୋଜା ଚାଲିଛି। ଏଥିସହ ବହୁ ଅସ୍ତ୍ରଶସ୍ତ୍ର, ବିସ୍ଫୋରକ ସାମଗ୍ରୀ ମଧ୍ୟ ଜବତ ହୋଇଛି।

ଦ୍ୱିତୀୟ ପର୍ଯ୍ୟାୟ ସାଧାରଣ ନିର୍ବାଚନ ପାଇଁ ଆଜି ପ୍ରକାଶ ପାଇବ ବିଜ୍ଞପ୍ତି

ନୂଆଦିଲ୍ଲୀ, ୨୭।୩

ସାଧାରଣ ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ପାଇଁ ଗୁରୁବାର ଠାରୁ ପ୍ରାର୍ଥିପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହେବ। ଲୋକସଭା ସାଧାରଣ ନିର୍ବାଚନ ୨୦୨୪ରେ ମତଦାନ ହେବାକୁ ଥିବା ୧୨ ରାଜ୍ୟ/କେନ୍ଦ୍ର ଶାସିତ ଅଞ୍ଚଳର ୮୮ଟି ସଂସଦୀୟ କ୍ଷେତ୍ର ପାଇଁ ଗୁରୁବାର ଅର୍ଥାତ ୨୮ ମାର୍ଚ୍ଚ ୨୦୨୪ରେ ବିଜ୍ଞପ୍ତି ପ୍ରକାଶ ପାଇବ ।

ଦ୍ୱିତୀୟ ପର୍ଯ୍ୟାୟରେ ବାହ୍ୟ ମଣିପୁର ସଂସଦୀୟ ନିର୍ବାଚନ ମଣ୍ଡଳୀରେ ଆଂଶିକ ମତଦାନ ସହିତ ଉପରୋକ୍ତ ୮୮ଟି ସଂସଦୀୟ କ୍ଷେତ୍ରରେ ନିର୍ବାଚନ ଅନୁଷ୍ଠିତ ହେବ। ବାହ୍ୟ ମଣିପୁର ସଂସଦୀୟ କ୍ଷେତ୍ରର ବିଜ୍ଞପ୍ତିକୁ ପ୍ରଥମ ପର୍ଯ୍ୟାୟ ପାଇଁ ଜାରି ଗେଜେଟ୍ ବିଜ୍ଞପ୍ତିରେ ସାମିଲ କରାଯାଇଥିଲା। ବାହ୍ୟ ମଣିପୁର ସଂସଦୀୟ ନିର୍ବାଚନ କ୍ଷେତ୍ରର ୧୫ଟି ବିଧାନସଭା କ୍ଷେତ୍ରରେ ୧୯ ଏପ୍ରିଲ ୨୦୨୪ (ପର୍ଯ୍ୟାୟ ୧)ରେ ମତଦାନ ହେବ ଏବଂ ଏହି ସଂସଦୀୟ ନିର୍ବାଚନ ମଣ୍ଡଳୀର ୧୩ଟି ବିଧାନସଭା କ୍ଷେତ୍ରରେ ୨୬ ଏପ୍ରିଲ୍ ୨୦୨୪ (ଦ୍ୱିତୀୟ ପର୍ଯ୍ୟାୟ)ରେ ମତଦାନ ହେବ।

ଦ୍ୱିତୀୟ ପର୍ଯ୍ୟାୟରେ ସାମିଲ ରାଜ୍ୟ/କେନ୍ଦ୍ର ଶାସିତ ଅଞ୍ଚଳ ଗୁଡ଼ିକ ହେଉଛି – ଆସାମ, ବିହାର, ଛତିଶଗଡ଼, ଜମ୍ମୁ ଓ କଶ୍ମୀର, କର୍ଣ୍ଣାଟକ, କେରଳ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ତ୍ରିପୁରା, ଉତ୍ତର ପ୍ରଦେଶ ଓ ପଶ୍ଚିମବଙ୍ଗ। ଏହାବ୍ୟତୀତ ମଣିପୁରର ଗୋଟିଏ ସଂସଦୀୟ କ୍ଷେତ୍ର (ବାହ୍ୟ ମଣିପୁର)ର ଗୋଟିଏ ଭାଗ।

୨ଟି ପର୍ଯ୍ୟାୟରେ ୧୫ ଲୋକସଭା ୭୨ ବିଧାନସଭା ଆସନ ପାଇଁ ବିଜେଡିର ପ୍ରାର୍ଥୀ ତାଲିକା

ଭୁବନେଶ୍ୱର, ୨୭/୦୩ ନ୍ୟୁଜ ବ୍ୟୁରୋ

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ୨ଟି ପର୍ଯ୍ୟାୟରେ ୧୫ଟି ଲୋକସଭା ଓ ୭୨ ବିଧାନସଭା ଆସନ ପାଇଁ ବିଜେଡିର ପ୍ରାର୍ଥୀ ତାଲିକା ଘୋଷଣା କରିଛନ୍ତି । ମୁଖ୍ୟମନ୍ତ୍ରୀ ବୁଧବାର ସନ୍ଧ୍ୟା ସୁଦ୍ଧା ୧୫ଟି ଲୋକସଭା ନିର୍ବାଚନ ମଣ୍ଡଳୀ ପାଇଁ ପ୍ରାର୍ଥୀ ଘୋଷଣା କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ୯ ଜଣ ପାର୍ଥୀଙ୍କ ନାମ ତାଲିକା ଘୋଷଣା କରାଯାଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୬ ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। ଏହି ତାଲିକାରେ ପୁରୀରୁ ଅରୂପ ପଟ୍ଟନାୟକ, କଟକରୁ ସଂତୃପ୍ତ ମିଶ୍ର, ଯାଜପୁରରୁ ଶର୍ମିଷ୍ଠା ସେଠୀ, ଜଗତସିଂହପୁରରୁ ରାଜଶ୍ରୀ ମଲ୍ଲିକ, କନ୍ଧମାଳରୁ ଡ.ଅଚ୍ୟୁତ ସାମନ୍ତ ଓ ଢେଙ୍କାନାଳରୁ ଅବିନାଶ ସାମଲ ପ୍ରାର୍ଥୀ ହୋଇଛନ୍ତି। ସେହିପରି ସମ୍ବଲପୁରରୁ ପ୍ରଣବ ପ୍ରକାଶ ଦାସ, କଳାହାଣ୍ଡିରୁ ଲମ୍ବୋଦର ନିଆଳ, ଭୁବନେଶ୍ୱରରୁ ମନ୍ମଥ ରାଉତରାୟ, କେନ୍ଦ୍ରାପଡ଼ାରୁ ଅଂଶୁମାନ ମହାନ୍ତି, ନବରଙ୍ଗପୁରରୁ ପ୍ରଦୀପ ମାଝୀ, ସୁନ୍ଦରଗଡ଼ରୁ ପଦ୍ମଶ୍ରୀ ଦିଲୀପ ତିର୍କୀ, ମୟୂରଭଞ୍ଜରୁ ସୁଦାମ ମାର୍ଣ୍ଡି, ଆସିକାରୁ ରଞ୍ଜିତା ସାହୁ ଓ କୋରାପୁଟରୁ କୌଶଲ୍ୟା ହିକ୍କାଙ୍କୁ ପାର୍ଥୀ କରାଯାଇଛି।

ସେହିପରି ୭୨ଟି ବିଧାନସଭା ଆସନ ପାଇଁ ପ୍ରାର୍ଥୀ ତାଲିକା ଘୋଷଣା କରିଛନ୍ତି ଦଳର ସଭାପତି। ଏହି ତାଲିକା ଅନୁସାରେ ବିଷମ କଟକରୁ ଜଗନ୍ନାଥ ସାରକା, ଗୁଣପୁରରୁ ରଘୁନାଥ ଗମାଙ୍ଗ, ରାୟଗଡାରୁ ଅନୁସୂୟା ମାଝୀ, ବରଗଡ଼ ଦେବେଶ ଆଚାର୍ଯ୍ୟ, ବିଜେପୁରରୁ ରୀତା ସାହୁ, ଅତାବିରାରୁ ସ୍ନେହାଙ୍ଗିନୀ ଛୁରିଆ, ଭଟଲିରୁ ସୁଶାନ୍ତ ସିଂହ, ଜଳେଶ୍ୱରରୁ ଅଶ୍ୱିନୀ ପାତ୍ର, ବସ୍ତାରୁ ସୁବାସିନୀ ଜେନା, ଭଣ୍ଡାରିପୋଖରୀରୁ ସଂଜୀବ କୁମାର ମଲ୍ଲିକ, ଭଦ୍ରକରୁ ପ୍ରଫୁଲ୍ଲ ସାମଲ, ବାସୁଦେବପୁର ବିଷ୍ଣୁବ୍ରତ ରାଉତରାୟ, ଧାମନଗରରୁ ସଞ୍ଜୟ କୁମାର ଦାସ, ଚାନ୍ଦବାଲିରୁ ବ୍ୟୋମକେଶ ରାୟ, ବିଂଝାରପୁରରୁ ପ୍ରମିଳା ମଲ୍ଲିକ, ଧର୍ମଶାଳାରୁ ପ୍ରଣବ ବଳବନ୍ତରାୟ, ଯାଜପୁରରୁ ସୁଜାତା ସାହୁ, ସୁକିନ୍ଦାରୁ ପ୍ରୀତିରଞ୍ଜନ ଘଡେଇ, ଢେଙ୍କାନାଳରୁ ସୁଧୀର ସାମଲ, କାମାକ୍ଷାନଗରରୁ ପ୍ରଫୁଲ୍ଲ କୁମାର ମଲ୍ଲିକ, ପରଜଙ୍ଗରୁ ନୃସିଂହ ସାହୁ, ପାଲଲହଡାରୁ ମୁକେଶ କୁମାର ପାଲ, ଛେଣ୍ଡିପଦାରୁ ସୁଶାନ୍ତ ବେହେରା, ସୋନପୁରରୁ ନିରଞ୍ଜନ ପୂଜାରୀ, ଲୋଇସିଂହାରୁ ନିହାର ବେହେରା, ପାଟଣାଗଡରୁ ସରୋଜ ମେହେର, ବଲାଙ୍ଗୀରରୁ କଳିକେଶ ସିଂହଦେଓ, ଟିଟିଲାଗଡରୁ ଟୁକୁନି ସାହୁ, ନୂଆପଡ଼ାରୁ ରାଜେନ୍ଦ୍ର ଢୋଲକିଆ, ଉମରକୋଟରୁ ନବୀନା ନାୟକ, ଝରିଗାଁରୁ *(ପୃଷ୍ଠା ୭ରେ)*

TATA MOTORS

Light Commercial Vehicles Dealers

24 hours help line :

Sales : 7873770000

ଏକାଳ ସକାଳ

ଦଳ କରୁଛି ପ୍ରାର୍ଥୀ ଘୋଷଣା
କୁତୁ କୁତୁ ସବୁ ନେତା
ଚିହ୍ନା ମୁହଁ ବି ସାଇଡ଼ ହଟନ୍ତି
ନୂଆଙ୍କ ଓପନ ଖାତା
ବରଷା ଜୁଆଡେ ସେଆଡେ ଛତା
ରାଜନୀତି ଖେଳ ଭାରି କାଦୁଆ
ଫସିଯାଏ ପାଦ ଜୋତା

ଆମେରିକାକୁ କଡ଼ା ଜବାବ୍ ଦେଲା ଭାରତ

ନୂଆଦିଲ୍ଲୀ, ୨୭/୦୩

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ଗିରଫଦାରୀ ଉପରେ ଟିପ୍‌ପଣୀ ଦେଇଥିବାରୁ ଆମେରିକାକୁ ଭାରତ କଡ଼ା ଜବାବ ଦେଇଛି। ଭାରତର ଆଭ୍ୟନ୍ତରୀଣ ମାମଲାରେ ହସ୍ତକ୍ଷେପ କରିବା ଠିକ୍ ନୁହେଁ ବୋଲି ଭାରତ ରୋକଠୋକ୍ କହିଛି। ଏହା ସହିତ ଆମେରିକା ଦୂତାବାସର କାର୍ଯ୍ୟବାହକ ମିଶନ ଉପ ମୁଖ୍ୟ ଗ୍ଲୋରିୟା ବେର୍ବିନାଙ୍କୁ ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଜବାବ୍ ତଲବ୍ କରାଯାଇଛି। ଗ୍ଲୋରିୟାଙ୍କ ସହିତ ଭାରତୀୟ ବୈଦେଶିକ ମନ୍ତ୍ରଣାଳୟରେ ପ୍ରାୟ ୪୦ ମିନିଟ୍ ଆଲୋଚନା କରାଯାଇଥିବା କୁହାଯାଇଛି।

ଭାରତ ପକ୍ଷରୁ ଆମେରିକା ବୈଦେଶିକ ବିଭାଗର ପ୍ରବକ୍ତାଙ୍କ ଟିପ୍‌ପଣୀ ନେଇ ଆପତ୍ତି ପ୍ରକାଶ କରାଯାଇଛି। ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଭାରତର ନ୍ୟାୟିକ ପ୍ରକ୍ରିୟା ନେଇ ଆମେରିକା ବୈଦେଶିକ ବିଭାଗ ପ୍ରବକ୍ତାଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ମନ୍ତବ୍ୟ ଆପତ୍ତିଜନକ। ଭାରତର ସାର୍ବଭୌମତ୍ୱ ପ୍ରତି ଆକ୍ଷେପ କରିବା ସହ୍ୟ କରାଯିବ ନାହିଁ। ଏହା ଅନ୍ତର୍ଜାତୀୟ କୂଟନୀତିର ବିପରୀତ। *(ପୃଷ୍ଠା ୭ରେ)*

30 YEARS

ସମ୍ବାଦ କଳିକା

ଭୁବନେଶ୍ୱର, ୨୮ ମାର୍ଚ୍ଚ, ଗୁରୁବାର, ୨୦୨୪

ବିଏମ୍‌ସି ସ୍ମାର୍ଟ ରାସ୍ତାରୁ ହଟୁଛି ଫେଭର

ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ

ମହାନଗର ନିଗମରେ ଆଗରୁ ପିଚୁ ରାସ୍ତା ଥିଲା । ପରେ ଏଥିରେ ପରିବର୍ତ୍ତନ କରାଯାଇ ସବୁ ରାସ୍ତାକୁ କଂକ୍ରିଟ୍ କରାଗଲା । ମାତ୍ର ଏବେ ଦୁଇ ବର୍ଷ ହେବ ସହରର ଗଳିକନ୍ଦି ସବୁଠି ଫେଭର ବିଛା ହେଉଛି । ସ୍ମାର୍ଟ ରୋଡ୍ ନିର୍ମାଣ ହୋଇଛି । ଏପରିକି କଚ୍ଚା ପକ୍କା ଯୋଜନାରେ ନୂଆ ରାସ୍ତାରେ ମଧ ଫେଭର ପକାଉଛନ୍ତି । ହେଲେ ଏହାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । କେଉଁଠି ଫେଭର ଟାଇଲ୍ ବାହାରି ଗଲାଣି ତ ଆଉ କେଉଁଠି ଏହା ଭିତରକୁ ଦବିଗଲାଣି । କେତେକ ସ୍ଥାନରେ ପାଣି ପାଇପ୍ ସଂଯୋଗ ପାଇଁ ଫେଭର ବାହାର କରିଦିଆଯାଇଛି । ପାଣି ପାଇପ୍ ସଂଯୋଗ ପରେ ଫେଭର ଆଉ ପକାଇବା ସମ୍ଭବପର ହେଉନି । ଜେସିବି, ହିଟାଚୀ ଲଗାଇ ସେଗୁଡ଼ିକୁ ବାହାର କରାଯାଉଥିବାରୁ ଅଧିକାଂଶ ଟାଇଲ୍ ଖଣ୍ଡ ଖଣ୍ଡ ହୋଇଯାଉଛି । ଅନ୍ୟପଟେ ମହାନଗର ନିଗମର ମରାମତି କିମ୍ବା ପୁନଃନିର୍ମାଣ କାର୍ଯ୍ୟକ୍ରମ ନଥିବାରୁ ସ୍ମାର୍ଟ ରାସ୍ତା

ଏବେ କଦର୍ଯ୍ୟ ହୋଇପଡ଼ିଥିବା ଚିତ୍ର ସାମ୍ନାକୁ ଆସୁଛି । ସଦ୍ୟତମ ଚିତ୍ର ଲାଞ୍ଜିପଲ୍ଲୀ ଚନ୍ଦନନଗର ଛକ ଅଞ୍ଚଳରୁ ଆସିଛି । ବର୍ଷେ ପୂର୍ବରୁ ନିର୍ମାଣ କରାଯାଇଥିବା ଫେଭର ବ୍ଲକ୍ ଏବେ ଖୋଳିଦିଆଯାଇଛି । କିଏ କହୁଛି ପିଚୁ ରାସ୍ତା ଚଉଡ଼ା ହେବ ତ ଆଉ କିଏ କହୁଛି ପେଭର ସ୍ଥାନରେ କଂକ୍ରିଟ୍ ହେବ । ବାସ୍ତବରେ ଏଠି କଣ ହେବ ସ୍ଥାନୀୟ ଲୋକ ବି ଜାଣିନାହାନ୍ତି । ଦୀର୍ଘ ଦିନ ଧରି ଲାଞ୍ଜିପଲ୍ଲୀ–ଗୋସାଇଁ–ନୂଆଗାଁ ରାସ୍ତା ଅସଜଡ଼ା ଅବସ୍ଥାରେ ଥିଲା । ମାତ୍ର ଦୁଇ ମାସ ପୂର୍ବରୁ ଏହି ରାସ୍ତାରେ ପିଚୁ ପକାଇ ସଜଡ଼ାଯାଇ ଥିଲା । ମାତ୍ର ପାର୍ଶ୍ୱରେ ଥିବା ଫେଭର ବ୍ଲକ୍ ଠାରୁ ପିଚୁ ରାସ୍ତାର ଉଚ୍ଚତା ଏକ ଫୁଟ୍ ପାଖାପାଖି ରହିଥିଲା । ଯେଉଁଠି ନୀତି ଦୁର୍ଘଟଣା ଘଟୁଥିବା ଅଭିଯୋଗ ଆସିଲା । ସେହି ରାସ୍ତା ପାର୍ଶ୍ୱରେ ଥିବା ଫେଭର ବ୍ଲକ୍‌କୁ ଖୋଳି ଦିଆଯାଇଛି । ରାସ୍ତା ପାର୍ଶ୍ୱରେ ଖଣ୍ଡ ବିଖଣ୍ଡିତ ଫେଭର ଟାଇଲ୍ ପଡ଼ି ରହିଛି । ସେହିପରି କୋର୍ଟ ରାସ୍ତା ବା ଭିଭିଆଇପି ରୋଡ୍‌ରେ ବି ଫେଭର ଖୋଳାଯାଇଛି । ବିଚାରପତିଙ୍କ କ୍ୱାର୍ଟର ଠାରୁ ଆରମ୍ଭ କରି ବିଡ଼ିଏ ଅଫିସ୍ ଛକ ପର୍ଯ୍ୟନ୍ତ ଫେଭର ବ୍ଲକ୍ ଖୋଳି ଦିଆଯାଇଛି । ୧୫ ଦିନରୁ ଅଧିକ ହେବ ଏହାକୁ ଖୋଳିଥିଲେ ମଧ ଆଉ ମରାମତି ନାହିଁ କି ଫେଭର ବି ଦେଖାନାହିଁ । ୨୦୨୦ରେ କୋଭିଡ୍ ସମୟରେ ବିଏମ୍‌ସି ୩୩ ନମ୍ବର ୱାର୍ଡ଼ କମାପଲ୍ଲୀ ଛକ ବିଏନ୍‌ପୁର ଥାନା ନିକଟରୁ କୋର୍ଟପେଟା ଛକ ପର୍ଯ୍ୟନ୍ତ ରାସ୍ତା କଡ଼ରେ ଫେଭର ବିଛାଇଥିଲେ । ଏଥିପାଇଁ ୪ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା । ପାଣି ପାଇପ୍ କାମ ପାଇଁ ଡ୍ରୋଜର ଲଗାଇ ଫେଭର ସବୁ ଖୋଳି ଦିଆଗଲା । ଏହିଭଳି ସହରର ଅନେକ ସ୍ଥାନରେ ଫେଭର ଖୋଳି ପାଇପ୍ ସଂଯୋଗ କରାଯାଇଛି । ଗିରିରୋଡ୍ ରାସ୍ତା ପାର୍ଶ୍ୱ ଏହାର ଆଉ ଏକ ଉଦାହରଣ । ଏହା ପୂର୍ବରୁ ଆଙ୍କୋଲି–ଲାଞ୍ଜିପଲ୍ଲୀ ରାସ୍ତା ହରଚଣ୍ଡି ମନ୍ଦିର ପାର୍ଶ୍ୱରେ ପକାଯାଇଥିବା ଫେଭର ବ୍ଲକ୍‌କୁ ଖୋଳି ଦିଆଯାଇଛି । ବ୍ରହ୍ମପୁର ଷ୍ଟେସନ୍‌ର ୪ ନମ୍ବର ପ୍ଲାଟଫର୍ମକୁ ସଂଯୋଗ କରୁଥିବା ଏହି ରାସ୍ତାରେ ଟ୍ରାଫିକ୍ ସମସ୍ୟା ଉପୁଜିବାରୁ ସେହି ସ୍ଥାନରୁ ଜବରଦଖଲ ହଟାଇ ଫେଭର ବିଛାଇଥିଲେ । ଏବେ ସେଠାରୁ ଫେଭର ହଟାଇ ଭେଣ୍ଡିଂ ଜୋନ୍ ନିର୍ମାଣ ହୋଇଛି । ସେହିପରି ନେହେରୁ ନଗର ମୁଖ୍ୟ ଲାଇନ୍, ଦ୍ୱିତୀୟ ଓ ତୃତୀୟ ଲାଇନ୍‌ରେ ବି ଫେଭର ଖୋଳି ହୋଇଗଲାଣି । ୨୦୨୩–୨୪ ଆର୍ଥିକ ବର୍ଷରେ ୬୫୮୩ ମିଟର ପେଭର ବ୍ଲକ୍ ବିଏମ୍‌ସି ବିଛାଇଛି । ହେଲେ ଏହାର ରକ୍ଷଣାବେକ୍ଷଣ ବାବଦରେ ପଦକ୍ଷେପ ନିଆଯାଉ ନଥିବା କିମ୍ବା ମରାମତି ପାଇଁ ସୁଯୋଗ ନଥିବା କର୍ପୋରେଟରମାନେ ବି ଅଭିଯୋଗ କରୁଛନ୍ତି । ଦିଶାହୀନ ଭାବେ ଯୋଜନା କରାଯାଉଛି ଏବଂ ପୁଣି ସେଗୁଡ଼ିକ ଠିକଣା ଢଙ୍ଗରେ ତଦାରଖ ହେଉ ନ ଥିବାରୁ ଲକ୍ଷ ଲକ୍ଷ ଟଙ୍କା ବରବାଦ୍ ହେଉଥିବା ଅଭିଯୋଗ ହେଉଛି । ଏହିଭଳି ସହରର ପ୍ରତ୍ୟେକ ଫେଭର ବିଛାଯାଇଥିବା ରାସ୍ତାରେ କିଛି ନା କିଛି ସମସ୍ୟା ଦେଖାଦେଲାଣି । ମାତ୍ର ସେଗୁଡ଼ିକର ମରାମତି ଦିଗରେ ପଦକ୍ଷେପ ଶୂନ । ଦେଖିବା ପରେ କ'ଣ ହୋଇଛି କହିବେ ବୋଲି ବିଏମ୍‌ସି ନିର୍ବାହୀ ଯନ୍ତ୍ରୀ ଲଳିତ ମୋହନ ଦାସ କହିଛନ୍ତି ।

ଚଳିତ ସାଧାରଣ ନିର୍ବାଚନରେ ବିଭିନ୍ନ ରାଜନୈତିକ ଦଳ ଓ ପ୍ରାର୍ଥୀମାନଙ୍କ ଦ୍ୱାରା ସମ୍ଭାବ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦର ତାଲିକା ଚୂଡ଼ାନ୍ତ

କଟକ, ନ୍ୟୁଜ୍ ବ୍ୟୁରୋ

ଚଳିତ ସାଧାରଣ ନିର୍ବାଚନରେ ବିଭିନ୍ନ ରାଜନୈତିକ ଦଳ ଓ ପାର୍ଥୀମାନଙ୍କ ଦ୍ୱାରା ସମ୍ଭାବ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦର ତାଲିକା ଚୂଡ଼ାନ୍ତ ନିମନ୍ତେ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ବିନୀତ ଭରଦ୍ୱାଜଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ସର୍ବଶିକ୍ଷା ଅଭିଯାନ ସମ୍ମିଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଓ ସଂପୃକ୍ତ ଅଧିକାରୀମାନଙ୍କ ଉପସ୍ଥିତିରେ ଆଗାମୀ ନିର୍ବାଚନ ପରିପ୍ରେକ୍ଷୀରେ ରାଜନୈତିକ ଦଳ ଓ ପ୍ରାର୍ଥୀମାନଙ୍କ ଦ୍ୱାରା ବ୍ୟବହାର ହେବାକୁ ଥିବା ବିଭିନ୍ନ ସାମଗ୍ରୀର ଦର ଉପରେ ଆଲୋଚନା କରାଯାଇ ତାଲିକା ଚୂଡ଼ାନ୍ତ କରାଯାଇଥିଲା । ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସମ୍ମତି ସହ ଚୂଡ଼ାନ୍ତ ହୋଇଥିବା ଉକ୍ତ ତାଲିକାରେ ଧାର୍ଯ୍ୟଦର ଅପରିବର୍ତ୍ତନୀୟ ଅଟେ । ପ୍ରକାଶଥାଉକି ଧାର୍ଯ୍ୟ କରାଯାଇଥିବା ଉକ୍ତ ଦର ତାଲିକା ବିଭିନ୍ନ ବିଭାଗୀୟ ଅନୁମୋଦିତ ଦର ଅନୁଯାୟୀ ପ୍ରସ୍ତୁତ କରାଯାଇଛି । ରାଜନୈତିକ ଦଳମାନଙ୍କର ନିର୍ବାଚନୀ ଖର୍ଚ୍ଚର ହିସାବ ଏହି ତାଲିକା ଅନୁଯାୟୀ କରାଯିବ । ପୁନଶ୍ଚସୁବିଧା ପୋର୍ଟାଲ ଓ ମୋବାଇଲ ଆପ୍ ଜରିଆରେ ରାଜନୈତିକ ଦଳର ପାର୍ଥୀ ଓ ପ୍ରତିନିଧିମାନେ ବିଭିନ୍ନ ପ୍ରକାରର ଅନୁମତି ତଥା ପ୍ରାର୍ଥୀପତ୍ର ଦାଖଲ ନିମନ୍ତେ ଅନ୍‌ଲାଇନ୍ ଜରିଆରେ ଆବେଦନ କରିପାରିବେ ବୋଲି ଜିଲ୍ଲାପାଳ ଶ୍ରୀ ଭରଦ୍ୱାଜ ବୈଠକରେ ଡେମନଷ୍ଟ୍ରେସନ ମାଧ୍ୟମରେ ସୂଚିତ କରିଥିଲେ । ବୈଠକ ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ଶିବ ଟୋପୋ ପ୍ରସ୍ତୁତ ତାଲିକା ସମ୍ବନ୍ଧରେ ସମ୍ୟକ ସୂଚନା ଦେବା ଉପରାନ୍ତେ ପ୍ରତ୍ୟେକ ସମ୍ଭାବ୍ୟ ବ୍ୟାବହାର୍ଯ୍ୟ ସାମଗ୍ରୀ ଉପରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇଥିଲା । ଅନ୍ୟମାନଙ୍କ ମାଧ୍ୟମରେ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଉମାକାନ୍ତ ରାଜ, ଅତିରିକ୍ତ ଜିଲ୍ଲାପାଳ (ଉନ୍ନୟନ) ଦିବ୍ୟଲୋଚନ ମହନ୍ତ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ କଟକ ସୁବାସ ଚନ୍ଦ୍ର ରାୟ, ଉପଜିଲ୍ଲାପାଳ, କଟକ ସଦର ଜ୍ୟୋତି ଶଙ୍କର ରାୟ, ଉପଜିଲ୍ଲାପାଳ ବାଙ୍କୀ ଦେବୀରଞ୍ଜନ ମହାନ୍ତି, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ, କଟକ ମହାନଗର ନିଗମ ଉପଆୟୁକ୍ତ, ସୁମନ୍ତ କୁମାର କର, ଡେପୁଟୀ କଲେକ୍ଟର, ନିଷ୍ଠା ମହାପାତ୍ରଙ୍କ ସମେତ ସଂପୃକ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

ଭୋଟର ତାଲିକାରେ ନାମଥାଇ ଭୋଟର ପରିଚୟ ପତ୍ର ନଥିଲେ ବି ଦେଇହେବ ଭୋଟ୍

ଭଦ୍ରକ, ନ୍ୟୁଜ୍ ବ୍ୟୁରୋ

ଆଗାମୀ ଲୋକସଭା ଓ ଓଡ଼ିଶା ବିଧାନ ସଭା ସାଧାରଣ ନିର୍ବାଚନ ୨୦୨୪ ଅବସରରେ ନିର୍ବାଚନ ଆୟୋଗଙ୍କ ଘୋଷଣା ଅନୁଯାୟୀ ଭଦ୍ରକ ଜିଲ୍ଲାର ୫ଟି ବିଧାନସଭା ଓ ୧ଟି ଲୋକସଭା ଆସନ ପାଇଁ ଆସନ୍ତା ଜୁନ୍ ୧ ତାରିଖରେ ମତଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ସଶକ୍ତ ଗଣତନ୍ତ୍ର ପାଇଁ ମତଦାନ ଗୁରୁତ୍ୱପୂର୍ଣ୍ଣ ଅଟେ । କେହି ବି ଜଣେ ଭୋଟର ନିଜର ଗଣତାନ୍ତ୍ରିକ ଅଧିକାର ମତଦାନ ସାବ୍ୟସ୍ତ କରିବାରୁ ବିରତ ହେବା ଉଚିତ୍ ନୁହେଁ । ସୂଚନା ଯୋଗ୍ୟକି ଜିଲ୍ଲା ପ୍ରଶାସନ ତରଫରୁ ପ୍ରକାଶିତ ଭୋଟର ତାଲିକାରେ ନାମ ଥିବା ସମସ୍ତ ଭୋଟର ମତଦାନ ପାଇଁ ମତଦାନ କେନ୍ଦ୍ରକୁ ଯିବା ସମୟରେ ନିଜ ନିଜର ଭୋଟର ପରିଚୟ ପତ୍ର ସାଙ୍ଗରେ ନେବେ । ଯେକୌଣସି କାରଣରୁ ନିଜର ଭୋଟର ପରିଚୟ ପତ୍ର ନଥିଲେ ନିର୍ବାଚନ ଆୟୋଗ ଦ୍ୱାରା ସୂଚିତ ଅନ୍ୟ ୧୨ଟି ବିକଳ୍ପ ମଧ୍ୟରୁ ଯେକୌଣସି ଗୋଟିଏ ଫଟୋ ପରିଚୟ ପତ୍ରକୁ ଚିହ୍ନଟ ଭାବେ ବ୍ୟବହାର କରାଯାଇ ପାରିବ । ସେଥି ମଧ୍ୟରେ ଅଛି ଆଧାର କାର୍ଡ଼, ଏମ୍.ଏନ୍.ଇ.ଆର. ଇ.ଜି.ଏ ଜବ୍ କାର୍ଡ଼, ବ୍ୟାଙ୍କ ଓ ଡାକଘର ଦ୍ୱାରା ପ୍ରଦତ୍ତ ଫଟୋ ଥାଇ ପାସବୁକ୍, ଶ୍ରମ ମନ୍ତ୍ରଣାଳୟର ଯୋଜନାରେ ପ୍ରଦତ୍ତ ସ୍ୱାସ୍ଥ୍ୟବୀମା ସ୍ମାର୍ଟକାର୍ଡ଼, ଡ୍ରାଇଭିଂ ଲାଇସେନ୍ସ, ପ୍ୟାନ୍‌କାର୍ଡ଼, ଏନ.ପି.ଆର. ଅଧୀନ ଆର.ଜି.ଆଇ. ଦ୍ୱାରା ପ୍ରଦତ୍ତ ସ୍ମାର୍ଟ କାର୍ଡ଼, ଭାରତୀୟ ପାସପୋର୍ଟ, ଫଟୋଗ୍ରାଫ୍ ଥାଇ ପେନ୍‌ସନ୍ କାଗଜାଦି, କେନ୍ଦ୍ର ସରକାର/ରାଜ୍ୟ ସରକାର/ପି.ଏସ୍.ୟୁ/ପବ୍ଲିକ୍ ଲିମିଟେଡ୍ କମ୍ପାନୀର କର୍ମଚାରୀଙ୍କୁ ପ୍ରଦତ୍ତ ଫଟୋଥିବା ପରିଚୟ ପତ୍ର, ଏମ୍.ପି./ ଏମ୍.ଏଲ୍.ଏ. / ଏମ୍.ଏଲ୍.ସି. ମାନଙ୍କୁ ପ୍ରଦତ୍ତ କାର୍ଯ୍ୟାଳୟ ପରିଚୟ ପତ୍ର ଏବଂ କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟ ଏବଂ ସଶକ୍ତକରଣ ଦ୍ୱାରା ପ୍ରଦତ୍ତ ୟୁନିକ୍ ଭିନ୍ନକ୍ଷମ ପରିଚୟ ପତ୍ର । ପ୍ରକାଶ ଥାଉକି ଗତ ଜାନୁୟାରୀ ୫ ତାରିଖରେ ପ୍ରକାଶିତ ଭୋଟର ତାଲିକା ଅନୁଯାୟୀ ଭଦ୍ରକ ଜିଲ୍ଲାର ୬,୫୨,୭୨୧ ପୁରୁଷ ଭୋଟର, ୬,୧୧,୩୪୮ ମହିଳା ଭୋଟର ଓ ୧୫୧ ଜଣ ତୃତୀୟ ଲିଙ୍ଗୀ ଭୋଟରଙ୍କୁ ନେଇ ସମୁଦାୟ ୧୨,୬୪,୨୨୦ ଜଣ ଭୋଟର ଅଛନ୍ତି । ସେମାନଙ୍କ ମଧ୍ୟରେ ୧୮ ରୁ ୧୯ ବର୍ଷ ବୟସ ବର୍ଗରେ ୧୪,୨୩୯ ପୁରୁଷ, ୧୧,୬୭୨ ମହିଳା ଓ ୪ ଜଣ ତୃତୀୟ ଲିଙ୍ଗୀଙ୍କୁ ନେଇ ସମୁଦାୟ ୨୫,୯୧୫ ଭୋଟର ଅଛନ୍ତି । ସେହିପରି ବରିଷ୍ଠ ନାଗରିକ ୮୦ ବର୍ଷ ଓ ତହିଁରୁ ଉର୍ଦ୍ଧ୍ୱ ବୟସ ବର୍ଗରେ ୧୫,୩୫୩ ପୁରୁଷ, ୧୬,୦୦୫ ମହିଳା ଓ ୨ ଜଣ ତୃତୀୟ ଲିଙ୍ଗୀଙ୍କୁ ନେଇ ସମୁଦାୟ ୩୧,୩୬୦ ଜଣ ଭୋଟର ଅଛନ୍ତି । ଦିବ୍ୟାଙ୍ଗ ଭୋଟରଙ୍କ ମଧ୍ୟରେ ୧୪,୬୨୨ ପୁରୁଷ, ୧୩,୫୭୧ ମହିଳା ଏବଂ ଜଣେ ତୃତୀୟ ଲିଙ୍ଗୀଙ୍କୁ ନେଇ ସମୁଦାୟ ୨୮,୧୯୪ ଜଣ ଅଛନ୍ତି ।

ଫୁଲନଖରା ଓଭର ବ୍ରିଜ୍ ଉପରେ କାର୍‌କୁ ଧକ୍କା ଦେଲା ହାଇୱା

କଟକ, ନ୍ୟୁଜ୍ ବ୍ୟୁରୋ

କଟକ–ଫୁଲନଖରା ଜାତୀୟ ରାଜପଥ ଓଭର ବ୍ରିଜ୍ ଉପରେ କାରକୁ ଧକ୍କା ଦେଲା ବାଲି ବୋଝେଇ ହାଇୱା । ଦୁର୍ଘଟଣାରେ କାର୍‌ରେ ବସିଥିବା ଗୋଟିଏ ପରିବାରର ଲୋକେ ଅଳ୍ପକେ ମୃତ୍ୟୁମୁଖରୁ ବର୍ତ୍ତି ଯାଇଛନ୍ତି । ଗାଡ଼ି ମଧ୍ୟରେ ଛୋଟ ପିଲାକୁ ମିଶାଇ ଚାରି ଜଣ ବ୍ୟକ୍ତି ଥିଲେ । ଭୁବନେଶ୍ୱରରୁ କଟକ ଆଡ଼କୁ ଏକ ବାଲେନୋ କାର୍ ଆସୁଥିଲା । ଫୁଲ ନଖରା ଜାତୀୟ ରାଜପଥ ଓଭର ବ୍ରିଜ ଉପରେ ଏକ ହାଇୱା କାରକୁ ଧକ୍କା ଦେଇଥିଲା । ଘଟଣା ସ୍ଥଳରେ ପୋଲିସ ପହଞ୍ଚିଛି ।

ଫାର୍ମାସିଷ୍ଟ କଲେଜର ବାର୍ଷିକୋତ୍ସବ

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାପଡ଼ା ପୌରାଞ୍ଚଳ ଅନ୍ତର୍ଗତ ନୂଆ ବସ୍‌ଷ୍ଟାଣ୍ଡରେ ଥିବା ଜଣାଶୁଣା ଆକାଶ ଫାର୍ମାଶିଷ୍ଟ ଅନୁଷ୍ଠାନର ବାର୍ଷିକ ଉତ୍ସବ କଲେଜର ପ୍ରିନ୍ସପାଲ ପ୍ରଫେସର ଡଃ ପ୍ରସନ୍ନ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ଓ.ୟୁ.ଏଚ.ଏସ୍.ର ଡିନ ପ୍ରଫେସର ଡଃ ସନ୍ତୋଷ କୁମାର ମହାପାତ୍ର ମୁଖ୍ୟ ଅତିଥି ଭାବେ, ଡାକ୍ତର ବିରେନ୍ଦ୍ର କୁମାର ଦାଶ ମୁଖ୍ୟ ବକ୍ତା, ସମ୍ମାନୀୟ ଅତିଥି ଭାବେ ଉତ୍କଳ ୟୁନିଭରସିଟିର ପ୍ରଫେସର ଡଃ ସୁଶାନ୍ତ କୁମାର ସାହୁ, ଅନୁଷ୍ଠାନର ଚେୟାରମ୍ୟାନ ଅକ୍ଷୟ କୁମାର ପତି ପ୍ରମୁଖ ଯୋଗ ଦେଇ ଅନୁଷ୍ଠାନରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀ ମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଅନୁଷ୍ଠାନରେ ପାଠ ପଢୁଥିବା ଛାତ୍ରଛାତ୍ରୀ ମାନଙ୍କୁ ସମସ୍ତ ସୁବିଧା ଓ ସହଯୋଗ ଯୋଗାଇ ଦିଆଯାଉଥିବା ମୁଖ୍ୟ ଅତିଥି ପ୍ରକାଶ କରିଥିଲେ । ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ଉତ୍ତୀର୍ଣ୍ଣ ହୋଇଥିବା ୩ ଜଣ ଟପ୍ପରଙ୍କ ସମେତ ୮୨ ଜଣ ଛାତ୍ରଛାତ୍ରୀଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧନା ଦିଆଯାଇଥିଲା । କାର୍ଯ୍ୟକ୍ରମ ରେ ଅନୁଷ୍ଠାନର ଉପାଧ୍ୟକ୍ଷ ବସନ୍ତ କୁମାର ପତି, ସଂପାଦକ ସ୍ୱାଗତ କୁମାର ପତି, ଅନୁଷ୍ଠାନର ଭାଇସ୍ ପ୍ରିନ୍ସପାଲ ପ୍ରଭୁ ପ୍ରସାଦ ମିଶ୍ର ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

ରୟାଲ୍ ଅଫ୍ ଫାର୍ମାସୀର ବାର୍ଷିକ ଉତ୍ସବ

ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ

ସ୍ଥାନୀୟ ଅନ୍ଧପସରା ରୋଡ୍‌ସ୍ଥିତ ରୟାଲ୍ କଲେଜ୍ ଅଫ୍ ଫାର୍ମାସୀ ଏଣ୍ଡ୍ ହେଲ୍‌ଥ ସାଇନ୍ସର ବାର୍ଷିକ ଉତ୍ସବ ରୟାଲ୍ ଭାଇବ୍ରେସନ୍ ନାମରେ ବାର୍ଷିକ ଉତ୍ସବ ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ନିର୍ଦ୍ଦେଶକ ତଥା ସଭାର ଅଧ୍ୟକ୍ଷ ପ୍ରଫେସର ପିଏନ୍ ମୂର୍ତ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ରୂପେ ଡିଏମ୍‌ଇଟି ପ୍ରଫେସର ସଚ୍ଚିଦାନନ୍ଦ ମହାନ୍ତି ଯୋଗ ଦେଇଥିବା ବେଳେ ଯୁଗ୍ମ ଡିଏମ୍‌ଇଟି ଡା. ରାଜେନ୍ଦ୍ର କୁମାର ପଣ୍ଡା ସମ୍ମାନୀତ ଅତିଥି ରୂପେ ଯୋଗ ଦେଇଥିଲେ । ରୟାଲ୍ ଏଜୁକେସନ୍ ସୋସାଇଟିର ଅଧ୍ୟକ୍ଷ ଡ. ଟି. ପ୍ରକାଶ ରାଓ, କଲେଜର ଅଧ୍ୟକ୍ଷ ପ୍ରଫେସର ଏସ୍‌କେ ପଣ୍ଡା ମଞ୍ଚାସୀନ ଥିଲେ । ଉପାଧ୍ୟକ୍ଷ ପ୍ରଫେସର ୟୁଏସ୍ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ । ସଂଗ୍ରାମ କେଶରୀ, ଆଦିତ୍ୟ ନାରାୟଣ ପାଢ଼ୀ, ଜିଜ୍ଞାସା ଓ ମଧୁସ୍ମିତା ବେହେରାଙ୍କୁ ଡ. ସାଲେଶ୍ୱର ରାୟ ସ୍ମୃତି ପୁରସ୍କାର ପ୍ରଦାନ କରାଯାଇଥିଲା । ଏହା ବ୍ୟତୀତ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର ବିଜୟୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ପ୍ରଫେସର ଅଞ୍ଜନ କୁମାର ମହାପାତ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ ।

ସମ୍ମିଳିତ ଆଦିବାସୀ ସମାଜର ସାଧାରଣ ସଭା

ବ୍ରଜରାଜନଗର, ନ୍ୟୁଜ୍ ବ୍ୟୁରୋ

ସମ୍ମିଳିତ ଆଦିବାସୀ ସମାଜର ସାଧାରଣ ସଭା ସଂଗଠନର ସଭାପତି ମାଧବ ସିଂହ ନାଏକଙ୍କ ସଭାପତିତ୍ୱରେ କାପୁମାଲ ଗୋଁଣ୍ଡ ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ପ୍ରତି ଗରିବ ପରିବାରରୁ ସର୍ବନିମ୍ନ ଜଣକୁ ଚାକିରି, ଜଣକୁ ଗ୍ରାଜୁଏଟ ପର୍ଯ୍ୟନ୍ତ ଶିକ୍ଷା ଦାନ ଓ ଜମିହୀନ ପରିବାରକୁ ଜମି ଓ ଘରଡ଼ିହ ପଟ୍ଟା ଯୋଗାଇ ଦେବା ପାଇଁ ବୈପ୍ଳବିକ ପଦକ୍ଷେପ ନିଆଯିବ ବୋଲି ନିଷ୍ପତ୍ତି ହୋଇଛି । ଝାରସୁଗୁଡ଼ା ଜିଲ୍ଲା ଖଣି ଖାଦାନ, ଶିଳ୍ପ କାରଖାନା ବହୁଳ ଜିଲ୍ଲା ଭାବରେ ପରିଗଣିତ ଅଟେ । ରାଜ୍ୟ ତଥା ଦେଶର ସିଂହଭାଗ ରେଭେନ୍ୟୁ ଯୋଗାଇ ଆସୁଛି । ହେଲେ ମଧ ୯୦ରୁ ୯୫ ପ୍ରତିଶତ ଗରିବ, ଖଟିଆ, ମୂଳିଆ ଆଦିବାସୀ ପରିବାରମାନଙ୍କୁ ଗୋଟିଏ ହେଲେ ଚାକିରି ଯୋଗାଇ ଦିଆଯାଉନାହିଁ । ବାହାର ରାଜ୍ୟର ବ୍ୟକ୍ତିବିଶେଷଙ୍କୁ ଅନୈତିକ ଭାବରେ ଚାକିରି ଦିଆଯାଉଛି । ଜିଲ୍ଲାର ଜଙ୍ଗଲ ସଂପୂର୍ଣ୍ଣ ଲୋପ ପାଇବାକୁ ଯାଉଛି, କିଛି ଦିନ

ଆଗରୁ ସରକାର ଆଦିବାସୀ ପରିବାରଙ୍କୁ ଜଙ୍ଗଲ ଜମି ଯୋଗାଇ ଦେବା ପାଇଁ ପ୍ରତି ତହସିଲଦାର ମାନଙ୍କୁ କୋଅର୍ଡିନେଟର ଭାବରେ ନିଯୁକ୍ତି ଦେଇଥିଲେ । ସେଥିପାଇଁ ରାଜ୍ୟର ଆଦିବାସୀ ଓ ଅର୍ଥ ବିଭାଗ ମଞ୍ଜୁରୀ ଦେଇଥିଲା କିନ୍ତୁ ଝାରସୁଗୁଡ଼ା ଜିଲ୍ଲାରେ ଆଜି ପର୍ଯ୍ୟନ୍ତ ତା'ର ଫଳାଫଳ ମିଳିନାହିଁ । ଅନ୍ୟ ଦିଗରେ ଯାହା ଜଣାପଡୁଛି ଜିଲ୍ଲାର ବହୁ ଜମି ଅନିୟମିତ ଭାବରେ ଦଲାଲ ମାଧ୍ୟମରେ ଛୋଟ ବଡ଼ କମ୍ପାନୀମାନେ କିଣିବା ଦ୍ୱାରା ଆଦିବାସୀ ଦଳିତ ପରିବାର ଜମିହୀନ ହୋଇ ସାରିଛନ୍ତି । ରାଜନୈତିକ କ୍ଷେତ୍ରରେ ଏଠାକାର ଲକ୍ଷାଧିକ ଆଦିବାସୀ ଭୋଟରଙ୍କୁ ଭାଗ ଭାଗ କରି ବିଭିନ୍ନ ଦଳ ପ୍ରଲୋଭିତ କରୁଛନ୍ତି । ଏହାକୁ ଦୃଷ୍ଟିରେ ରଖି ସମ୍ମିଳିତ ଆଦିବାସୀ ସମାଜ ଦୀର୍ଘଦିନ ହେଲା ଗରିବ, ଖଟିଆ, ମୂଳିଆ ମାନଙ୍କର ଆର୍ଥିକ, ଶିକ୍ଷା, ସାମାଜିକ ଓ ରାଜନୈତିକ ଉନ୍ନତି ପାଇଁ କାର୍ଯ୍ୟ କରି ଆସୁଛି । ଆଗାମୀ ଦିନରେ ଝାରସୁଗୁଡ଼ା ଜିଲ୍ଲାରେ ବସବାସ କରୁଥିବା ସମସ୍ତ ଏଗାରଟି ଆଦିବାସୀ ସମାଜକୁ ନେଇ ଗଠିତ ହେବ ଆଦିବାସୀ ଶକ୍ତି ପୀଠ ସେବା ଟ୍ରଷ୍ଟ । ଏହି ଟ୍ରଷ୍ଟ ଗଠିତ ହେଲେ ସମ୍ମିଳିତ ଆଦିବାସୀ ସମାଜ ପ୍ରତି ଗରିବ ପରିବାରରୁ ସର୍ବନିମ୍ନ ଜଣକୁ ଚାକିରି, ଜଣକୁ ଗ୍ରାଜୁଏଟ ପର୍ଯ୍ୟନ୍ତ ଶିକ୍ଷା ଦାନ ଓ ଜମିହୀନ ପରିବାରକୁ ଜମି ଓ ଘରଡ଼ିହ ପଟ୍ଟା ଯୋଗାଇ ଦେବା ପାଇଁ ବୈପ୍ଳବିକ ପଦକ୍ଷେପ ନେଇ ସରକାରଙ୍କର ବିଭିନ୍ନ କ୍ଷମତା ସମ୍ପର୍ଣ୍ଣ କମିଟି ଆଗରେ ଉପସ୍ଥାପନ କରାଯିବ ବୋଲି ନିଷ୍ପତ୍ତି ହୋଇଛି । ଏହି ସଭାରେ ପ୍ରମୁଖ ସଚିବ ଅଶୋକ କୁମାର ମାଝୀ, ଅଲ ଭାରତୀୟ ଗୋଁଣ୍ଡନା ଗୋଁଣ୍ଡ ମହାସଭା ରାଜ୍ୟ ସଭାପତି ତଥା ସମ୍ମିଳିତ ଆଦିବାସୀ ସମାଜର ଉପଦେଷ୍ଟା ମହେନ୍ଦ୍ର ନାଏକ, ସଭାପତି ଡମ୍ବରୁଧର ନାଏକ, ଶ୍ୟାମଲାଲ ନାଏକ, ପ୍ରେମସାଗର ଧୁରୁଆ, ବିନୋଦ ବିହାରୀ ବାଗ, ରାଜେଶ ନେଟି, ତ୍ରିଲୋଚନ ଡନସନା, ବାସୁଦେବ ଧୁରୁଆ , ନଳିନ ନାଏକ, ତପନ କାଲୋ, ଧର୍ମେନ୍ଦ୍ର କିଷାନ, ମୁରଲୀଧର ଭୋଇ, ବୀରେନ ମରେଇ, ପୁରୁଷୋତ୍ତମ ନେଟି, ରାଜେଶ ମୁଣ୍ଡା, ଲଳିନ୍ଦ୍ର ଓରାମ, ବିନୋଦ ମୁଣ୍ଡା, ଆଶାରାମ ମୁଣ୍ଡା ଦିଲୀପ ଲୁହା, ବିରେନ୍ଦ୍ର କିଷାନ, ନିର୍ମଳ ଦାଉ ପ୍ରମୁଖ ଉପସ୍ଥିତ ଥିଲେ ।

ବର୍ଷା ରାତିରେ ପଡ଼ିଲା ଛାତ : ଗୃହର ସ୍ଥାୟିତ୍ୱ ନେଇ ସନ୍ଦେହ

ନିଶ୍ଚିନ୍ତକୋଇଲି, ନ୍ୟୁଜ୍ ବ୍ୟୁରୋ

ଗତ କାଲ ବୈଶାଖୀ ବର୍ଷା ରାତିରେ ଗୃହର ଛାତ ପଡ଼ିବା ଘଟଣାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି । ଛାତ ପଡୁଥିଲା ବେଳେ ବିଭାଗୀୟ ଅଧିକାରୀ ଘଟଣାସ୍ଥଳରେ ଅନୁପସ୍ଥିତ ରହିବା ଘଟଣା ସାଧାରଣରେ ରହସ୍ୟବୃତ ହୋଇ ରହିଛି । ଗୃହର ସ୍ଥାୟୀତ୍ୱ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି । ନିଶ୍ଚିନ୍ତକୋଇଲି ବ୍ଲକ ବାବୁଜଙ୍ଗ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ନିର୍ମାଣ ପାଇଁ ସରକାର ୧କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମଞ୍ଜୁର କରିଥିଲେ । ଟେଣ୍ଡର ମାଧ୍ୟମରେ ଠିକାଦାର ଚୟନ କରାଯାଇଥିଲା । ଏହି ଗୃହ ନିର୍ମାଣ ନିମନ୍ତେ କୌଣସି ସୂଚନା ଫଳକ ଦିଆନଯାଇ ଲୋକଙ୍କୁ ଅନ୍ଧାର ଘେରରେ ରଖାଯାଇଥିବାର ଅଭିଯୋଗ ହୋଇଛି । ଏହି ଗୃହ ନିର୍ମାଣ ଅଟକଳ ଅନୁଯାଇ କରାଯାଇ ନଥିଲା ବେଳେ ଗୃହ ନିର୍ମାଣରେ ଅତ୍ୟନ୍ତ ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର କରାଯାଇଥିବାର ଅଭିଯୋଗ ହୋଇଛି । ଠିକାଦାର ମନମୁଖୀ ଭାବେ କାର୍ଯ୍ୟ କରୁଥିଲା ବେଳେ କୌଣସି ବିଭାଗୀୟ ଅଧିକାରୀ କାର୍ଯ୍ୟର ତଦାରଖ କରୁନଥିବାର ଅଭିଯୋଗ ହୋଇଛି । ଏପରିକି ଗତ ୧୯ ତାରିଖ ରାତ୍ରରେ ସ୍ଥାନୀୟ ଅଞ୍ଚଳରେ କାଲ ବୈଶାଖୀ ଜନିତ ମୂଷଳ ଧାରାରେ ଲଗାଣ ବର୍ଷା ଜାରି ରହିଥିଲା । ଲଗାଣ ବର୍ଷା ଲାଗି ରହିଥିଲା ବେଳେ ଆଶ୍ଚର୍ଯ୍ୟ ଜନକ ଭାବେ ଠିକାଦାର ଲାଇଟ ଲଗାଇ ରାତ୍ରରେ ଗୃହର ଛାତ ବେନିୟମ ଭାବେ ପକାଇ ଥିବାର ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ଠିକାଦାର ସମସ୍ତ ସରକାରୀ ନୀତି ନିୟମକୁ ଖୋଲାଖୋଲି ଭାବେ ଉଲ୍ଲଙ୍ଘନ କରି ବର୍ଷା ରାତିରେ ଗୃହର ଛାତ ପକାଇବା କେତେଦୂର ସମୀଚୀନ ଏହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ଏହି ଗୃହ ନିର୍ମାଣରେ ବ୍ୟାପକ ଅନିୟମିତତା ଓ ଚଞ୍ଚକତା କରାଯାଇଥିବାର ଅଭିଯୋଗ ହୋଇଛି । ଫଳରେ ଏହି ଗୃହର ସ୍ଥାୟୀତ୍ୱ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି ।

କତା କଣ୍ଢେଇ ପ୍ରସ୍ତୁତି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ

ନିଶ୍ଚିନ୍ତକୋଇଲି, ନ୍ୟୁଜ୍ ବ୍ୟୁରୋ

ରାଜ୍ୟ ସରକାରଙ୍କ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ ପକ୍ଷରୁ ଚାଲିଥିବା ୬ମାସିଆ କତା କଣ୍ଢେଇ ପ୍ରସ୍ତୁତି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ନିଶ୍ଚିନ୍ତକୋଇଲି ବ୍ଲକ କେନ୍ଦୁପାଟଣା ଠାରେ ଉଦ୍‌ଯାପିତ ହୋଇଯାଇଛି । ଏହି ଅବସରରେ ଅନୁଷ୍ଠିତ ଉତ୍ସବରେ କଟକ ଜିଲ୍ଲା ଶିଳ୍ପକେନ୍ଦ୍ରର ସାଧାରଣ ପରିଚାଳକ ତରୁଣକାନ୍ତି ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦାନ କରି କତା କଣ୍ଢେଇ ତିଆରି ଓ କତାଶିଳ୍ପ ସ୍ଥାପନ ପ୍ରତି ଥିବା ସୁବିଧା ସୁଯୋଗ ଉପରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଶିଳ୍ପ ବିକାଶ ଅଧିକାରୀ ମନୋଜ କୁମାର ମହାପାତ୍ର, ସାଲେପୁର ବ୍ଲକ ଶିଳ୍ପ ବିକାଶ ଅଧିକାରୀ ରଞ୍ଜିତା ମହନ୍ତ, ଜିଲ୍ଲା ଦୀପାଟିମର ସଂଯୋଜିକା ସ୍ୱପ୍ନା ଦାସ, ପରିବାର ସଭାପତି ସାମ୍ବାଦିକ ବଲ୍ଲଭ ଚରଣ ପଲେଇ, ପ୍ରଶିକ୍ଷିକା ସୌଦାମିନୀ ପତି, ସ୍ନେହଶ୍ରୀ ମହନ୍ତ ପ୍ରମୁଖ ଅତିଥିରୂପେ ଯୋଗଦାନ କରି ବକ୍ତବ୍ୟ ପ୍ରଦାନ କରିଥିଲେ । ପରିବାର ସମ୍ପାଦକ ପ୍ରମୋଦ କୁମାର ନାୟକଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ଶିକ୍ଷୟିତ୍ରୀ ସସ୍ମିତା ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ମାମିନା ଭୋଇ, ମିନତି ଦାସ, ଶୈଳବାଳା ଭୂୟାଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ପୂର୍ଣ୍ଣ ସହଯୋଗ କରିଥିଲେ ।

୩ବର୍ଷରେ ୧୨ ହଜାରରୁ ଉର୍ଦ୍ଧ୍ୱ ନିର୍ମାଣ ଶ୍ରମିକ ହିତାଧିକାରୀ ଉପକୃତ

ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ

ନିର୍ମାଣ ଶ୍ରମିକ ଓ ସେମାନଙ୍କ ପରିବାର ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ରହିଛି ବିଭିନ୍ନ ଯୋଜନା । ସେହିପରି ନିର୍ମାଣ ଶ୍ରମିକଙ୍କ କଲ୍ୟାଣ ଯୋଜନାରେ ଅନୁବନ୍ଧିତ ବିଭିନ୍ନ ବର୍ଗର ଶ୍ରମିକଙ୍କୁ ମଧ ଯୋଗାଇ ଦିଆଯାଉଛି ସହାୟତା । ୨୦୧୪ ମସିହା ଠାରୁ ଏହି ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଉଛି । ସେଥି ମଧ୍ୟରୁ ଶିକ୍ଷା ସହାୟତା ପାଇଁ ସର୍ବନିମ୍ନ ୨ହଜାରରୁ ୪୦ ହଜାର ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ପ୍ରଦାନର ବ୍ୟବସ୍ଥା ରହିଛି । ମୃତ୍ୟୁକାଳୀନ ସହାୟତା ବାବଦକୁ ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି । ସ୍ୱାଭାବିକ୍ ମୃତ୍ୟୁ କ୍ଷେତ୍ରରେ ୨ଲକ୍ଷ ଟଙ୍କା ଓ ଦୁର୍ଘଟଣାଜନିତ ମୃତ୍ୟୁ ପାଇଁ ୪ଲକ୍ଷ ଟଙ୍କା ପ୍ରଦାନ କରାଯାଉଛି । ସେହିଭଳି ଅନ୍ତ୍ୟେଷ୍ଟି କ୍ରିୟା ପାଇଁ ୫ ହଜାର ଓ ଝିଅଙ୍କ ବିବାହ ସହାୟତା ପାଇଁ ୫୦ ହଜାର ସହାୟତା ରାଶି ପ୍ରଦାନ କରାଯାଉଛି । ସେହିପରି ପ୍ରସୂତିକାଳୀନ ସହାୟତା ନିମନ୍ତେ ୧୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଉଛି । ଅନ୍ୟପକ୍ଷରେ ଯୋଜନାଗୁଡ଼ିକୁ ହିତାଧିକାରୀଙ୍କ ନିକଟରେ ପହଁଞ୍ଚାଇବା ପାଇଁ ଅନ୍‌ଲାଇନ୍ ଆବେଦନ ବ୍ୟବସ୍ଥା ରାଜ୍ୟ ସରକାରଙ୍କ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ପକ୍ଷରୁ କରାଯାଇଛି । ଗତ ୩ ବର୍ଷ ମଧ୍ୟରେ ବ୍ରହ୍ମପୁର ଶ୍ରମ ଜିଲ୍ଲାରେ ୧୨ ହଜାର ୪୮୪ ଜଣ ହିତାଧିକାରୀଙ୍କୁ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ରାଶି ପ୍ରଦାନ କରାଯାଇଥିବା ଜଣାପଡ଼ିଛି । ସେଥିମଧ୍ୟରୁ ଶିକ୍ଷା ସହାୟତା ନିମନ୍ତେ ସର୍ବାଧିକ ୬ ହଜାର ୪୬୭ ଜଣଙ୍କୁ ସହାୟତା ପ୍ରଦାନ କରାଯାଇଛି । ବ୍ରହ୍ମପୁର ଯୁଗ୍ମ ଶ୍ରମଆୟୁକ୍ତ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ୨୦୨୩–୨୪ ମସିହାରେ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ମୋଟ ୪ହଜାର ୭୬୪ ଜଣଙ୍କୁ ସହାୟତା ମିଳିଛି । ସେଥି ମଧ୍ୟରୁ ୨୧୪୭ ଜଣଙ୍କୁ ଶିକ୍ଷା ସହାୟତା ବାବଦରେ ମୋଟ ଏକ କୋଟି ୧୩ ଲକ୍ଷ ୯୧ ହଜାର ୪ଶହ ଟଙ୍କା ପ୍ରଦାନ କରାଯାଇଛି । ସେହିଭଳି ୧୮୯୩ ଜଣଙ୍କୁ ବିବାହ ସହାୟତା ପ୍ରଦାନ ବାବଦରେ ୯ କୋଟି ୩୯ ଲକ୍ଷ ୫୦ ହଜାର ଟଙ୍କା ପ୍ରଦାନ କରାଯାଇଛି । ୩୧ ଜଣଙ୍କୁ ପ୍ରସୂତିକାଳୀନ ସହାୟତା ବାବଦରେ ମୋଟ ୩ଲକ୍ଷ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି । ସେହିପରି ଅନ୍ତ୍ୟେଷ୍ଟି କ୍ରିୟା ପାଇଁ ୩୨୩ ଜଣଙ୍କୁ ୧୬ଲକ୍ଷ ୧୫ହଜାର ଟଙ୍କା, ମୃତ୍ୟୁକାଳୀନ ସହାୟତା ପାଇଁ ୩୭୦ ଜଣଙ୍କୁ ୭ କୋଟି ୨୩ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି । ସେହିପରି ୨୦୨୨–୨୩ ମସିହାରେ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ମୋଟ ୧୧୩୬ ଜଣଙ୍କୁ ସହାୟତା ପ୍ରଦାନ କରାଯାଇଛି । ଶିକ୍ଷା ସହାୟତା ନିମନ୍ତେ ୧୩୭ ଜଣଙ୍କୁ ୬୬ ଲକ୍ଷ ୬୦ ହଜାର ଟଙ୍କା ପ୍ରଦାନ କରାଯାଇଛି । ସେହିପରି ବିବାହ ସହାୟତା ପାଇଁ ୪୫୩ ଜଣଙ୍କୁ ୨ କୋଟି ୨୪ ଲକ୍ଷ ୫୦ ହଜାର ଟଙ୍କା ପ୍ରଦାନ, ପ୍ରସୂତୀକାଳୀନ ସହାୟତା ପାଇଁ ୧୨୦ ଜଣଙ୍କୁ ୧୧ ଲକ୍ଷ ୯୬ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ସେହିପରି ଅନ୍ତ୍ୟେଷ୍ଟିକ୍ରିୟା ନିମନ୍ତେ ୨ଶହ ଜଣଙ୍କୁ ୧୦ ଲକ୍ଷ ଟଙ୍କା ଦିଆଯାଇଥିବା ବେଳେ ମୃତ୍ୟୁକାଳୀନ ସହାୟତା ପାଇଁ ୨୨୬ ଜଣଙ୍କୁ ୪କୋଟି ୩୯ ଲକ୍ଷ ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି । ସେହିପରି ୨୦୨୧–୨୨ ମସିହାରେ ମୋଟ ୬ ହଜାର ୫୮୪ ଜଣଙ୍କ ସହାୟତା ପ୍ରଦାନ କରାଯାଇଛି । ଶିକ୍ଷା ସହାୟତା ନିମନ୍ତେ ୪୧୯୩ ଜଣଙ୍କୁ ୧ କୋଟି ୮୭ ଲକ୍ଷ ୭୬ ହଜାର ୨ଶହ ଟଙ୍କା ପ୍ରଦାନ କରାଯାଇଥିବା ବେଳେ ବିବାହ ସହାୟତା ପାଇଁ ୧୮୪୯ ଜଣଙ୍କୁ ୮ କୋଟି ୯୪ ଲକ୍ଷ ୫୦ ହଜାର ଟଙ୍କା ଦିଆଯାଇଛି । ସେହିପରି ପ୍ରସୂତିକାଳୀନ ସହାୟତା ପାଇଁ ୧୧୫ ଜଣଙ୍କୁ ୧୧ ଲକ୍ଷ ୫୦ ହଜାର ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି । ଏହା ସହ ଅନ୍ତ୍ୟେଷ୍ଟି କ୍ରିୟା ବାବଦକୁ ୨୪୩ ଜଣଙ୍କୁ ୧୨ ଲକ୍ଷ ୧୧ ହଜାରେ ୮ଶହ ଟଙ୍କା ଦିଆଯାଇଥିବା ବେଳେ ମୃତ୍ୟୁକାଳୀନ ସହାୟତା ନିମନ୍ତେ ୨୩୮ ଜଣଙ୍କୁ ୪ କୋଟି ୫୯ ଲକ୍ଷ ୫୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି ।

ଶତାୟୁ ବୃଦ୍ଧାଙ୍କ ପରଲୋକ

ନିଶ୍ଚିନ୍ତକୋଇଲି, ନ୍ୟୁଜ୍ ବ୍ୟୁରୋ

ନିଶ୍ଚିନ୍ତକୋଇଲି ବ୍ଲକ ସାନ୍ତପୁର ଗ୍ରାମର ଶତାୟୁ ବୃଦ୍ଧା ସଖି ମହାନ୍ତିଙ୍କ ବାର୍ଦ୍ଧକ୍ୟ ଜନିତ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୧୦୪ବର୍ଷ ହୋଇଥିଲା । ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ପୁତ୍ର ପ୍ରଫୁଲ କୁମାର ମହାନ୍ତି, ପୁତ୍ରବଧୂ ନାତି ନାତୁଣୀ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ । ତାଙ୍କ ମରଶରୀରକୁ ଏକ ବିରାଟ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ୍ୟ ଶ୍ମଶାନରେ ଦାହ କରାଯାଇ ଥିଲା । ତାଙ୍କର ପୁତ୍ର ପ୍ରଭାତ କୁମାର ମହାନ୍ତି ମୁଖାଗ୍ନି ଦେଇଥିଲେ । ତାଙ୍କ ମୃତ୍ୟୁରେ ସମିତି ସଭ୍ୟ ବିଶ୍ୱନାଥ ନାୟକ, ଯୁବ ସମାଜସେବୀ ସୁଧାଂଶୁ ଶେଖର ମହାନ୍ତି ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଗଭୀର ଶୋକବ୍ୟକ୍ତ କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି ।

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୮ ମାର୍ଚ୍ଚ ୨୦୨୪ ଗୁରୁବାର

ନିମ୍ନମାନର ନିର୍ମାଣ କାର୍ଯ୍ୟର ତଦନ୍ତ ଦାବି କଲେ ଜନସାଧାରଣ

ସାଲେପୁର, ନ୍ୟୁଜ୍

କଟକ ଜିଲ୍ଲା ସାଲେପୁର ଗ୍ରାମଉନ୍ନୟନ ଉପଖଣ୍ଡ ଅନ୍ତର୍ଗତ ମାହାଙ୍ଗା ନିର୍ବାଚନ ମଣ୍ଡଳୀରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ବିଭିନ୍ନ କଂକ୍ରିଟ ରାସ୍ତା, କଲ୍‌ଭର୍ଟ, ଗାର୍ଡ୍‌ୱାଲ ଏବଂ ପିଚୁ ସଡ଼କ ନିର୍ମାଣ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନ ହେଉଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଛି । ସବୁଠି ଧର୍ମକୁ ଆଖିଠାର ସଦୃଶ କାର୍ଯ୍ୟ ହେଉଥିବା ବେଳେ, ଠିକାଦାର ଓ ବିଭାଗୀୟ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକାକୁ ସାଧାରଣରେ ତୀବ୍ର ସମାଲୋଚନା କରାଯାଉଛି । ଗୋକନ ପଲ୍ଲୀସାହି ରାସ୍ତାରେ ନିମ୍ନମାନର ସିମେଣ୍ଟ ଏବଂ ଗୋଡି ବ୍ୟବହାର କରାଯାଉଥିବା ବେଳେ ଠିକାଦାର ସରକାରୀ ନୀତି ନିୟମକୁ ଉଲ୍ଲଂଘନ କରି ଢ଼ଳେଇ ରାସ୍ତା

ନିର୍ମାଣ କରୁଛି । ଯାହାର ସ୍ଥାୟୀତ୍ୱକୁ ନେଇ ଉଠିଛି ପ୍ରଶ୍ନବାଚୀ । ଏଭଳି ଏକ ଅନିୟମିତତା ଦେଖିବାକୁ ମିଳିଛି ଗୋକନ- ପଲ୍ଲୀସାହି ରାସ୍ତାରେ । ୭ କିଲୋମିଟର ଦୂରତା ବିଶିଷ୍ଟ ଏହି ରାସ୍ତାକୁ କଂକ୍ରିଟ ରାସ୍ତାରେ ପରିଣତ କରିବା ପାଇଁ ୫ କୋଟି ୨୫ ଲକ୍ଷ ଟଙ୍କା ଯୋଗାଇ ଦିଆଯାଇଥିଲା । ଗତ ଦୀର୍ଘ ୨ ବର୍ଷ ବିତିବାକୁ ବସିଥିବା ବେଳେ ରାସ୍ତା ନିର୍ମାଣ କାର୍ଯ୍ୟ ସରିବାର ନାଆଁ ଧରୁନି । ଖଦୋଳ ଠାରେ ଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ ରାସ୍ତା କାର୍ଯ୍ୟର ତଦାରଖ ପାଇଁ ଆସୁନାହାନ୍ତି । ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ଚାଲିଛି ଏହି କଂକ୍ରିଟ ରୋଡ୍ ନିର୍ମାଣ କାର୍ଯ୍ୟ । ରାସ୍ତାର ସ୍ଥାୟୀତ୍ୱକୁ ନେଇ ସ୍ଥାନୀୟ ଗ୍ରାମବାସୀମାନେ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅବଗତ କରାଇବା ସତ୍ତ୍ୱେ, କେହି କର୍ଣ୍ଣପାତ କରୁନାହାନ୍ତି । ସରକାରୀ ଅନୁଦାନ ବାଟମାରଣା ଯୋଗୁଁ ସାଧାରଣରେ ଅସନ୍ତୋଷ ମୁଣ୍ଡ ଟେକିଛି । ଘଟଣା ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀଙ୍କୁ ଯୋଗାଯୋଗ କରାଯାଇଥିବା ବେଳେ, ସେ ନିର୍ମାଣସ୍ଥଳୀଙ୍କୁ ଯାଇ ଘଟଣାର ତଦନ୍ତ କରିବେ ବୋଲି ସୂଚନା ଦେଇଥିଲେ । ସମୟ କହିବ, କେବେ ସଜାଗ ହେବେ ସରକାରୀ ବାବୁ, ଜନ ଅସନ୍ତୋଷ ଉପରେ ଦିଆଯିବ ଗୁରୁତ୍ୱ । ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିମ୍ନମାନର କଂକ୍ରିଟ ରାସ୍ତା ନିର୍ମାଣ କରୁଥିବା ଠିକାଦାର ଉପରେ କେବେ ଲାଗିବ ସରକାରୀ ଅଙ୍କୁଶ ।

କେନ୍ଦ୍ରାପଡ଼ା ଜିଲ୍ଲାରେ ବଢୁଛି ଯକ୍ଷ୍ମା ରୋଗୀଙ୍କ ସଂଖ୍ୟା:ପଟ୍ଟାମୁଣ୍ଡାଇରେ ସର୍ବାଧିକ

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାପଡା ଜିଲ୍ଲାରେ ବିଗତ ୪-୫ ବର୍ଷ ହେଲା ଯକ୍ଷ୍ମା ରୋଗୀଙ୍କ ସଂଖ୍ୟା ବଢିବାରେ ଲାଗିଛି । ସଚେତନତାର ଅଭାବରୁ ଏହି ସଂଖ୍ୟା ବଢିବାରେ ଲାଗିଥିବା ନେଇ ସାଧାରଣରେ ଆଲୋଚନା ହେଉଛି । ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଦ୍ୱାରା ଆୟୋଜିତ ବିଶ୍ୱ ଯକ୍ଷ୍ମା ଦିବସ ଅବସରରେ ଏକ ସଭାରେ ଡାକ୍ତର ଅନିତା ପଟ୍ଟନାୟକଙ୍କ ଅଧକ୍ଷତାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯକ୍ଷ୍ମା ବିଶେଷଜ୍ଞ ଡାକ୍ତର ପ୍ରଦୀପ୍ତ କୁମାର ବେହେରା, ଡିଡବ୍ଲୁଓ ଗୁରୁଚରଣ ମଲ୍ଲିକ, ଡିପିଏଚସିଓ ମିନତୀ ମହାପାତ୍ର, ଏଏନଏମର ପ୍ରିନ୍ସପାଲ ଭାରତୀ ସ୍ୱାଇଁ, ଡିପିସି ବିଶ୍ୱ ରଂଜନ ଦାସ, ପିପିଏମ ଜ୍ୟୋତି ରଂଜନ ନାୟକ ପ୍ରମୁଖ ଉପସ୍ଥିତ ରହି ବିଶ୍ୱ ଯକ୍ଷ୍ମା ଦିବସ ଉପରେ ଆଲୋଚନା କରିଥିଲେ । ୨୦୨୦ ମସିହାରେ ଜିଲ୍ଲାରେ ଯକ୍ଷ୍ମା ରୋଗୀଙ୍କ ସଂଖ୍ୟା ୬୧୯, ୨୦୨୧ ମସିହାରେ ୮୨୯, ୨୦୨୨ରେ ୮୯୧, ୨୦୨୩ରେ ୯୫୭ ଜଣ ଯକ୍ଷ୍ମା ରୋଗୀ ଚିହ୍ନଟ କରାଯାଇଛି । ତେବେ ସେହିଭଳି ଯକ୍ଷ୍ମା ରୋଗରେ ପୀଡିତ ହୋଇ ମୃତ୍ୟୁବରଣ କରୁଥିବା ରୋଗଙ୍କ ସଂଖ୍ୟା ମଧ୍ୟ ବଢିବାରେ ଲାଗିଛି । କେନ୍ଦ୍ରାପଡା ଜିଲ୍ଲାର ପଟ୍ଟାମୁଣ୍ଡାଇ ବ୍ଲକରେ ସର୍ବାଧିକ ୧୭୬

ଜଣ ରୋଗୀ ଚିହ୍ନଟ ହୋଇଥିବା ବେଳେ କେନ୍ଦ୍ରାପଡାରେ ୧୩୨ ଜଣ, ଆଳିରେ ୧୧୫ ଜଣ, ଡେରାବିଶରେ ୧୧୨ ଜଣ, ମହାକାଳପଡାରେ ୧୦୬ ଜଣ, ମାର୍ଶାଘାଇ ୮୩ ଜଣ, ରାଜକନିକାରେ ୯୮ ଜଣ, ରାଜନଗରରେ ୮୫ ଜଣ, ସର୍ବନିମ୍ନ ପାଟକୁରାରେ ୫୦ ଜଣ ଚିହ୍ନଟ ହୋଇଛନ୍ତି । ଏହି ରୋଗୀଙ୍କର ନିୟମିତ ଭାବେ ଚିକିତ୍ସା ଚାଲିଥିବା ବେଳେ କେତେକ ରୋଗୀ ନିୟମିତ ଭାବରେ ଔଷଧ ସେବନ କରୁନଥିବା ମଧ୍ୟ ଜଣାପଡିଛି । ନିୟମିତ ଭାବରେ ଯକ୍ଷ୍ମା ରୋଗର ଔଷଧ ସେବନ କଲେ ଏବଂ ଚିକିତ୍ସା ଜାରି ରଖିଲେ ରୋଗ ସମ୍ପୂର୍ଣ୍ଣ ଭଲ ହୋଇଯିବ ବୋଲି ଡ଼ଃ ବେହେରା ପ୍ରକାଶ କରିଛନ୍ତି । ଯକ୍ଷ୍ମା ରୋଗୀଙ୍କୁ ଚିହ୍ନଟ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମସ୍ତ ପ୍ରକାର ସୁବିଧା କରାଯାଇ ଥିବା ଜଣାପଡିଛି ।

ଘରୁ ମହିଳାଙ୍କ ମୃତଦେହ ଉଦ୍ଧାର:ଯୌତୁକ ଦାବିରେ ହତ୍ୟା ଅଭିଯୋଗ

ଧାମନଗର, ନ୍ୟୁଜ୍ ବ୍ୟୁରୋ

ଧାମନଗର ହବିବିନଗର ଅଞ୍ଚଳର ସେକ୍ ସାକିରୀ ଅଲିଙ୍କ ଘର ଭିତରେ ତାଙ୍କ ବୋହୂର ମୃତ ନେଇ ହତ୍ୟା ସନ୍ଦେହ କରାଯାଉଥିବା ବେଳେ, ତାଙ୍କ ଶଶୁର ସାକିରୀ ଅଲିଙ୍କୁ ଧାମନଗର ଥାନାରେ ଅଟକ କରିବା ସହ ଘଟଣାସ୍ଥଳରେ ଧାମନଗର ପୋଲିସ ପହଞ୍ଚି ଅଧିକ ତଦନ୍ତ ଆରମ୍ଭ କରିଛି । ମୃତ ମହିଳାଙ୍କ ଘର ଧାମନଗର କାଟଣାପାହୀ ଅଞ୍ଚଳର ହୋଇଥିବା ଜଣାପଡିଛି । ଘଟଣାରୁ ପ୍ରକାଶ ଯେ ୫ ମାସ ତଳେ ସେକ୍ ଫାରୁକ୍‌ଙ୍କ ଝିଅ ନିଲୋ ହବିବୀ ନଗର ଗ୍ରାମର ସେକ୍ ସାକିରୀ ଅଲିଙ୍କ ପୁଅ ସେକ୍ ମୋଜାହିଦେ ହୋସେନ (୩୭)ଙ୍କୁ ବାହା ହୋଇଥିଲେ । ବାହାଘର ବେଳେ ଯାନୀଯୌତୁକ ସହ ୩ ଲକ୍ଷ ଟଙ୍କା ମଧ ଦେଇଥିଲେ । ମାତ୍ର ଅଧିକ ୫ ଲକ୍ଷ ଟଙ୍କା ପାଇଁ ସବୁବେଳେ ପରିବାର ଲୋକ ନିର୍ଯାତନା ଦେଇ ଆସୁଥିଲେ । ତେବେ ରବିବାର ସକାଳେ ପରିବାର ଲୋକ ନୀଲୋକୁ ବେକରେ ରଶି ବାନ୍ଧି ହତ୍ୟା କରିଥିବା ଭାଇ ସେକ୍ ତନାର ଆଲାମ୍ ଧାମନଗର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାସ୍ଥଳେ ପହଞ୍ଚି ଶଶୁରଙ୍କୁ ଥାନାକୁ ନେଇଥିଲେ । ତହସିଲଦାରଙ୍କ ଉପସ୍ଥିତିରେ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଯାଇଛି । ଥାନାରେ ଏକ ମାମଲା ରୁଜୁ କରାଯାଇଛି । ତଦନ୍ତ ଜାରି ରହିଛି । ତେବେ ସାକିରୀଙ୍କ ସମ୍ପର୍କୀୟ ସହ ପରିବାର ଲୋକ ଉକ୍ତ ଘଟଣାରେ ସଂପୃକ୍ତି ଥାଇପାରେ । ତେବେ ପୋଲିସ ଅଧିକ ତଦନ୍ତ କଲେ ଏହା ହତ୍ୟା ନା ଆତ୍ମହତ୍ୟା ପ୍ରକୃତ ସତ୍ୟତା ଜଣାପଡ଼ିବ । ତେବେ ରିପୋର୍ଟ ଆସିବା ପରେ ଯାହା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ ଫନି ଭୂଷଣ ନାୟକ ପ୍ରକାଶ କରିଛନ୍ତି ।

ହୋଲିରେ ଅଘଟଣ:ନଦୀକୁ ଗାଧୋଇବାକୁ ଯାଇ ଛାତ୍ରର ମୃତ୍ୟୁ

ନିଶ୍ଚିନ୍ତକୋଇଲି, ନ୍ୟୁଜ୍ ବ୍ୟୁରୋ

ସମଗ୍ର ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ମଙ୍ଗଳବାର ଦିନ ହୋଲି ଉତ୍ସବକୁ ଲୋକେ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳନ କରୁଥିଲା ବେଳେ ଏକ ଅଘଟଣ ଘଟିଯାଇଛି । ନଦୀରେ ଗାଧୋଉଥିଲା ବେଳେ ଜଣେ ଛାତ୍ର ପାଣିରେ ବୁଡି ମୃତ୍ୟୁ ବାରଣ କରିଛନ୍ତି । ଏହି ଘଟଣାଟି ସମଗ୍ର ଅଞ୍ଚଳରେ ଗଭୀର ଶୋକର ଛାୟା ଖେଳାଇ ଦେଇଛି । ନିଶ୍ଚିନ୍ତକୋଇଲି ବ୍ଲକ ସରପଡା ଗ୍ରାମପଞ୍ଚାୟତ ସାଧୁପୁର ଗ୍ରାମର ପ୍ରଭାସ କୁମାର ସ୍ୱାଇଁଙ୍କ କନିଷ୍ଠପୁତ୍ର ସୌମ୍ୟ ଶୁଭ୍ରାଂଶୁ ଶେଖର ସ୍ୱାଇଁ (ଗିରିଶ) ୧୯ ବର୍ଷ କଟକ ଖପୁରିଆ ଆଇଟିଆଇରୁ ଶିକ୍ଷା ଶେଷ କରି ନିଜ ଘରେ ରହିଆସୁଥିଲେ । ସେ ଗ୍ରାମରେ ସାଙ୍ଗସାଥିଙ୍କ ସହ ଆନନ୍ଦ ଉଲ୍ଲାସରେ ହୋଲି ଖେଳରେ ମାତିଥିଲେ । ହୋଲି ଖେଳ ସରିଯିବା ପରେ ସେ ଗାଧୋଇବା ନିମନ୍ତେ ସ୍ଥାନୀୟ ଖଣ୍ଡସାହିସ୍ଥିତ ଲୁଣାନଦୀକୁ ସାଙ୍ଗମାନଙ୍କ ସହ ଯାଇଥିଲେ । ନଦୀରେ ଗାଧୋଉଥିଲା ବେଳେ ସେ ପାଣିରେ ବୁଡି ଯାଇଥିଲେ । ଉପସ୍ଥିତ ସାଙ୍ଗସାଥିମାନେ ତାଙ୍କୁ ଉଦ୍ଧାର କରିବା ନିମନ୍ତେ ଚେଷ୍ଟା କରି ମଧ ବିଫଳ ହୋଇଥିଲେ । ଖବରପାଇ ସ୍ଥାନୀୟ ଲୋକେ ଓ ନିଶ୍ଚିନ୍ତକୋଇଲି ଦମକଳ ବାହିନୀର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ନଦୀରେ ଖୋଜାଖୋଜି କରିଥିଲେ ମଧ ପାଇନଥିଲେ । ତେବେ ଦୀର୍ଘ ସମୟ ପରେ ସୌମ୍ୟ ନଦୀ ଜଳରେ ଭାସୁଥିବାର ଲୋକେ ଦେଖିବାକୁ ପାଇଥିଲେ । ଲୋକେ ସୌମ୍ୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ଏସମ୍ପର୍କରେ ତାଙ୍କ ପରିବାର ତରଫରୁ ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା । ଅଭିଯୋଗକୁ ଭିତ୍ତି କରି ନିଶ୍ଚିନ୍ତକୋଇଲି ଥାନା ପୋଲିସ ତାଙ୍କର ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡ ଡାକ୍ତରଖାନାକୁ ପଠାଇଥିଲା । ଏ ସମ୍ପର୍କରେ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି । ତାଙ୍କ ଅକାଳ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକର ଛାୟା ଖେଳିଯାଇଛି । ତାଙ୍କ ଅକାଳ ବିୟୋଗରେ ମାହାଙ୍ଗା ବିଧାୟକ ପ୍ରତାପ ଜେନା, ପଞ୍ଚାୟତ ସମିତି ଉପାଧକ୍ଷ ଅଶୋକ କୁମାର ଓଝା, ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି, ପୂର୍ବତନ ସରପଞ୍ଚ ରାଜେନ୍ଦ୍ର କୁମାର ମହାନ୍ତି, ବୃାଲିଆପଦାସେବା ସମବାୟ ସମିତିର ସଭାପତି ଦିବାକର ସ୍ୱାଇଁ, ଯୁବନେତା, ପ୍ରମୋଦ କୁମାର ସ୍ୱାଇଁ, ସରପଞ୍ଚ ବିବେକାନନ୍ଦ ଆଚାର୍ଯ୍ୟ, ପୂର୍ବତନ ସରପଞ୍ଚ ଶତ୍ରୁଘ୍ନ ଦାସ ପ୍ରମୁଖ ବହୁ ବିଶେଷ ଗଭୀର ଶୋକବ୍ୟକ୍ତ କରିବା ସହ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି ।

ବାଲେଶ୍ୱର କାର୍ଯ୍ୟାଳୟରେ କଂଗ୍ରେସର ଗ୍ୟାରେଣ୍ଟି କାର୍ଡ଼ ଉନ୍ମୋଚିତ

ବାଲେଶ୍ୱର, ନ୍ୟୁଜ୍

କ୍ଷମତାକୁ ଆସିଲେ ମିଳିବ ନଅ ପ୍ରକାର ସୁବିଧା । ବୋନସ୍ ସହ ଧାନର ମୂଲ୍ୟ କୁଇଣ୍ଟାଲ ପ୍ରତି ତିନିହଜାର, କୃଷି ଋଣ ସମ୍ପୂର୍ଣ୍ଣ ଛାଡ଼, କୃଷକଙ୍କୁ ମାସିକ ପେନ୍‌ସନ୍, ଦୁଇ ହଜାର, ଏସଏଚଜି ଗୋଷ୍ଠୀଙ୍କ ବ୍ୟାଙ୍କ ଋଣ ଛାଡ଼, ମହିଳାଙ୍କୁ ମାସିକ ଭତ୍ତା ଦୁଇ ହଜାର, ଆଦିବାସୀ ଓ ଦଳିତ ମହିଳାଙ୍କୁ ମାସିକ ତିନି ହଜାର, ପାଞ୍ଚ ଲକ୍ଷ ଯୁବକ ଯୁବତୀଙ୍କୁ ପ୍ରତିବର୍ଷ ନିଯୁକ୍ତି, ବେକାରୀ ଭତ୍ତା ମାସିକ ତିନି ହଜାର, ପଚିଶ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବୀମାରେ ମାଗଣା ଚିକିତ୍ସା, ବାର୍ଦ୍ଧକ୍ୟ, ବିଧବା ଓ ଦିବ୍ୟାଙ୍ଗ ଭତ୍ତା ମାସିକ ଦୁଇହଜାର, ଚିଟ୍‌ଫଣ୍ଡ ପ୍ରଭାବିତ ଜମାକାରୀଙ୍କୁ ଛ' ମାସ ମଧ୍ୟରେ ସୁଧ ସହ ଜମାରାଶି ଫେରସ୍ତ, ଶିକ୍ଷାନୁଷ୍ଠାନ ଓ ଚାକିରୀରେ ପଛୁଆବର୍ଗ ପାଇଁ ୨୭% ସଂରକ୍ଷଣ, ଆଦିବାସୀ ଓ ଦଳିତଙ୍କ ନିଜ ଜମି ଉପରେ ସମ୍ପୂର୍ଣ୍ଣ ଅଧିକାର, ଶହେ ଦିନ ମଧ୍ୟରେ ପେସା ଆଇନକୁ କଡାକଡି ଲାଗୁ ବ୍ୟବସ୍ଥା ଭଳି ନଅ ଗୋଟି ନିର୍ବାଚନ ପ୍ରତିଶୃତିକୁ କଂଗ୍ରେସ ଦଳ ନିର୍ବାଚନ ଇସ୍ତାହାରର ଗ୍ୟାରେଣ୍ଟି ବୋଲି କହିଛି । କିଛି ଦିନ ତଳେ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ନିର୍ବାଚନ ପରିପ୍ରେକ୍ଷୀରେ 'କଂଗ୍ରେସ ଗ୍ୟାରେଣ୍ଟି କାର୍ଡ' ଜାରି କରାଯାଇଥିଲା

ବେଳେ ବାଲେଶ୍ୱର ଜିଲ୍ଲା କଂଗ୍ରେସ ପକ୍ଷରୁ ଜିଲ୍ଲା ସ୍ତରରେ ଏହି ଗ୍ୟାରେଣ୍ଟି କାର୍ଡ ଉନ୍ମୋଚିତ ହୋଇଯାଇଛି । ଜିଲ୍ଲା କଂଗ୍ରେସ ସଭାପତି ସଞ୍ଜୀବ ଗିରି ଦଳର ଏହି ଗ୍ୟାରେଣ୍ଟି କାର୍ଡ ସମ୍ପର୍କରେ ସୂଚନା ଦେଇ କହିଥିଲେ କି, କଂଗ୍ରେସ ଦଳ ନିର୍ବାଚନ ପୂର୍ବରୁ ଦେଶବାସୀଙ୍କୁ ନିର୍ବାଚନୀ ଇସ୍ତାହାରରେ ଯାହାସବୁ ଅତୀତରେ ପ୍ରତିଶ୍ରୁତି ଦେଇଥିଲା ତାହା ପାଳନ କରିଛି । ୟୁପିଏ ସରକାର ହୁଅନ୍ତୁ ଅଥବା ରାଜସ୍ଥାନ, ତେଲେଙ୍ଗାନା, ହିମାଚଳ ପ୍ରଦେଶ, ମଧ୍ୟପ୍ରଦେଶରେ ଅତୀତରେ ଯାହା ପ୍ରତିଶ୍ରୁତି ଦଳ ଦେଇଥିଲା ତାହା ପାଳନ କରିଛି କଂଗ୍ରେସ ଦଳ । ବିଜେପି କିମ୍ବା ବିଜେଡି ଦଳ ଭଳି ଜୁମଲା କରେ ନାହିଁ । ପ୍ରଧାନମନ୍ତ୍ରୀ ଲୋକଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପନ୍ଦର ଲକ୍ଷ ଟଙ୍କା ପଠାଇବେ ବୋଲି ପ୍ରତିଶ୍ରୁତି ଦେଇ ଭୁଲିଗଲେ । ମାତ୍ର କଂଗ୍ରେସ ମିଛ ପ୍ରତିଶ୍ରୁତି ଦିଏନାହିଁ । ମୁଖ୍ୟମନ୍ତ୍ରୀ ବର୍ଷକୁ ଦୁଇ ଲକ୍ଷ ଚାକିରୀ ଦେବେ କହିଥିଲେ, ସେ ମଧ ଭୁଲିଗଲେ ତେଣୁ ମିଥ୍ୟା ପ୍ରତିଶ୍ରୁତି ଦେଇ ଲୋକଙ୍କୁ ଠକୁଥିବା ଦଳ ଗୁଡିକୁ ଜନତା ଚିହ୍ନି ରଖନ୍ତୁ ଓ କଂଗ୍ରେସ ଦଳ ପ୍ରାର୍ଥୀଙ୍କୁ ଭୋଟ୍ ଦେବାର ବେଳ ଆସିଯାଇଛି । କଂଗ୍ରେସ ଦଳର ଗ୍ୟାରେଣ୍ଟି କାର୍ଡ ସମ୍ପର୍କରେ ସୂଚନା ଦେଇ ଶ୍ରୀ ଗିରି କହିଥିଲେ କି ଗୃହ ଜ୍ୟୋତି ଯୋଜନାରେ ଘରୋଇ ଉପଭୋକ୍ତାଙ୍କ ଲାଗି ୨୦୦ ୟୁନିଟ୍ ବିଦ୍ୟୁତ୍ ଦେୟ ଛାଡ଼, ଯୁବ ବିକାଶ ଯୋଜନାରେ ପ୍ରତି ବର୍ଷ ପାଞ୍ଚଲକ୍ଷ ଯୁବକ ଯୁବତୀଙ୍କ ପାଇଁ ନିଯୁକ୍ତି ବ୍ୟବସ୍ଥା, ମାସିକ ତିନି ହଜାର ଟଙ୍କା ବେକାରୀ ଭତ୍ତା, କୃଷକମାନେ ଦେଶର ମେରୁଦଣ୍ଡ ହୋଇଥିବା ବେଳେ କଂଗ୍ରେସ ଦଳ ନିର୍ବାଚନୀ ଇସ୍ତାହାରରେ କୃଷକ ସମାଜକୁ ଅଧିକ ଗୁରୁତ୍ୱ ଦେଇଛି । ବୋନସ୍ ସହ ଧାନର ମୂଲ୍ୟ କୁଇଣ୍ଟାଲ ପିଛା ତିନି ହଜାର, କୃଷି ଋଣ ଛାଡ଼ ଓ ଆଦି ବହୁ ଗ୍ୟାରେଣ୍ଟି ଜାତୀୟ କଂଗ୍ରେସ ତରଫରୁ ଲୋକମାନଙ୍କୁ ଦିଆଯାଉଛି । ବାଲେଶ୍ୱର ଜିଲ୍ଲା କଂଗ୍ରେସ ଗଣମାଧ୍ୟମ ଓ ଯୋଗା ଯୋଗ ବିଭାଗର ଜିଲ୍ଲା ଅଧ୍ୟକ୍ଷ ବିକାଶ କୁମାର ଦାସ ଏହି ସାମ୍ବାଦିକ ସମ୍ମିଳନୀକୁ ଆହ୍ୱାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଦେବୀ ପ୍ରସନ୍ନ ଚନ୍ଦ (ପୂର୍ବତନ ବିଧାୟକ), ଚିତ୍ତ ରଞ୍ଜନ ଷଡଙ୍ଗୀ (ପୂର୍ବତନ ବିଧାୟକ), ଗୋପୀନାଥ ପାଢ଼ୀ (ଉପ ସଭାପତି ବାଲେଶ୍ୱର ଜିଲ୍ଲା କଂଗ୍ରେସ), ସୁଦର୍ଶନ ଜେନା (ପୂର୍ବତନ ବିଧାୟକ), ଜ୍ୟୋତ୍ସ୍ନା ସେନାପତି (ରାଜ୍ୟ ଉପାଧକ୍ଷା କେକେସି, ଓଡ଼ିଶା) ପ୍ରଜ୍ଞା ପରମିତା ମହାନ୍ତି (ଜିଲ୍ଲା ମହିଳା କଂଗ୍ରେସ ସଭାପତି) ନବ ପ୍ରସାଦ ଭୂୟାଁ, (ସାମାଜିକ ଗଣମାଧମ ଅଧକ୍ଷ, ବାଲେଶ୍ୱର), ପ୍ରକାଶ ମଲ୍ଲିକ, ସୁଧାକର ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

ବାଂଶପାଳ ବ୍ଲକ ବିଜେପି କାର୍ଯ୍ୟକର୍ତ୍ତାଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ

କେନ୍ଦୁଝର, ନ୍ୟୁଜ୍

ବିଜେପି ଜିଲ୍ଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମାଙ୍କ ଅଧକ୍ଷତାରେ ଅତିଥି ଭାବେ ପୂର୍ବତନ ସାଂସଦ ତଥା ପୂର୍ବତନ ଜାତୀୟ ଜନଜାତି ଆୟୋଗର ଉପାଧକ୍ଷ ଅନନ୍ତ ନାୟକ, ସଦର ବିଧାୟକ ମୋହନ ଚରଣ ମାଝୀ, ଲୋକସଭା ସଂଯୋଜକ ଶୁକଦେବ ମହାନ୍ତ, ପ୍ରଭାରୀ ରାଜେଶ ସିଂହ, ମାନସ ନାଏକ, କୈଳାସ ନାୟକ, ଡଃ ଫକୀର ନାଏକ, ସଞ୍ଜୟ ଗିରି, ପ୍ରଫୁଲ୍ଲ ସାହୁ, ବ୍ରହ୍ମାନନ୍ଦ ବେହେରା, ଦିଲ୍ଲୀପ ବେହେରା, ବାଂଶପାଳ ମଣ୍ଡଳ ସଭାପତି ପ୍ରହ୍ଲାଦ ମହାକୁଡ, ଶୁଆକାଠି ମଣ୍ଡଳ ସଭାପତି ନିରଞ୍ଜନ ପ୍ରଧାନ, ଦୁଇ ମଣ୍ଡଳର ସାଧାରଣ ସମ୍ପାଦକ ଆର୍ତ୍ତତ୍ରାଣ ବେହେରା, ମହେନ୍ଦ୍ର ମହାନ୍ତଙ୍କ ଉପସ୍ଥିତିରେ ସାଙ୍ଗଠନିକ ଆଲୋଚନା କରିଥିଲେ । ଏହି ବୈଠକ ରେ ବିଜେଡିର ଯୁବ ଜିଲ୍ଲା ସାଧାରଣ ସମ୍ପାଦକ ସୁଶାନ୍ତ ବାରିକ, ରଶ୍ମିକାନ୍ତ ବାରିକ, ଟୁନା ବାଙ୍କିରା ଏବଂ ମଦନ ଦେହୁରୀଙ୍କ ନେତୃତ୍ୱରେ ଅନେକ ବିଜେଡି କାର୍ଯ୍ୟକର୍ତ୍ତା ନରେନ୍ଦ୍ର ମୋଦିଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେପିରେ ସାମିଲ ହୋଇଛନ୍ତି ।

କେନାଲ୍‌ରେ ବୁଡ଼ି ନାବାଳକର ମୃତ୍ୟୁ:ଜଣେ ସୁରକ୍ଷିତ

ବାରଙ୍ଗ, ନ୍ୟୁଜ୍ ବ୍ୟୁରୋ

ହୋଲିରେ ଘଟିଲା ଅଘଟଣ । ସାଙ୍ଗ ମାନଙ୍କ ସହ ଗାଧେଇବାକୁ ଆସି କେନାଲ୍‌ରେ ବୁଡ଼ିଗଲେ ନାବାଳକ ସାଙ୍ଗ । ଫଳରେ ଅକାଳରେ ଝଡ଼ିଗଲା ଗୋଟିଏ ମୂଲ୍ୟବାନ ଜୀବନ । ମୃତ ନାବାଳକ ଜଣକ ହେଉଛନ୍ତି ଚନ୍ଦ୍ରଶେଖରପୁର ବିଡ଼ିଏ କଲୋନୀ ଅଞ୍ଚଳର ରାଜେଶ ସେଠୀ (୧୬) । ଏଭଳି ଘଟଣା ଦେଖିବାକୁ ମିଳିଛି ବାରଙ୍ଗ ଥାନା ଅନ୍ତର୍ଗତ କାନପୁର ଗ୍ରାମ ନିକଟ ପୁରୀ ମୁଖ୍ୟ କେନାଲ୍‌ରେ । ସୂଚନା ମୁତାବକ ମଙ୍ଗଳବାର ହୋଲି ଉପଲକ୍ଷେ ହୋଲି ଖେଳିସାରି ଚନ୍ଦ୍ରଶେଖରପୁର ବିଡ଼ିଏ ଅଞ୍ଚଳର ୬ଜଣ ବନ୍ଧୁ ରାଜେଶ ସେଠୀ, ଲିପୁ ନାୟକ, ପ୍ରିତମ ନାୟକ, ଚନ୍ଦନ ପ୍ରଧାନ, କୃଷ୍ଣ ସାମନ୍ତ ଏବଂ ଅନ୍ୟଜଣେ ସାଙ୍ଗ ଦୁଇଟି ସ୍କୁଟର ଏବଂ ଗୋଟିଏ ମୋଟର ସାଇକେଲ ଯୋଗେ ଗାଧୋଇବା ପାଇଁ ବାରଙ୍ଗ ଥାନା ଅନ୍ତର୍ଗତ କାନପୁର ଗ୍ରାମ ନିକଟସ୍ଥ ପୁରୀ କେନାଲକୁ ଆସିଥିଲେ । ରାଜେଶ ରେଣ୍ଟାଲ କଲୋନୀ ବିଦ୍ୟାଳୟରେ ନବମ ଶ୍ରେଣୀରେ ପାଠ ପଢୁଥିଲେ । ତାଙ୍କ ସହ ଅନ୍ୟ ସହପାଠୀ ମଧ ଥିଲେ । ଅପରାହ୍ନ ପ୍ରାୟ ୩ଟା ସମୟରେ ସମସ୍ତ ସାଙ୍ଗ ଏକାଠି ହୋଇ କେନାଲ ଠାରେ ପହଞ୍ଚିଥିଲେ । କେନାଲ ବନ୍ଧ ଉପରେ ଗାଡ଼ି ଏବଂ କୂଳରେ ହେଲ୍‌ମେଟ୍, ଚପଲ ଥୋଇଥିଲେ । ଏଥିସହ ଏକ ବୈଦ୍ୟୁତିକ ବାଦ୍ୟଯନ୍ତ୍ରରେ ସଙ୍ଗୀତ ବଜାଇ ଧୁମ୍‌ଧାମ୍‌ରେ ମଜା ନେଇ ଗାଧୋଉଥିବା ବେଳେ ଦୁଇଜଣ ନାବାଳକ ସାଙ୍ଗ ଅସାବଧାନତା ବଶତଃ ଗଭୀର ପାଣି ମଧ୍ୟକୁ ଚାଲି ଆସିଥିଲେ । ପାଖରେ ଥିବା ଅନ୍ୟ ସାଙ୍ଗ ଓ ସ୍ଥାନୀୟ ଗ୍ରାମର କିଛି ଯୁବକଙ୍କ ସହଯୋଗରେ ଜଣେ ନାବାଳକଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଥିଲା ହେଲେ ରାଜେଶ କେନାଲ ପାଣିରେ ବୁଡି ଯାଇଥିଲେ । ଅନ୍ୟ ସାଙ୍ଗମାନେ ଓ ସ୍ଥାନୀୟ ଯୁବକମାନେ ବହୁ ଖୋଜାଖୋଜି କରିଥିଲେ ସୁଦ୍ଧା ରାଜେଶଙ୍କ କୌଣସି ପତ୍ତା ପାଇନଥିଲେ । ଅନ୍ୟ ସାଙ୍ଗମାନଙ୍କ ଠାରୁ ଖବର ପାଇ ସମସ୍ତଙ୍କ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚିଥିଲେ । ସ୍ଥାନୀୟ ଲୋକଙ୍କ ଠାରୁ ଖବରପାଇ ବାରଙ୍ଗ ଦମକଳ ବାହିନୀ ଓ ବାରଙ୍ଗ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ । ବାରଙ୍ଗ ଦମକଳ ବାହିନୀ ଅଧିକାରୀ ଭୀମ୍‌ସେନ୍ ଲେଙ୍କାଙ୍କ ନେତୃତ୍ୱରେ ଏକ ଦଳ କେନାଲ ମଧ୍ୟରେ ବହୁ ଖୋଜାଖୋଜି କରିଥିଲେ । ଦୀର୍ଘ ୩ ଘଣ୍ଟା ଖୋଜାଖୋଜି ପରେ କିଛି ଦୂରରୁ କେନାଲ ମଧ୍ୟରୁ ରାଜେଶଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରିଥିଲେ ଦମକଳ ବାହିନୀ । ଆମ୍ବୁଲାନ୍ସ ଯୋଗେ ରାଜେଶଙ୍କୁ ସଙ୍ଗେ ସଙ୍ଗେ କଟକ ବଡ ଡାକ୍ତରଖାନାକୁ ପାଠାଯାଇଥିଲା । ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ । ରାଜେଶ ପରିବାରର ଗୋଟିଏ ପୁଅ ହୋଇଥିବାରୁ ପରିବାର ତଥା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ଏ ସଂକ୍ରାନ୍ତରେ ବାରଙ୍ଗ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।

ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇ ଦୁଇ ବାଇକ୍ ଆରୋହୀଙ୍କ ମୃତ୍ୟୁ

ଧର୍ମଗଡ଼, ନ୍ୟୁଜ୍ ବ୍ୟୁରୋ

କଳାହାଣ୍ଡି ଜିଲ୍ଲା କେଗାଁ ଥାନା ଅନ୍ତର୍ଗତ ଧଅଁରାମାଲ ଠାରେ ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇ ଦୁଇ ବାଇକ୍ ଅରୋହୀଙ୍କ ମୃତ୍ୟୁ ଘଟିଛି । ଦୁଇ ମୃତକ ଜଣକ ହେଲେ କାନ୍ଦୁଲଝର ଗ୍ରାମର ଅଜିତ ଜୁଆଡ଼ ଓ ଲଳିତ ବଛା । ସେ ଦୁହେଁ ଗାଡ଼ିରେ ବାହା ଭୋଜି ଖାଇ ଦ୍ରୁତ ଗତିରେ ଧଅଁରାମାଲ ରାସ୍ତା ଦେଇ ଯାଉଥିବା ବେଳେ ଭାରସାମ୍ୟ ହରାଇ ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇଥିଲେ । ଖବରପାଇ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ଦୁଇ ବାଇକ୍ ଅରୋହୀଙ୍କୁ ଉଦ୍ଧାର କରି ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ । ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ । ମୃତକ ପରିବାର ପକ୍ଷରୁ ବାବୁଲାଲ ଜୁଆଡ଼ କେଗାଁ ଥାନାରେ ଲିଖିତ ଅଭିଯୋଗ ପରେ କେଗାଁ ଥାନା ୮୨/୨୪ରେ ଏକ କେଶ୍ ରୁଜୁ କରି ଦୁଇ ଶବଟିକୁ ଜବତ କରି ଶବ ବ୍ୟବଚ୍ଛେଦ ପାଇଁ ପଠା ଯାଇଛି ବୋଲି କେଗାଁ ଏସଆଇ ମେଘରାୟ ହାସଦା ସୂଚନା ଦେଇଛନ୍ତି ।

ଦୁର୍ଗମ ଅଞ୍ଚଳରେ ବୁଥ୍ ପରିଦର୍ଶନ କଲେ ଜିଲ୍ଲାପାଳ ଓ ଏସ୍‌ପି

ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ

ବୌଦ୍ଧ ଜିଲ୍ଲା ମାଓ ଅଧ୍ୟୁଷିତ ଦୁର୍ଗମ ଅଞ୍ଚଳ ତଥା ବୌଦ୍ଧ ବ୍ଲକ ଆମ୍ବଝରୀ ପଞ୍ଚାୟତ ଅନ୍ତର୍ଗତ ମାତାଗାଡୁ ଗ୍ରାମରେ ଜିଲ୍ଲାପାଳ ଜେ ସୋନାଲ ଓ ଆରକ୍ଷୀ ଅଧିକ୍ଷକ ରାଜ ପ୍ରସାଦ ପହଞ୍ଚି ପ୍ରସ୍ତାବିତ ମତଦାନ କେନ୍ଦ୍ର ପରିଦର୍ଶନ କରିଥିଲେ । ଏହାସହ ଜିଲ୍ଲାପାଳ ଶ୍ରୀ ସୋନାଲ ସ୍ଥାନୀୟ ଲୋକଙ୍କ ସହ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ମହିଳା ଓ ଶିଶୁଙ୍କ ସମସ୍ୟା, ସ୍ୱାସ୍ଥ୍ୟ ସେବା, ଗମନା ଗମନ, ପାନୀୟ ଜଳ ଭଳି ବିଭିନ୍ନ କ୍ଷେତ୍ରରେ ବ୍ୟାପକ ସମସ୍ୟା ରହିଥିବା ନେଇ ଗ୍ରାମବାସୀ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଗ୍ରାମରେ ଥିବା ଏକମାତ୍ର ନଳକୂପରୁ ପାଣି ବାହାରୁନଥିବା ଜିଲ୍ଲାପାଳ ନିଜେ ପରୀକ୍ଷା କରି ଜାଣିଥିଲେ । ଅଧିକାଂଶ ସମୟରେ ମହିଳା ଓ ଶିଶୁଙ୍କ ପାଇଁ ଉଦ୍ଦିଷ୍ଟ ସୁଷମ ଖାଦ୍ୟ ମିଳୁନଥିବା ନେଇ ଗ୍ରାମର ମହିଳାମାନେ କହିବା ସହିତ ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିଲେ । ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରି ସରକାରଙ୍କ ବିଭିନ୍ନ ଯୋଜନାର ଫାଇଦା ନେବାକୁ ଜିଲ୍ଲାପାଳ

ପରାମର୍ଶ ଦେଇଥିଲେ । ଅନ୍ୟପଟେ ଏଠାରେ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ଠିକ୍‌ରେ ପହଞ୍ଚି ପାରୁନଥିବା ବେଳେ ଦୁର୍ଗମ ଅଞ୍ଚଳର ବିକାଶ ତଥା ଘାଟିରାସ୍ତାର ଉନ୍ନତିକରଣ ପାଇଁ ୧ କୋଟି ୪ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ସୂଚନା ମିଳିଛି । ମାତାଗାଡୁକୁ ପ୍ରଥମ ଗସ୍ତ ହୋଇଥିବା ବେଳେ ମାଓ ପ୍ରଭାବିତ ଅଞ୍ଚଳ ହୋଇଥିବାରୁ ଜିଲ୍ଲାପାଳ ଓ ଏସ୍‌ପିଙ୍କ ସହ ସଶସ୍ତ୍ର ସୁରକ୍ଷା ବାହିନୀ ଉପସ୍ଥିତ ଥିଲେ । ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ, ଗତମାସ ପୂର୍ବତନ ବୌଦ୍ଧ ଉପଜିଲ୍ଲାପାଳ ରବୀନ୍ଦ୍ରନାଥ କହଁର ମାତାଗାଡୁ ଗ୍ରାମ ପରିଦର୍ଶନ କରି ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ । ତେବେ ଦୁଇ ମାସ ମଧ୍ୟରେ ପ୍ରଶାସନର ଗସ୍ତକୁ ନେଇ ଅଞ୍ଚଳବାସୀ ଖୁସି ହୋଇଥିବା ବେଳେ ଅଞ୍ଚଳର ବିକାଶରେ ଆଉ ପାଦେ ଆଗେଇବ ବୋଲି ଜଣାପଡିଛି ।

କଟକ ବୈଶାଖୀ ମେଳା:ଡିମାଣ୍ଡରେ ଆଫଗାନିସ୍ତାନୀ ଡ୍ରାଏଫ୍ରୁଟ୍ ଓ ଦୁବାଇ ଚକୋଲେଟ୍

କଟକ, ନ୍ୟୁଜ୍ ବ୍ୟୁରୋ

ବଢୁଛି ବୈଶାଖୀ ବାଣିଜ୍ୟ ମେଳାର କ୍ରେଜ୍ । ସଞ୍ଜ ହେଲେ ବାଲିଯାତ୍ରା ଉପର ପଡ଼ିଆରେ ହଜାର ହଜାର ଦର୍ଶକଙ୍କ ଭିଡ । କାରଣ ଏହା ମିନି ବାଲିଯାତ୍ରା ଗତ ୧୪ ତାରିଖରୁ ଆରମ୍ଭ ହୋଇଥିବା ଏହି ମେଳା ୨୫ ତାରିଖରେ ଶେଷ ହୋଇଛି । କିନ୍ତୁ ଏହି ମେଳାରେ ଦର୍ଶକଙ୍କ ଫୋକସ୍ ପାଲଟିଥିଲା ବିଦେଶୀ ସାମଗ୍ରୀ ୨୦ତମ ଆନ୍ତର୍ଜାତିକ ବାଣିଜ୍ୟ ମେଳାରେ ମନ ମୋହିଥିଲା ବିଦେଶୀ ଷ୍ଟଲ୍ ଆଫଗାନିସ୍ତାନ୍‌ରୁ ଆସିଥିବା ଡ୍ରାଏଫ୍ରୁଟ୍, ଦୁବାଇ ଭେରାଇଟ ଚକୋଲେଟ୍, ଅତର ଓ ଅନ୍ୟାନ୍ୟ ଦେଶର ସାମଗ୍ରୀ ଲୋକମାନଙ୍କ ଦ୍ୱାରା ବେଶ୍ ଆଦୃତ ହୋଇଛି । ଦର ସାମାନ୍ୟ ଅଧିକ ରହିଥିବା ବେଳେ ଏହାକୁ ଖାତିର ନକରି ଏହି ତମାମ ସମଗ୍ରୀକୁ କିଣିବାରେ ବ୍ୟସ୍ତ ଥିଲେ ଗ୍ରହକ । ଗୋଟିଏ ପଟେ ବିଦେଶୀ ଆଇଟମ୍‌କୁ ପାଖରେ ପାଇ ବେଶ୍ ଖୁସି ଅନୁଭବ କରୁଥିଲା ବେଳେ ଦୋଳି, ଚଟ୍‌ପଟା ଖାଇବା, ଆଉ ଭଳିକି ଭଳି ଦୋକାନରୁ ଜିନିଷକୁ ଶସ୍ତା ଦାମରେ କିଣି ବେଶ୍ ଆନନ୍ଦିତ କଟକବାସୀ । ତେବେ ଅନେକ ବର୍ଷ ଧରି ଏହି ମେଳାରେ ନିଜର ଷ୍ଟଲ୍ କରିବା ପାଇଁ ବିଦେଶୀମାନେ ଉତ୍ସାହ ପ୍ରକଟ କରୁଛନ୍ତି । କାହିଁକି ନାଁ ବାଲିଯାତ୍ରା ଭଳି ଏହି ବୈଶାଖୀ ମେଳାର କ୍ରେଜ୍ ମଧ୍ୟ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଭାରତର ୨୨ଟି ରାଜ୍ୟରୁ ବ୍ୟବସାୟୀମାନେ ଏଠାରେ ବ୍ୟବସାୟ କରିଥିଲେ । ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ମଧ୍ୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ବ୍ୟବସାୟୀମାନେ ଅଂଶଗ୍ରହଣ କରିଥିଲେ । ଏହି ମେଳାରେ ଘର କରଣା ସାମଗ୍ରୀ ଠାରୁ ଆରମ୍ଭ କରି ପୋଷାକ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ଉପଲବ୍ଧ ହୋଇଥିଲା । ଓଡ଼ିଶାର ପାରମ୍ପରିକ ଖାଦ୍ୟ ମୁଢ଼ି ମାଂସ, ଛେନାଝିଲି, ରସାବଳୀ ଠାରୁ ନେଇ ରାଜସ୍ଥାନୀ ଖାଦ୍ୟ ଓ ସମସ୍ତ ପ୍ରକାର ଫାଷ୍ଟଫୁଡ୍ ଉପଲବ୍ଧ ହୋଇଥିଲା । ସନ୍ଧ୍ୟା ହେଲାମାତ୍ରେ ମେଳାରେ ଗ୍ରାହକଙ୍କ ପ୍ରବଳ ଭିଡ଼ ଜମିଥିଲା । ତେବେ ଚଳିତ ବର୍ଷ ନିର୍ବାଚନକୁ ଆଖି ଆଗରେ ରଖି ଶୀଘ୍ର ମେଳାର ଆୟୋଜନ ହେଇଥିଲା । ଏହି ମେଳାରେ ବ୍ୟବସାୟୀମାନେ ଅନେକ ମାତ୍ରାରେ ଲାଭବାନ ହୋଇଛନ୍ତି କହିଛନ୍ତି ଆୟୋଜକ କମିଟି । ତେବେ କଟକ ବୈଶାଖୀ ବାଣିଜ୍ୟ ମେଳା ଆଗାମୀ ଦିନରେ ରାଜ୍ୟ ବ୍ୟାପୀ ଏକ ବଡ଼ ବାଣିଜ୍ୟିକ ମେଳାର ରୂପ ପାଇବ ବୋଲି ଆଶା ରଖିଛି ଆୟୋଜକ କମିଟି ।

'ହୋଲି ମହାମିଳନ' ଓ 'ଚବଲି ଚବଲି ପାନି' ଭିଡ଼ିଓ ରିଲିଜ୍

ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ

ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ 'ସୁର ଭାଇବ୍ରେସନ୍' ଦ୍ୱାରା ୨୬ ତାରିଖରେ ବୁଲନ ଭାଇ ସେବା ଭବନ, ମାଷ୍ଟରକ୍ୟାଣ୍ଟିନ୍, ଭୁବନେଶ୍ୱର ଠାରେ ଏକ ହୋଲି ବନ୍ଧୁମିଳନ ଓ ମହୋତ୍ସବର ଆୟୋଜନ ହୋଇଯାଇଛି । ଏହି ଅବସରରେ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଯଥା ପୂର୍ବତନ ଆୟକର ବିଭାଗ ମୁଖ୍ୟ ଶରତ ଦାଶ, ସମାଜସେବୀ ସୁଚିସ୍ମିତା ପୃଷ୍ଟି, ଜ୍ୟୋତ୍ସ୍ନାମୟୀ ପରିଡା ଉପସ୍ଥିତ ରହିଥିଲେ । ଏହି ଅବସରରେ ସମସ୍ତଙ୍କ ମଧ୍ୟରେ ଭାଇଚାରା ଓ ସୁସମ୍ପର୍କ ସ୍ଥାପନ ଉଦ୍ଦେଶ୍ୟରେ ହର୍ବାଲ ହୋଲି ଓ ନୃତ୍ୟ, ଗୀତ ଓ ସଙ୍ଗୀତର ଆୟୋଜନ କରାଯାଇଥିଲା । ଏହି ଅବସରରେ 'ଚବଲି ଚବଲି ପାନି' - ଏକ ଆଦିବାସୀ ଓ ଦେଶୀୟା ସଂସ୍କୃତି ଆଧାରିତ ପ୍ରେମ ଗୀତର ଉନ୍ମୋଚନ ହୋଇଥିଲା । ଏହି ଗୀତଟିକୁ ଜୟପୁର ସହରର ପ୍ରଖ୍ୟାତ ଗୀତିକାର ଶିଶିର ଦାସ ଲେଖିଥିବା ବେଳେ, ଓଡ଼ିଶାର ଲୋକପ୍ରିୟ ସଙ୍ଗୀତ ନିର୍ଦ୍ଦେଶକ ନିହାର ଆଚାର୍ଯ୍ୟ ଏହାକୁ ସଂଗୀତରେ ସଜେଇଥିଲେ । ଏହି ଗୀତଟିକୁ ଓଡ଼ିଶାର ଘରେ ଘରେ ସୁପରିଚିତା ଗାୟିକା ଜୟଶ୍ରୀ ଧଳ ଓ ଗାୟକ ସନାତନ ପୁରୋହିତ ତାଙ୍କର ସୁମଧୁର କଣ୍ଠରେ ଗାଇଥିଲେ । ଏହି ଗୀତର ଭୂମିକାରେ ସୌମିଆ ଓ ବିଜୟ ଅଭିନୟ କରିଥିଲେ ଓ ଏହାର ନାଟକୀୟ ନିର୍ଦ୍ଦେଶନା ବିଟାନା ଗୁରୁଜୀ ଦେଇଥିଲେ । ଆଦିବାସୀ ଲୋକ ସଂସ୍କୃତିର ପ୍ରଚାର ଦିଗରେ, ଦେଶ ଓ ବିଦେଶରେ ଏହି ଗୀତ ସହାୟକ ହେବ ବୋଲି ଗୀତର ସଙ୍ଗୀତ ନିର୍ଦ୍ଦେଶକ ଆଶାବ୍ୟକ୍ତ କରିଛନ୍ତି । ଏହି ଗୀତଟି ସୁର ଭାଇବ୍ରେସନ୍ ଓ ମୁଡ ସ୍ୱିଙ୍ଗ ଓଡ଼ିଶା ମିଳିତ ଉଦ୍ୟମରେ ପ୍ରସ୍ତୁତ ହୋଇଥିବା ବେଳେ, ଏହା ଏବେ ସୁର ଭାଇବ୍ରେସନ୍ ୟୁ ଟ୍ୟୁବ୍ ଚ୍ୟାନେଲ୍‌ରେ ରିଲିଜ ହୋଇଛି ଓ ଓଡ଼ିଶାର ଲକ୍ଷ ଲକ୍ଷ ଜନସାଧାରଣ ଏହାକୁ ବେଶ୍ ପ୍ରଶଂସା କରିଛନ୍ତି ବୋଲି ସୁର ଭାଇବ୍ରେସନ୍‌ର ସମ୍ପାଦିକା ଓ ଗାୟିକା ଜୟଶ୍ରୀ ଧଳ କହିଛନ୍ତି ।

ଆଜିର ଭଲମନ୍ଦ

ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର

କଳିକା ପଞ୍ଜିକା : ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୭୮, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

ତା୨୮।୩।୨୦୨୪, ଚୈତ୍ର ଦି୧୫ନ, ଗୁରୁବାର

ସୂର୍ଯ୍ୟୋଦୟ- ଘ୦୫।୪୪।୩୯ **ଚନ୍ଦ୍ରୋଦୟ- ରାଘ୮।୩୬।୧୪**

ତୃତୀୟା - ସଂଘ ୬।୫୭ ପର୍ଯ୍ୟନ୍ତ । ସ୍ୱାତୀ ନକ୍ଷତ୍ର - ସଂଘ ୬।୩୮ ପର୍ଯ୍ୟନ୍ତ । **ତୁଳା ଚନ୍ଦ୍ର -** ଅହୋରାତ୍ର । **ଚନ୍ଦ୍ର ଶୁଦ୍ଧି-** ମେଷ, ବୃଷ, କର୍କଟ, ସିଂହ, ତୁଳା, ବିଛା, ଧନୁ ଓ ମକର ରାଶିର । **ଘାତଚନ୍ଦ୍ର-** ନାସ୍ତି । **ଶ୍ରାଦ୍ଧ ନିର୍ଣ୍ଣୟ-** ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପୋଟଳ ସଂଘ ୬।୫୭ ପରେ ମୂଳା ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୪୭ ଗତେ ଘ ୭।୨୫ ମଧ୍ୟେ ଦିଘ ୧୦।୩୯ ଗତେ ଘ ୧।୦୪ ମଧ୍ୟେ ।

ମେଷ: ଆଜି ଆପଣଙ୍କର ଦ୍ରବ୍ୟ ନଷ୍ଟ ହୋଇପାରେ । ପାରିବାରିକ କ୍ଷେତ୍ରରେ ଭୁଲ୍ ବୁଝାମଣା ପାଇଁ ସମସ୍ୟା ଦେଖାଦେବ । କର୍ମକ୍ଷେତ୍ରରେ ଅସନ୍ତୋଷ ଦେଖାଦେବ । ରୋଜଗାର ଭଲ ହେବ ।



ବୃଷ: ସାମାଜିକ ସ୍ତରରେ ଉଚ୍ଚ ସମ୍ମାନ ଲାଭ ହେବ । ଦେହ ଓ ମନ ଭଲ ରହିବ । ବ୍ୟବସାୟରେ ଲାଭବାନ୍ ହେବେ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ଘରେ ଆନନ୍ଦ ଦେଖାଦେବ ।



ମିଥୁନ: ଆଶାବାଦୀ ହୋଇ କାର୍ଯ୍ୟ କରିଚାଲିବେ । ସୁଖୀ ହେବେ । ସମ୍ମାନିତ ହୋଇପାରନ୍ତି । ରୁଚିକର ଖାଦ୍ୟ ମିଳିପାରେ । ପାରିବାରିକ ଜୀବନ ସୁଖମୟ ହେବ । ବ୍ୟୟର ମାତ୍ରା ବଢ଼ିପାରେ ।



କର୍କଟ: ସୁଖ ଓ ସମ୍ମାନ ଲାଭ ହେବ । ଦିଅଁ ଦର୍ଶନ ସହିତ ସେବା ପୂଜାର ସୁଯୋଗ । ପରୋପକାର କରିବେ । ଅର୍ଥ ଲାଭ ହେବ । ଘରେ ସୁଖ ସନ୍ତୋଷ ଲାଭ ହେବ । ଦେହ ଭଲ ରହିବ ।



ସିଂହ: ଆଜି ଆପଣଙ୍କର ବ୍ୟୟ ଯୋଗ ରହୁଛି । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ସୁସ୍ଥ ରହିବେ । କର୍ମକ୍ଷେତ୍ରରେ ସଫଳତା ଦେଖାଦବେ । ମହିଳାମାନେ ସୁଖ ସମ୍ମାନ ଲାଭ କରିବେ । ଗୃହେ ଶାନ୍ତି ଲାଭ ।

କନ୍ୟା: ମନରେ ପ୍ରସନ୍ନତା ଭାବ ଦେଖାଦେବ । ବିବାଦୀୟ ବିତର୍କରେ ଭାଗ ନହେବା ଉଚିତ୍ । ଆୟ ପୂର୍ବ ପରି ସ୍ଥିର ରହିବ । ପାରିବାରିକ ଜୀବନ ସୁଖମୟ ହେବ । ଦେହ ଓ ମନ ଭଲ ରହିବ ।

ତୁଳା: କର୍ମକ୍ଷେତ୍ରରେ ଆପଣଙ୍କର ସମସ୍ତ କାର୍ଯ୍ୟ ସିଦ୍ଧି ହେବ । ସେହି ଅନୁଯାୟୀ ମଧ୍ୟ ଫଳ ପ୍ରାପ୍ତ ହେବ । ଅଳ୍ପ ଆୟରେ ସନ୍ତୋଷ ଲାଭ ହେବ । ପରିଶ୍ରମର ପରିମାଣ ବଢ଼ିବ । ଗୃହେ କଳହ ଦେଖାଦେବ ।



ବିଛା: ପାରିବାରିକ ଶାନ୍ତି ପ୍ରତିଷ୍ଠା ହେବ । ଅଶାନ୍ତି ଓ ବିରକ୍ତି ମଧ୍ୟରେ ଦିନଟି ଅତିବାହିତ କରିବେ । ଅଳସୁଆ ଯୋଗୁ କୌଣସି କାର୍ଯ୍ୟ ଠିକ୍ ରୂପେ ହେବନାହିଁ । ଆୟ ସ୍ଥିର ରହିବାର ସୂଚନା ।



ଧନୁ: ଆଜି ଆପଣଙ୍କର କ୍ଷୟ କ୍ଷତି ଘଟିପାରେ । ଏଣୁ ସାବଧାନ ରହିବେ । ଆପଣଙ୍କର ସମସ୍ତ କାର୍ଯ୍ୟ ସିଦ୍ଧି ହେବାର ସମ୍ଭାବନା । ମନ ଅସ୍ଥିର ରହିବ । ପରିବାରରେ ସୁଖ ଶାନ୍ତି ଲାଭ ହେବ ।

ମକର: କାର୍ଯ୍ୟକ୍ଷେତ୍ରରେ ବିରକ୍ତି ପ୍ରକାଶ ପାଇବ । ଯେତେ ଚେଷ୍ଟା କଲେ ମଧ ଶ୍ରମରୁ ମୁକ୍ତି ମିଳିବ ନାହିଁ । ଶାରୀରିକ ପୀଡ଼ା ଅନୁଭବ କରିବେ । ମନ ଅସ୍ଥିର ରହିବ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ ।



କୁମ୍ଭ: ଦୂରଯାତ୍ରା କରି ଆନନ୍ଦିତ ହେବେ । ଦେହ ଓ ମନରେ ଶାନ୍ତି ଆସିବ । ନୂତନ ବନ୍ଧୁ ମିଳିବାର ଯୋଗ । ଆୟ ଓ ବ୍ୟୟର ପରିମାଣ ପ୍ରାୟତଃ ସମାନ ରହିବ । ପାରିବାରିକ ଅସହଯୋଗ ଦେଖାଦେବ ।



ମୀନ: ମନରେ ଶାନ୍ତି ରହିବ । କାର୍ଯ୍ୟ ଗୁଡ଼ିକ ସୁରୁଖୁରୁରେ ସମାଧାନ ହେବ । ମଉଜ ମଜଲିସ୍‌ରେ ଦିନଟି କଟିବ । ଖର୍ଚ୍ଚର ପରିମାଣ ବଢ଼ିବ । ଶତ୍ରୁ ନାଶ ହେବେ । ଦେହ ଓ ମନ ଭଲ ରହିବାର ସୂଚନା ।

ଆଗାମୀ କାଲିର ପଞ୍ଜିକା

କଳିକା ପଞ୍ଜିକା : ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୭୮, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

ତା୨୯।୩।୨୦୨୪, ଚୈତ୍ର ଦି୧୬ନ, ଶୁକ୍ରବାର

ସୂର୍ଯ୍ୟୋଦୟ- ଘ୦୫।୪୩।୪୭ **ଚନ୍ଦ୍ରୋଦୟ- ରାଘ୯।୩୧।୫୯**

ଚତୁର୍ଥୀ - ରାଘ ୮।୨୨ ପର୍ଯ୍ୟନ୍ତ । ବିଶାଖା ନକ୍ଷତ୍ର - ରାଘ ୮।୩୫ ପର୍ଯ୍ୟନ୍ତ । **ତୁଳା ଚନ୍ଦ୍ର -** ଦିଘ ୨।୦୮ ପର୍ଯ୍ୟନ୍ତ । **ଚନ୍ଦ୍ର ଶୁଦ୍ଧି-** ମେଷ, ବୃଷ, କର୍କଟ, ସିଂହ, ତୁଳା, ବିଛା, ଧନୁ ଓ ମକର ରାଶିର । ଦିଘ ୨।୦୮ ଗତେ ବୃଷ, ମିଥୁନ, ସିଂହ, କନ୍ୟା, ବିଛା, ଧନୁ, ମକର ଓ କୁମ୍ଭ ରାଶିର । **ଘାତଚନ୍ଦ୍ର-** ନାସ୍ତି । **ଶ୍ରାଦ୍ଧ ନିର୍ଣ୍ଣୟ-** ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ମୂଳା ରାଘ ୮।୨୨ ପରେ ପଣସ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୪୬ ଗତେ ଘ ୬।୩୫ ମଧ୍ୟେ ଦିଘ ୧୨।୧୬ ଗତେ ଘ ୨।୪୧ ମଧ୍ୟେ । **ପର୍ବୋତ୍ସବ -** ଗୁଡ଼ ଫ୍ରାଇଡ଼େ ।

ସମ୍ପାଦକୀୟ

30 YEARS ସମ୍ବାଦ କଳିକା

ଖାଉଟିଙ୍କୁ ମିଳିପାରେ ଆଶ୍ୱସ୍ତି

ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ଏବେ ଖସୁଛି । ୮୦ ଡଲାର ତଳେ ବ୍ରେଣ୍ଟ କ୍ରୁଡ୍ । ଏଭଳି ସ୍ଥିତିରେ ନରେନ୍ଦ୍ର ମୋଦି ସରକାର ସାଧାରଣ ଖାଉଟିଙ୍କୁ ଆଶ୍ୱସ୍ତି ଦେଇପାରନ୍ତି । ଚଳିତ ବର୍ଷ ପ୍ରଥମାର୍ଦ୍ଧରେ ସାଧାରଣ ନିର୍ବାଚନ ଥିବାବେଳେ ପେଟ୍ରୋଲ ଏବଂ ଡିଜେଲ ଦର ଖସାଇପାରନ୍ତି ବୋଲି ଏକ ରିପୋର୍ଟରେ ପ୍ରକାଶ ପାଇଛି । ଦେଶରେ ଜୀବନଧାରଣ ଖର୍ଚ୍ଚ କମାଇବା ଦିଗରେ ନରେନ୍ଦ୍ର ମୋଦି ସରକାର ଆସନ୍ତା ନିର୍ବାଚନ ପୂର୍ବରୁ ପେଟ୍ରୋଲ ଏବଂ ଡିଜେଲ ଦର କମାଇ ଲୋକଙ୍କୁ ଆଶ୍ୱସ୍ତ କରିପାରନ୍ତି ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି । ସମ୍ପ୍ରତି ଭାରତରେ ମୁଦ୍ରାସ୍ଫୀତି ଚିନ୍ତାଜନକ ସ୍ତରରେ ରହିଛି । ଆରବିଆଇ ମୁଦ୍ରାସ୍ଫୀତିକୁ ୪% ମଧ୍ୟରେ ରଖିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଥିବାବେଳେ ଏହା ତାହାର ଯଥେଷ୍ଟ ଉପରେ ରହିଛି । ତେଣୁ ଇନ୍ଧନ ଦରରେ ହ୍ରାସ କରାଗଲେ ଲୋକେ କିଛି ମାତ୍ରାରେ ଉପକୃତ ହେବେ ବୋଲି ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି । ଆସନ୍ତା କିଛି ମାସ ମଧ୍ୟରେ ସାଧାରଣ ନିର୍ବାଚନ ହେବ । ଏଭଳି ସ୍ଥିତିରେ ଦରବୃଦ୍ଧିଜନିତ ସମସ୍ୟା ଯେପରି ଏଥିରେ କୌଣସି କେଁ ନ ପଶାଏ ତାହା ଉପରେ ସରକାରଙ୍କ ନଜର ରହିବ । ସୂଚନାଯୋଗ୍ୟ, ଘରୋଇ ବଜାରରେ ଦରବୃଦ୍ଧିକୁ ନିୟନ୍ତ୍ରଣ କରିବା ପାଇଁ ମୋଦି ସରକାର ବିଭିନ୍ନ ପ୍ରକାର ରପ୍ତାନି କଟକଣା ଲାଗୁ କରିଛନ୍ତି ଏବଂ କେତେକ ସାମଗ୍ରୀର ମହଜୁଦ ସୀମା କାର୍ଯ୍ୟକାରୀ କରିଛନ୍ତି । ବଜାରରେ ରାଷ୍ଟ୍ରାୟତ୍ତ ତୈଳ ମାର୍କେଟିଂ କମ୍ପାନିଗୁଡ଼ିକର ୯୦% ନିୟନ୍ତ୍ରଣ ରହିଛି । ଦର ହ୍ରାସ କରିବା ପାଇଁ ଏହା ସେମାନଙ୍କ ପାଇଁ ଉପଯୁକ୍ତ ସମୟ ବୋଲି ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି । ରେଟିଂ ଏଜେନ୍ସି ଇକ୍ରା ପ୍ରକାଶ କରିଛି ଯେ, ଅଶୋଧିତ ତୈଳ ଦରରେ ହ୍ରାସ ଯୋଗୁ ଲିଟର ପିଛା ପେଟ୍ରୋଲ ଏବଂ ଡିଜେଲ ଉପରେ ଯଥାକ୍ରମେ ୧୧ ଟଙ୍କା ଏବଂ ୬ ଟଙ୍କା ଲାଭ କରୁଛନ୍ତି ତୈଳ ବିପଣନ କମ୍ପାନି । ୨୦୨୨ରେ ଯେତେବେଳେ ତୈଳ ଦର ଉଚ୍ଚ ରହିଥିଲା ଉକ୍ତ ସମୟରେ କମ୍ପାନିଗୁଡ଼ିକ ସହିଥିବା କ୍ଷତିର ଭରଣା ହୋଇ ଏବେ ବିପୁଳ ଲାଭ କଲେଣି । ତେଣୁ ବର୍ତ୍ତମାନ ସେମାନଙ୍କ ପାଇଁ ଏହା ଦର ହ୍ରାସ କରିବାର ସମୟ ।

ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

ମା।

ଶ୍ରୀ ଅଭିରାମ ସରସ୍ୱତୀ

ଗାଧୁଆ ପାଧୁଆ ନ ହେଲା ନାହିଁ
ଅଖିଆ ଅପିଆ ରହିବି ମୁହିଁ
ତଥାପି '' ମା'' ମୁଁ
ତୋହରି ନାମକୁ ଭୁଲିବି ନାହିଁ (୧)

ଚନ୍ଦନ ସିନ୍ଦୁର ନ ହେଲା ନାହିଁ
ତୁଳସୀର ମାଳା ମୋ ଲୋଡା ନାହିଁ
ତଥାପ ''ମା'' ମୁଁ
ତୋହରି ନାମକୁ ଭୁଲିବି ନାହିଁ (୨)

ପାଟ ପିତାମ୍ବରୀ ନ ହେଲା ନାହିଁ
ତଥାପି '' ମା'' ମୁଁ
ତୋହରି ନାମକୁ ଭୁଲିବି ନାହିଁ (୩)

ଦହି ଦୁଧ ଛେନା ନ ହେଲା ନାହିଁ
ଲହୁଣୀରେ ମନ ମୋହର ନାହିଁ
ତଥାପି ''ମା'' ମୁଁ
ତୋହରି ନାମକୁ ଭୁଲିବି ନାହିଁ (୪)

ତୋ ନାମ ମୋହର ଗଙ୍ଗା ଯମୁନା
ତୋ ନାମେ ସିନ୍ଦୁର ଚିତା ପଇତା
ତଥାପି ''ମା'' ମୁଁ
ତୋହରି ନାମକୁ ଭୁଲିବି ନାହିଁ (୫)

ତୋ ସ୍ନେହ ମମତା କ୍ଷୀର ଲବଣୀ
ତୋ ପାଦଧୂଳି ମୋ ମଥାର ମଣି
ତଥାପି ''ମା'' ମୁଁ
ତୋହରି ନାମକୁ ଭୁଲିବି ନାହିଁ (୬)

କିପରି ଭାବେ ମୁଁ ତୋତେ କହିବି
ଯୁଗେ ଯୁଗେ ମୋର ତୁହି ଜନନୀ
ତଥାପି 'ମା' ମୁଁ
ତୋହରି ନାମକୁ ଭୁଲିବି ନାହିଁ (୭)

ଲୋଡା ନାହିଁ ମୋର ସାରା
ଜଗତ ତୋ ନାମ ମୋ ହୃଦେ
କେବଳ ମାତ
ତଥାପି 'ମା' ମୁଁ
ତୋହରି ନାମକୁ ଭୁଲିବି ନାହିଁ (୮)

ଲକ୍ଷ୍ମୀ ସରସ୍ୱତୀ ତୁ କାଳୀ ମାତ
ଦୁର୍ଗସା ନାରାୟଣୀ ଶକ୍ତି ମୋ ମା
ତଥାପି 'ମା'ମୁଁ
ତୋହରି ନାମକୁ ଭୁଲିବି ନାହିଁ (୯)

ଯୁଗେ ଯୁଗେ ଅଭି ତୋ ନାମ ଭଜି
ମାୟା ସଂସାରରୁ ଯାଏ ସେ ହଜି
ତଥାପି 'ମା' ମୁଁ
ତୋହରି ନାମକୁ ଭୁଲିବି ନାହିଁ(୧୦)
(କ୍ରମଶଃ)

ସତ୍ୟ ସାଇ ସିରିଡି ବାବାଙ୍କ ଅବତାର ବୋଲି, ଚିଞ୍ଚୋଲୀ ରାଣୀ ଗ୍ରାୟତ୍ରୀ ସ୍ୱାମୀ ଜୀ ବୁଝିଲେ

ଇଂ ଗୁରୁପ୍ରସାଦ ସରକାର
ମୋ : ୯୪୩୭୦୩୦୪୫୩

ଶ୍ରୀ ସତ୍ୟସାଇ ମହିମା-୨୫୪

> ସେଠାରେ ଥିବା ବଳଦଟଣା ଏକ ଟାଙ୍ଗା ଆରୋହଣ କିଛି ସିରିଡି ବାବା ରାଜାଙ୍କ ସହିତ ସହର ବାହାରକୁ ବୁଲିବାକୁ ଯାଉଥିଲେ। ଘଟଣା କ୍ରମରେ ଏହି ଟାଙ୍ଗାଟା ଆଣି ପୁଟ୍ଟପାର୍ତ୍ତିରେ ରଖାଯାଇଥିଲା। ଚିଞ୍ଚୋଲୀ ରାଣି ବାଳକ ସତ୍ୟକୁ ଦର୍ଶନ କରିବାକୁ ଆସୁଥିବା ବେଳେ ଥରେ ତାଙ୍କୁ ଚିଞ୍ଚୋଲୀ ଆସିବାକୁ ଅନୁରୋଧ କଲେ। ସମ୍ଭବତଃ ରାଣୀ ବାଳକ ସତ୍ୟସାଇଙ୍କୁ ପରୀକ୍ଷା କରିବାକୁ ଚାହୁଁଥିଲେ। ସେତେବେଳେ ଚିଞ୍ଚୋଲୀ ରାଜପ୍ରାସାଦରେ ଅନେକ ପରିବର୍ତ୍ତନ ହୋଇ ସାରିଥିଲା। ସତ୍ୟ ସାଇବାବା ଚିଞ୍ଚୋଲୀରେ ପହଞ୍ଚି ସେଠାରେ ହୋଇଥିବା ପରିବର୍ତ୍ତନ ସବୁ ଲକ୍ଷ୍ୟ କରି ରାଣୀଙ୍କୁ କହିଲେ 'ଆଛା ଆଗରୁ ଏଠାରେ ଗୋଟିଏ ନିମବୃକ୍ଷ ଥିଲା ସେଇଟା କାହିଁ ? ଏଠାରେ ଥିବା ଏକ କୂଅର ଚିହ୍ନ ଆଉ ନାହିଁ।'



ବାଳକ ସତ୍ୟ ସାଇ ବାବା ନିଜକୁ ସିରିଡି ବାବାଙ୍କ ଅବତାର ବୋଲି ଘୋଷଣା କରିବା ଏକ ବର୍ଷ ପରେ ଅର୍ଥାତ୍ ତାଙ୍କୁ ୧୫ ବର୍ଷ ହୋଇଥିବା ବେଳେ ଚିଞ୍ଚୋଲୀ ରାଣୀ ତାଙ୍କର ଦର୍ଶନ କରିବାକୁ ଆସିଥିଲେ। ରାଣୀଙ୍କ ସ୍ୱର୍ଗତ ସ୍ୱାମୀ ସିରିଡି ବାବାଙ୍କ ଜଣେ ନିଷ୍ଠାପର ଭକ୍ତଥିଲେ। ସେ ପ୍ରତିବର୍ଷ ସିରିଡିରେ କିଛି ମାସ ଅତିବାହିତ କରୁଥିଲେ। ସିରିଡି ବାବା ମଧ୍ୟ ଚିଞ୍ଚୋଲୀ ରାଜ ପ୍ରାସାଦକୁ ଅନେକ ଥର ଆସିଥିଲେ। ସେଠାରେ ଥିବା ବଳଦଟଣା ଏକ ଟାଙ୍ଗା ଆରୋହଣ କିଛି ସିରିଡି ବାବା ରାଜାଙ୍କ ସହିତ ସହର ବାହାରକୁ ବୁଲିବାକୁ ଯାଉଥିଲେ। ଘଟଣା କ୍ରମରେ ଏହି ଟାଙ୍ଗାଟା ଆଣି ପୁଟ୍ଟପାର୍ତ୍ତିରେ ରଖାଯାଇଥିଲା। ଚିଞ୍ଚୋଲୀ ରାଣି ବାଳକ ସତ୍ୟକୁ ଦର୍ଶନ କରିବାକୁ ଆସୁଥିବା ବେଳେ ଥରେ ତାଙ୍କୁ ଚିଞ୍ଚୋଲୀ ଆସିବାକୁ ଅନୁରୋଧ କଲେ। ସମ୍ଭବତଃ ରାଣୀ ବାଳକ ସତ୍ୟସାଇଙ୍କୁ ପରୀକ୍ଷା କରିବାକୁ ଚାହୁଁଥିଲେ। ସେତେବେଳେ ଚିଞ୍ଚୋଲୀ ରାଜପ୍ରାସାଦରେ ଅନେକ ପରିବର୍ତ୍ତନ ହୋଇ ସାରିଥିଲା। ସତ୍ୟ ସାଇବାବା ଚିଞ୍ଚୋଲୀରେ ପହଞ୍ଚି ସେଠାରେ ହୋଇଥିବା ପରିବର୍ତ୍ତନ ସବୁ ଲକ୍ଷ୍ୟ କରି ରାଣୀଙ୍କୁ କହିଲେ 'ଆଛା ଆଗରୁ ଏଠାରେ ଗୋଟିଏ ନିମବୃକ୍ଷ ଥିଲା ସେଇଟା କାହିଁ ? ଏଠାରେ ଥିବା ଏକ କୂଅର ଚିହ୍ନ ଆଉ ନାହିଁ।' ଆଉ ଧାଡିହୋଇ ରହୁଥିବା କୋଠାଘର ଗୁଡିକୁ ଦେଖେଇ ସତ୍ୟ ସାଇ ବାବା କହିଲେ, ମୁଁ ସିରିଡି ଅବତାରରେ ଥିବା ବେଳେ ଏଗୁଡିକ ତିଆରି ଚାଲିଥିଲା।। ତାପରେ ରାଣୀଙ୍କୁ ସେ କହିଲେ ମୁଁ ସ୍ୱର୍ଗତ ରାଜାଙ୍କୁ ଏକ କ୍ଷୁଦ୍ର ଶିଳା ମୂର୍ତ୍ତି ଦେଇଥିଲି, ସେଇଟା କାହିଁ ? ରାଣୀ ଏ ଶିଳା ମୂର୍ତ୍ତି ବିଷୟରେ ଜାଣି ନଥିଲେ। ପ୍ରାସାଦର ସବୁଠାରେ ଭଲ ଭାବରେ ଖୋଜି ଏହି ଶିଳାମୂର୍ତ୍ତିଟି ଆବିଷ୍କାର କରିବା ପାଇଁ ଏହି ଘଟଣା ପରେ ରାଣୀ ଓ ସେଠାରେ ଉପସ୍ଥିତ ଥିବା ସମସ୍ତଙ୍କର ବିଶ୍ୱାସ ହୋଇ ଗଲା ଯେ, ସତ୍ୟ ସାଇ ବାବା ସିରିଡି ବାବାଙ୍କ ପରଅବତାର।

ଶୃଙ୍ଗେରୀ ପୀଠ ଶଙ୍କରାଚାର୍ଯ୍ୟଙ୍କ ଶିଷ୍ୟ ଶ୍ରୀମଦ ଗାୟତ୍ରୀ ସ୍ୱାମୀଙ୍କର ଅନୁଭୂତି ପ୍ରଣିଧାନ ଯୋଗ୍ୟ। ସତ୍ୟ ସାଇ ବାବା ନିଜ ଗାଆଁରୁ ପ୍ରଶାନ୍ତି ନିଳୟମକୁ ଗଲାପରେ ଗାୟତ୍ରି ସ୍ୱାମୀଜୀ ସେଠାକୁ ବୁଲିବାକୁ ଯାଇଥିଲେ। ୧୯୦୬ ମସିହାରେ ସ୍ୱାମୀଜୀ ଥରେ ସିରିଡି ବାବାଙ୍କ ସହ ଗୋଟିଏ ବର୍ଷ ରହିଥିଲେ ଓ ପରବର୍ତ୍ତୀ ସମୟରେ ତାଙ୍କ ନିକଟକୁ ଅନେକ ଥର ଯାଇଥିଲେ। ତେଣୁ ନିଜର ପୁରାତନ ଗୁରୁ ଯେ ସତ୍ୟ ସାଇ ରୂପରେ ଜନ୍ମ ଗ୍ରହଣ କରିଛନ୍ତି ଏଥିରେ ତାଙ୍କର ବିଶ୍ୱାସ ନଥିଲା। ପ୍ରଶାନ୍ତି ନିଳୟମର ଛାଡିବାର ପୂର୍ବଦିନ ରାତିରେ ସେ ଗୋଟିଏ ସ୍ୱପ୍ନ ଦେଖିଲେ। ଏହି ସ୍ୱପ୍ନରେ ସିରିଡି ବାବା ତାଙ୍କ ପାଖକୁ ଆସି କହିଲେ, ' ମୁଁ ଆଠ ବର୍ଷ ପରେ ମହାସମାଧିରୁ ବାହାରି ସତ୍ୟସାଇ ରୂପରେ ଜନ୍ମ ନେଇଛି ଓ ପନ୍ଦର ବର୍ଷ ବୟସରେ ମୋ ପର ଅବତାର ମୋର ସମସ୍ତ ଗୁଣ ଆହରଣ କରିଛି। ଏହି ସ୍ୱପ୍ନରୁ ଗାୟତ୍ରୀ ସ୍ୱାମୀଜୀ ନିଶ୍ଚିତ ହେଲେ ଯେ, ସିରିଡି ବାବା ଓ ସତ୍ୟ ସାଇ ବାବା ଏକ ଓ ଅଭିନ୍ନ । (କ୍ରମଶଃ)

ଯତ୍ କର୍ମଂ ତତ୍ ଫଳଂ

ପ୍ରଦୀପ୍ତ କୁମାର ଜେନା
ଅବସରପ୍ରାପ୍ତ
ପୋଲିସ୍ ଅଫିସର୍
ମୋ-୮୨୪୯୨୮୧୫୬୭

ଇଂରାଜୀରେ ଗୋଟିଏ proverb ଅଛି 'As you sow, so you reap' ଯାହାର ଅର୍ଥ ଯେମିତି ବୁଣିବ ସେମିତି କାଟିବ । ଧାନ ବୁଣିଲେ ଧାନ ଫଳିବ, କିନ୍ତୁ ଗହମ ନୁହେଁ । ମଣିଷ ଯେଉଁ କର୍ମ କରିବ ସେ ତା'ର କର୍ମ ଅନୁଯାୟୀ ଫଳ ଭୋଗ କରିବ । ପାପ କାର୍ଯ୍ୟ କଲେ ନର୍କ ଭୋଗ କରିବ ଓ ପୁଣ୍ୟ କାର୍ଯ୍ୟ କଲେ ପୁଣ୍ୟ ଫଳ ପାଇବ । ମଣିଷ ମନ ଇନ୍ଦ୍ରିୟମାନଙ୍କ ଦ୍ୱାର ପ୍ରଭାବିତ ହୋଇ ତା'ର ଅଜ୍ଞାନତା ବଶତଃ ଗୁଡ଼ାଏ ପାପ କାର୍ଯ୍ୟ କରିପକାଏ ଓ ସେ ମଧ୍ୟ କିଛି ଭଲ କାମ କରିଥାଏ । ସେ ଜାଣିନଥାଏ ଯେ ତା'ର କାର୍ଯ୍ୟର ହିସାବ ତା'ର ସୂକ୍ଷ୍ମ ଶରୀରରେ ରେକଡିଙ୍ଗ୍ ହେଇରହିଥାଏ, ଏପରିକି ସେ ଯେଉଁ ଭଲ କାମ କରିଥାଏ ତାହା ମଧ୍ୟ ରେକଡିଙ୍ଗ୍ ହୋଇ ରହିଥାଏ । ମଣିଷଟି ଯେତେବେଳେ ଦେହତ୍ୟାଗ କରେ ତା'ର ଆତ୍ମା ସହିତ ମନ, ବୁଦ୍ଧି ଓ ଅଂହକାର ଅର୍ଥାତ ତା'ର ସୂକ୍ଷ୍ମ ଶରୀର ତା' ସହିତ ଯାଇ ଅନ୍ୟ ଘଟରେ ଆଶ୍ରୟ ନେଇଥାଏ । ବାୟୁ ଯେପରି ଗନ୍ଧ ସ୍ଥାନରୁ ଗନ୍ଧକୁ କିଛି ବାଟ ସାଥିରେ ନେଇକି ଯାଇଥାଏ, ଠିକ ସେହିପରି ମଣିଷର ପୁଣ୍ୟ କର୍ମ ଓ ପାପ କର୍ମ ଉଭୟ ଆତ୍ମା ସହିତ ଯାଇଥାଏ । କର୍ମ ଫଳକୁ ତିନି ଭାଗରେ ବିଭକ୍ତ କରାଯାଇଛି ଯଥା ସଞ୍ଚିତ କର୍ମ, କ୍ରିୟମାଣ ଓ ପ୍ରାରବ୍ଧ । ମଣିଷ ତା'ର ଜୀବନ କାଳ ଭିତରେ ଯେଉଁ କର୍ମ ସେ ପାପ ହେଉ କି ପୁଣ୍ୟ ହେଉ କରିଥାଏ ତାକୁ କ୍ରିୟମାଣ କର୍ମ କୁହାଯାଏ । ଯେଉଁ କର୍ମ ସେ ପାପ ହେଉ କି ପୁଣ୍ୟ ଭୋଗ ନ ହୋଇପାରେ ଓ ମଣିଷଟି ସଂସାରରୁ ବିଦାୟ ନେଇଯାଏ ତାଙ୍କୁ ସଞ୍ଚିତ କର୍ମ କହନ୍ତି । ସେ ସଂଚିତ କର୍ମ ପରଜନ୍ମରେ ଭୋଗିବାକୁ ହୋଇଥାଏ, ଯାହାକୁ ପ୍ରାରବ୍ଧ ବୋଲି କୁହାଯାଏ । ମଣିଷକୁ ଏ ସମସ୍ତ ପାପ ପୁଣ୍ୟକୁ ଭୋଗିବାକୁ ପଡିଥାଏ । ଏମିତି ନାହିଁ ଯେ ଅଧିକ ପୁଣ୍ୟ ଥିଲେ କମ୍ ପାପ ଥିଲେ ସେ ପୁଣ୍ୟର ପ୍ରଭାବରେ ପାପରୁ ମୁକ୍ତି ପାଇଯିବ । ଦେଖାଯାଏ ଜଣେ ମଣିଷ ଏହି ଜନ୍ମରେ ଅନେକ ପାପ କାର୍ଯ୍ୟ କରୁଛି, ସେ କିନ୍ତୁ ବହୁତ ଖୁସିରେ ଅଛି । ପୂର୍ବ ଜନ୍ମର କିଛି ସଞ୍ଚିତ ପୁଣ୍ୟ ଥିବାରୁ ସେ ଏ ଜନ୍ମରେ ସେହି ସଞ୍ଚିତ ପୁଣ୍ୟ ଭୋଗ କରୁଛି । ଏ ଜନ୍ମରେ ସେ ଯେଉଁ ପାପ କରୁଛି ତାକୁ ଏହି ଜନ୍ମରେ ଭୋଗ କରିବ, ନାହିଁତ ସେ ପର ଜନ୍ମରେ ଭୋଗ କରିବାକୁ ପଡିବ । ତୁଳସୀ ଦାସ ଗୋସ୍ୱାମୀ ରାମଚରିତ ମାନସରେ କହିଛନ୍ତି 'ପ୍ରାରବ୍ଧ ପହିଲେ ରଚା, ପିଛେ ରଚା ଶରୀର୍' । ପ୍ରଥମେ ପ୍ରାରବ୍ଧ ରଚନା କରାଯାଏ ଓ ତା'ପରେ ଶରୀର ତିଆରି ହୁଏ । ଭଗବାନ ଶ୍ରୀକୃଷ୍ଣ ଯେତେବେଳ କଂସକୁ ନିଧନ କରି ତା'ର ବନ୍ଦୀଶାଳରୁ ଦେବକୀ ଓ ବସୁଦେବଙ୍କୁ ମୁକ୍ତ କରିବାକୁ ଗଲେ ଦେବକୀ ଭଗବାନ କୃଷ୍ଣଙ୍କୁ ଗୋଟିଏ ପ୍ରଶ୍ନ ପଚାରିଲେ । କହିଲେ 'ତୁମେତ ଭଗବାନ । ଆମେ କି ଦୋଷ କରିଥିଲୁ ଯେ ଚଉଦ ବର୍ଷ ବନ୍ଦୀଶାଳରେ କଟାଇବାକୁ ପଡିଲା ?' ଭଗବାନ ସ୍ମିତ ହାସ୍ୟ ସହିତ କହିଲେ, 'ମାତା ! ଆପଣ ମୋତେ ତ୍ରେତୟା ଯୁଗରେ ବିନା କାରଣରେ ଚଉଦ ବର୍ଷ ବନବାସ ପଠେଇଥିଲେ । ଆପଣ ପୂର୍ବଜନ୍ମରେ କୈକେଇ ଥିଲେ ଓ ପିତା ବସୁଦେବ ରାଜା ଦଶରଥ ଥିଲେ । ତା'ର କର୍ମ ଫଳ ତୁମ୍ଭମାନଙ୍କୁ ଏ ଜନ୍ମରେ ଭୋଗିବାକୁ ପଡିଲା ।' ଏଭଳି ଅନେକ ଉଦାହରଣ ଆମ ଶାସ୍ତ୍ର ମାନଙ୍କରେ ରହିଛି । କର୍ମ ଫଳ ସେ ଭଲ ହେଉ କି ଖରାପ ମଣିଷକୁ ଭୋଗିବାକୁ ପଡିବ । ପାପ କର୍ମରୁ ମୁକ୍ତି ପାଇବା ପାଇଁ ଯଦି ଜଣେ ବ୍ୟକ୍ତି ଭଗବାନଙ୍କ ନିକଟରେ ନିଜକୁ ସମ୍ପୂର୍ଣ୍ଣ ଭାବରେ ସମର୍ପିତ ହୋଇ ତାଙ୍କୁ ଭକ୍ତିର ସହିତ ଭଜନ କୀର୍ତ୍ତନ କରିବ ତାହେଲେ ସେ ମୁକ୍ତି ପାଇପାରିବା ରାଜା ପରୀକ୍ଷିତ ଭାଗବତ ଶ୍ରବଣ କରି ବ୍ରହ୍ମ ଶ୍ୟାପରୁ ଉଦ୍ଧାର ପାଇପାରିଥିଲେ ବୋଲି ଭାଗବତରେ ଉଲ୍ଲେଖ ଅଛି । ଦସ୍ୟୁ ରତ୍ନାକର ଭଗବାନଙ୍କ ନାମ ଜପ କରି ବାଲ୍ମୀକି ମହର୍ଷି ହୋଇପାରିଥିଲେ । ସାମାନ୍ୟ ଅଗ୍ନିକଣା ଯେଭଳି ଗଦାଏ ତୁଳାକୁ ନିମିଷକେ ପୋଡି ଧ୍ୱଂସ କରିଦିଏ, ଠିକ ସେଇଭଳି ଗଦାଏ ପାପକୁ ହରିନାମ ନିମିଷକେ ପୋଡି ନଷ୍ଟ କରିଦିଏ ବୋଲି କୁହାଯାଏ । ଭାଗବତ ଗୀତାର ନବମ ଅଧ୍ୟୟ ୩୦ ନମ୍ବର ଶ୍ଳୋକରେ ଭଗବାନ କହିଛନ୍ତି 'ଯଦି ବ୍ୟକ୍ତି ଅତ୍ୟନ୍ତ ଦୁରାଚାରୀ ହୁଏ ଅର୍ଥାତ ଅତ୍ୟନ୍ତ ହୀନ ବା ପାପ କାର୍ଯ୍ୟ କରେ ସେ ଯଦି ଭଗବାନଙ୍କ ସେବାରେ ନିଯୁକ୍ତ ହୁଏ ସେ ସାଧୁ ବୋଲି ବିବେଚିତ ହେବ । ଆସନ୍ତୁ ଆମେ ଜାଣିବା କର୍ମ କ'ଣ ।

କର୍ମକୁ ତିନି ଭାଗରେ ବିଭକ୍ତ କରାଯାଇଛି । ଯଥା-କର୍ମ, ବିକର୍ମ, ଅକର୍ମ । କର୍ମକୁ ପୁନରାୟ ତିନି ଭାଗରେ ବିଭକ୍ତ କରାଯାଇଛି। ଯଥା-ନିୟତ କର୍ମ, ବିହିତ କର୍ମ ଓ ନିତ୍ୟ ନୈମିତ୍ତିକ କର୍ମ । ଆମେ ଜୀବନରେ ପ୍ରତ୍ୟେକ ଦିନ ଜୀବନଚର୍ଯ୍ୟା ପାଇଁ କିଛି କର୍ମ କରିଥାଉ ଯଥା-ଦାନ୍ତ ଘଷିବା, ଝାଡା ଯିବା, ଗାଧୋଇବା, ଖାଇବା, ଶୋଇବା ଇତ୍ୟାଦି ଏଗୁଡିକ ସମସ୍ତ ମାନବ ପାଇଁ ନିହାତି ଆବଶ୍ୟକ । ଜଣେ ସାଧୁ ବା ସନ୍ଥ ମଧ୍ୟ ନିତ୍ୟ ନୈମିତ୍ତିକ କାର୍ଯ୍ୟ କରିଥାଏ । ନିୟତ କର୍ମ ଅର୍ଥାତ ନିଜର କୌଳିକ କର୍ମ ଯଥା-କ୍ଷତ୍ରିୟର କର୍ମ ଦେଶ ରକ୍ଷା କରିବା, ଯୁଦ୍ଧ କରିବା । ବ୍ରାହ୍ମଣର ଧର୍ମ ଜ୍ଞାନ ବିତରଣ କରିବା, ଯଜ୍ଞ୍ୟାଦି ପୂଜା କର୍ମ କରିବା । ବୈଶ୍ୟର କୌଳିକ ଧର୍ମ ବେପାର ବାଣିଜ୍ୟ କରିବା । ଚଷାର କର୍ମ ଚାଷ କରିବା । ଏ ସମସ୍ତ କର୍ମରେ ଫଳ ଆଶା ଅଛି । ଜଣେ ଛାତ୍ର ବିଦ୍ୟାଧ୍ୟାନ କରୁଛି, ସେ ନିଶ୍ଚିତ ଭଲ ଫଳକୁ ଅପେକ୍ଷା କରିବ । ଜଣେ ଚାଷୀ ଧାନ ବୁଣିଚି, ସେ ଆଶା କରିବ କିଭଳି ତା' ଜମିରୁ ଭଲ ଫସଲ ମିଳିବ । ଯେଉଁଠି କର୍ମରେ ଫଳ ପ୍ରତି ଆଶା ରହେ ତାହା ସକାମ କର୍ମ ଓ ଯେଉଁଠି ଫଳ ଆଶା ନଥାଏ ତାହା ନିଷ୍କାମ କର୍ମ । ବିହିତ କର୍ମ ବା ଶାସ୍ତ୍ରନୁମୋଦିତ କର୍ମରେ ଠିକ ସେଇଭଳି ଫଳ ଆଶା ଥାଏ । ଧରାଯାଉ ଜଣେ ପୂଜା ଯଜ୍ଞ କରୁଛି, ସେଠି ସେ ଫଳ ଆଶା ରଖି କରୁଛି। ଯଦି କୌଣସି ଫଳ ଆଶା ନରଖି ଦେଶର ମଙ୍ଗଳ ପାଇଁ ଯଜ୍ଞ ହେବ ତାହେଲେ ତାଙ୍କୁ ନିଷ୍କାମ କର୍ମ କୁହାଯିବ । ଜଣେ ବ୍ୟକ୍ତି ଯଦି ସେ ତାର ନିୟତ କର୍ମ ବା କୌଳିକ ବୃତ୍ତିକୁ ପରିହାର କରି ଅନ୍ୟର ବୃତ୍ତିକୁ ଆପଣାଏ ତାହେଲେ ତାହା ଭୟାବହ । ଭଗବାନ ଗୀତାର କର୍ମ ଯୋଗରେ କହିଛନ୍ତି, 'ସ୍ୱଧର୍ମେ ନିଧନ ଶ୍ରେୟ ପରୋଧର୍ମ ଭୟବାହ' । ନିଜ ଧର୍ମ ବା ନିଜ କର୍ମ କରି ମୃତ୍ୟୁବରଣ କରିବା ଶ୍ରେୟସ୍କର । ହେଲେ ଅନ୍ୟର ଧର୍ମ ବା କର୍ମକୁ ଆପଣାଇବା ହିଁ ଭୟାବହର କାରଣ । ଅର୍ଥାତ, ଜଣେ ବ୍ରାହ୍ମଣ ତା'ର ନିଜସ୍ୱ କର୍ମ କରିବା ଉଚିତ । ବ୍ରାହ୍ମଣ କ୍ଷତ୍ରିୟ କର୍ମ କରିବା ଉଚିତ ନୁହେଁ । ପର୍ଶୁରାମ ଯଦିଓ ବ୍ରାହ୍ମଣ ଥିଲେ ସେ କ୍ଷତ୍ରୀୟ ଧର୍ମର ଆଚରଣ କରୁଥିଲେ। ଠିକ୍ ବିଶ୍ୱାମିତ୍ର କ୍ଷତ୍ରିୟ ଥିଲେ ବି ସେ ବ୍ରାହ୍ମଣ ଧର୍ମର ଆଚରଣ କରୁଥିଲେ । ଉଭୟ ଦିବ୍ୟ ସ୍ତରରେ ଅବସ୍ଥାନ କରୁଥିବାରୁ ସେମାନେ ସେହିପରି କରିପାରୁଥିଲେ । କିନ୍ତୁ ଯେପର୍ଯ୍ୟନ୍ତ ବ୍ୟକ୍ତି ଭୌତିକ ସ୍ତରରେ ଅଛି, ସେ ପର୍ଯ୍ୟନ୍ତ ସେ ଭୁତ ପ୍ରକୃତିର ଗୁଣ ଅନୁଯାୟୀ କର୍ମ କରିବା ଉଚିତ । ଏହି ସଂସାରରେ ପ୍ରତ୍ୟେକ ଜୀବ କର୍ମର ବନ୍ଧନରେ ବାନ୍ଧି ହୋଇ ରହିଛନ୍ତି । କର୍ମ ହିଁ ବନ୍ଧନର କାରଣ। ଭଗବାନ ଅର୍ଜୁନଙ୍କୁ ନିୟତ କର୍ମ ସହିତ ନିଷ୍କାମ କର୍ମ କରିବାକୁ ଉପଦେଶ ଦେଇଛନ୍ତି । ଭଗବାନ କହିଛନ୍ତି, 'ହେ ଅର୍ଜୁନ ! ତୁମେ ତୁମର କର୍ମକୁ ମୋତେ ସମର୍ପଣ କରିଦେଇ ଫଳ ଆଶା ନ ରଖି ଯୁଦ୍ଧ କର ।' ଭଗବାନ ନିଜେ ଗୀତା ତୃତୀୟ ଅଧ୍ୟାୟ ୨୪ ନମ୍ବର ଶ୍ଳୋକରେ କହିଛନ୍ତି, 'ମୋର ସଂସାରରେ କିଛି କରିବାର ନାହିଁ କି କିଛି ପାଇବାର ନାହିଁ । ତଥାପି ମୁଁ କର୍ମ କରୁଛି । ମୁଁ ଯଦି କର୍ମ ବନ୍ଦ କରିଦେବି ତାହେଲେ ସମସ୍ତ ଜଗତ ଧ୍ୱଂସ ହୋଇଯିବ । ମୁଁ ମଧ୍ୟ ବର୍ଣ୍ଣ ଶଙ୍କର ଉତ୍ପାଦନର କାରଣ ହେବି । ଅନ୍ୟ ମାନେ ମୋତେ ଦେଖି କର୍ମ କରିବେ ନାହିଁ ।' ଗୋପବନ୍ଧୁ କହିଛନ୍ତି 'କର୍ମେ ଜୀଏ ନର କର୍ମ ଏକା ତା'ର ଜୀବନର ମାନଦଣ୍ଡ' । ତେଣୁ ଭଗବାନ ବର୍ଣ୍ଣ ଅନୁଯାୟୀ ଯାହାକୁ ଯେଉଁ କର୍ମ କରିବାକୁ କହିଛନ୍ତି ସେ ସେହି କର୍ମ କୌଣସି ଫଳ ଆଶା ନରଖି ଜଗତର ମଙ୍ଗଳ ପାଇଁ କରିବା ଉଚିତ । ଯଜ୍ଞ ଦାନ ତପରେ ଫଳ ପ୍ରତି ଆଶା ଥିଲେ ବି ସେ କର୍ମ କରିବାକୁ ଭଗବାନ ଗୀତାରେ ଉପଦେଶ ଦେଇଛନ୍ତି । ଆମର ସନାତନ ସଂସ୍କୃତି ବା ହିନ୍ଦୁ ଧର୍ମର ପୁଣ୍ୟ ଗ୍ରନ୍ଥ ବେଦ, ବେଦାନ୍ତ ଉପନିଷଦ ଗୀତା ଆଦି ଯେଉଁ କର୍ମ କରିବାକୁ କହିଛନ୍ତି ତାହାକୁ ନିଷ୍କାମ କର୍ମ କୁହାଯାଏ ବା ଫଳ ପ୍ରତି ଆଶା ନରଖି କାର୍ଯ୍ୟ କରିବା । ଭଗବଦ୍ ଗୀତାରେ କୁହାଯାଇଛି 'କର୍ମଣ୍ୟେ ବାଧିକରସ୍ତୁ ମା ଫଳେଷୁ କଦାଚନା' ଅକର୍ମ ଅର୍ଥ ଯାହା କରଣୀୟ ନୁହେଁ, ଯେଉଁ କର୍ମକୁ କରିବାକୁ ଆମ ଶାସ୍ତ୍ର ବାରଣ କରିଛି । ଚୋରି କରିବ ନାହିଁ, ହିଂସା ଆଚରଣ କରିବ ନାହିଁ, ମିଥ୍ୟା କହିବ ନାହିଁ, ଜୀବ ହତ୍ୟା କରିବ ନାହିଁ ଇତ୍ୟାଦି ଅକର୍ମ । ଯେଉଁ କର୍ମ ବିଷ୍ଣୁ ପ୍ରୀତ୍ୟାର୍ଥେ କୌଣସି ଫଳ ପ୍ରତି ଆଶା ନ ରଖି ପ୍ରଭୁଙ୍କ ନିକଟରେ ସମ୍ପୂର୍ଣ୍ଣ ସମର୍ପିତ ଭାବେ କରାଯାଏ ତାକୁ ଅକର୍ମ କୁହାଯାଏ । 'ଅକର୍ମେ ବାସୁଦେବ ପ୍ରୀତି', କର୍ମ କଲେ ଅକର୍ମ କ୍ଷୟ ଯାଆନ୍ତି, ଭଗବାନଙ୍କୁ ପ୍ରାପ୍ତ ହୋଇଥାଏ । ଏହି ଭଗବତ୍ କର୍ମ କଲେ ମଣିଷ ଅର୍ଥାତ ଜୀବ ମୋକ୍ଷ ପ୍ରାପ୍ତି ହୋଇଥାଏ ।

ମେସିନର ମଣିଷ ଚାଷ

ସନମ ସ୍ମିତା ସାହୁ
ଭାରତୀୟ ଜନ ସଞ୍ଚାର ସଂସ୍ଥାନ
ଢେଙ୍କାନାଳ
ମୋ-୭୦୦୮୩୯୫୮୩୦

ଦିନ ଥିଲା ଅତିମାନସ ଶକ୍ତି ପାଇଁ ମୁନିଋଷିମାନେ ତପସ୍ୟା କରୁଥିଲେ। ଓଁକାରରୁ ଆରମ୍ଭ ହୋଇ ମାନବ ସମାଜର ବିକାଶ ଦିଗରେ ହୋମ ଯଜ୍ଞ ହେଉଥିଲା। ହେଲେ ସୁପର ହ୍ୟୁମାନ ଜାଗାରେ ସୁପର କମ୍ପ୍ୟୁଟର ପଛରେ ଦୁନିଆ ପାଗଳ। ମାର୍ବଲ, ଡିସି ବଦଳରେ ରୋବଟ ପଛରେ ପିଲାଠାରୁ ବୁଢ଼ା ଯାଏଁ ସମସ୍ତେ ବିମୋହିତ। ସ୍ମାର୍ଟ୍ ମଣିଷ ନୁହେଁ କି କ୍ଲାସ୍ ନୁହେଁ, ବରଂ ସ୍ମାର୍ଟ୍ ହାଉସ, ସ୍ମାର୍ଟ ଫୋନ ଦେଖି ସବୁ ବିସ୍ମିତ। ତେବେ ମଣିଷ ମନରୁ ଜନ୍ମ ହୋଇଥିବା ଏହି ମାନସ ସନ୍ତାନ କେତେ ସୁଯୋଗ୍ୟ, ତାହା ଜାଣିବା ନିହାତି ଜରୁରୀ।

ନିଜର ନିତ୍ୟ ବ୍ୟବହାର୍ଯ୍ୟ ଜିନିଷକୁ ସରଳ କରିବାକୁ କିମ୍ବା କର୍ମ କ୍ଷେତ୍ରରେ ଶ୍ରମ କୋହଳ କରିବାକୁ ବୁଦ୍ଧିମାନ ମନୁଷ୍ୟ ତିଆରି କଲା ଗଣନ ଯନ୍ତ୍ର ବା କମ୍ପ୍ୟୁଟର। ହେଲେ କୁନି ପିଲା ବଡ଼ ହେଲେ ବୁଦ୍ଧି ପଶିବା ପରି ଏହି ଯନ୍ତ୍ରର ମଧ୍ୟ ବୌଦ୍ଧିକ ବିକାଶ ହେଲା । ସାଧାରଣ ଡବାରୁ ବାହାରି ସ୍ଲିମ୍ ସ୍ମାର୍ଟ ହେଲା। ଏହାସହ ଚକିତ କରି ନିଜ ଭିତରେ ଦାବିଲା ଲୋକଙ୍କ ଆଗ୍ରହକୁ। ବୈଜ୍ଞାନିକଙ୍କ ଭାଷାରେ ଆଲଗୋରିଦିମ୍, କୋଡ୍ ଏବଂ ପରିସଂଖ୍ୟାନ ଦ୍ୱାରା ଗଢ଼ିଲା ନିଜର କୁହୁକ ଦୁନିଆ। ଯାଦୁଗର ନିଜ ଯାଦୁରେ ବାନ୍ଧି ରଖିବା ପରି କୃତ୍ରିମ ବୁଦ୍ଧିମତା ଜାବୁଡ଼ି ଧରିଲା ମନୁଷ୍ୟର ସୃଜନଶୀଳତା, ଇଚ୍ଛାଶକ୍ତି ଓ ଆବେଗକୁ। ଏହି କୃତ୍ରିମ ବୁଦ୍ଧିମତା ବା ଏଆଇର କୁହୁକ ଏତେ ସୁଦୃଢ଼ ଆଉ ସୁଦୂର ବିସ୍ତାରି ଯେ, ପ୍ରଭାବିତଙ୍କ ସଂଖ୍ୟା ସାରା ବିଶ୍ୱ କହିଲେ ଅତ୍ୟୁକ୍ତି ହେବ ନାହିଁ।

ସାଧାରଣ ଛାତ୍ରଛାତ୍ରୀ ଯେତେବେଳେ କାଗଜ କଲମ ଧରି ପାଠ ପଢୁଥିଲା, ଏବେ ୫-୬ ବର୍ଷର ଛୁଆ ମଧ୍ୟ ଚାଟ ଜିପିଟି କରୁଛି। ବ୍ଲୁ ହ୍ୱେଲ, ଫ୍ରି ଫାୟର ଭଳି ଅନଲାଇନ୍ ଗେମର ନିଶାରେ ନିଜକୁ କବଳିତ କରି ହିଂସ୍ର ବ୍ୟବହାର କରୁଛନ୍ତି। କିଛି ନିଜ ଅଭିଭାବକଙ୍କ ଆକାଉଣ୍ଟରୁ ପଇସା ଦେବାକୁ ପଛାଉନାହାନ୍ତି। ଖେଳ ହେଉ କି ସୃଜନଶୀଳତାର ଅଭାବ , ଏହା ଯେ ତାଙ୍କ ପାଇଁ ଆତ୍ମଘାତୀ ହେଉଛି ସେହି କଥା ଜଣା ପଡୁନାହିଁ। ସାଙ୍ଗ ସହ ଦେଖା ହେବା ଦୂରର କଥା , ଦିନରାତି ଏହି କଥା କୁହା ଯନ୍ତ୍ରକୁ ନିଜର ସାଙ୍ଗ କରୁଛି। ମାନସିକ ସ୍ତରରେ ଏଆଇ ପିଲାଙ୍କ ଉପରେ ନକାରାତ୍ମକ ପ୍ରଭାବ ପକାଉଛି।

କମ୍ପାନୀରେ ପୁଳା ପୁଳା କର୍ମଚାରୀ ଆଉ ନାହାନ୍ତି। ବଦଳରେ ୱର୍କ ଫ୍ରମ୍ ହୋମର କାହାଣୀ ଶୁଣିବାକୁ ମିଳୁଛି ତ କିଛିରେ ଗୁଡ଼େଇ ହୋଇ ରହିଛି ଗଦା ଗଦା କମ୍ପ୍ୟୁଟର। ଗୁଗଲ କମ୍ପାନୀରେ ରହିଛି ହଜାର ହଜାର କମ୍ପ୍ୟୁଟର। କିଛି ସାମ୍ନାରେ ତ କିଛି ଲୁଚିଛି ଅଣ୍ଡରଗ୍ରାଉଣ୍ଡ କଠୋରିରେ। ନିଯୁକ୍ତି ଖାଇବା ସହ କଣ ରହିଛି ଏହି କମ୍ପ୍ୟୁଟରଙ୍କ କାହାଣୀ ଡାକ୍ତରୀ ରୋଗନିଦାନ ସହ ସ୍ମାର୍ଟ ହାଉସ, ଷ୍ଟକ୍ ମାର୍କେଟ ବିଶ୍ଳେଷଣ , ସ୍ୱୟଂ ଚାଳିତ କାର ସବୁଠି କବଜା କରିଛି ଏଆଇ।

ଦୁନିଆରେ କମ୍ପ୍ୟୁଟର ତିଆରି ହେବା ଦିନଠାରୁ ଡାଟା ବା ତଥ୍ୟର ଆଦାନ ପ୍ରଦାନ ଚାଲିଛି। ବର୍ତ୍ତମାନ ଯାଏଁ ପ୍ରାୟ ଟ୍ରିଲିଅନ ଟ୍ରିଲିଅନ ଡାଟା ଟ୍ରାନ୍ସଫର ହୋଇସାରିଛି। ଇଣ୍ଟରନେଟ ବା ୱେବରେ କ୍ଲାଉଡ୍ ଜରିଆରେ ଡାଟା ରହୁଛି। ତେବେ ହ୍ୟାକରମାନଙ୍କୁ କ୍ଲାଉଡ୍ ହ୍ୟାକ କରିବା ଅତି ସହଜ। ରୋଷେଇ ଘରେ ୟୁଟ୍ୟୁବରୁ ଖାଇବା ତିଆରି କରୁଥିବା ଗୃହିଣୀମାନେ ଅଜାଣତରେ ନିଜ ଡାଟା ଦେଉଛନ୍ତି ୱେବକୁ। କେବଳ ଏତିକି ନୁହେଁ ଆମେ ବ୍ୟବହାର କରୁଥିବା ସୋସିଆଲ ମିଡ଼ିଆ ପ୍ରତି ମୁହୂର୍ତ୍ତରେ ଆମ ବ୍ୟକ୍ତିଗତ ଖବର ରଖୁଛି। ଖବର ସହ ବେପାର କରିବାକୁ ଗୋଟେ ମିନିଟ ବି ଲାଗିବନି।

ଗୋଟିଏ ଆକାଉଣ୍ଟର ତଥ୍ୟ କଣ ଗୁରୁତ୍ୱ ରଖେ ଗୋଟିଏ ଭୋଟର ମୂଲ୍ୟ ଯେତିକି, ତାହା ଗୋଟିଏ ରାଜନୈତିକ ଦଳକୁ ପଚାରନ୍ତୁ। ଶୁଣିବାକୁ ମିଳୁଛି, ବଡ଼ ବଡ଼ ଆଇଟି କମ୍ପାନୀଗୁଡ଼ିକ ତଥ୍ୟର କାରବାର କରନ୍ତି। ବିଜ୍ଞାପନ କ୍ଷେତ୍ରରେ ହେଉ ବା ରାଜନୈତିକ ପ୍ରଚାରରେ ହେଉ, ମିମ୍ ବା ବ୍ଲଗ୍ ରେ ହେଉ ସବୁଠି ଗୋଟିଏ ଲାଇକ, କମେଣ୍ଟ ଗୁରୁତ୍ୱ ରଖେ। ଏଆଇ ହେଉଛି ଏମିତି ଏକ ଟୁଲ ବା ଯନ୍ତ୍ର ଯିଏ ଏହି କାରବାରରେ ବେପାରୀର ଡାହାଣ ହାତ ହୋଇ ବୁଲୁଛି। ଇନଷ୍ଟାଗ୍ରାମରେ ରିଲ ସ୍ୱାଇପ ବେଳେ ସେହି ସମ୍ବନ୍ଧୀୟ ଅନ୍ୟ ଏକ ରିଲ୍ ହଠାତ୍ ପିଟି ହୁଏ, ଏହା ହେଉଛି ଅପ୍ଟିମାଇଜେସନର ଉଦାହରଣ। ସ୍ଲୋଟରେ ସିଡି ଥୋଇବା ଭଳି ଆମ ପୂର୍ବ ଆଗ୍ରହ, ବ୍ୟବହାରକୁ ଅନୁକରଣ କରି ନୂତନ ସିଡି ରୂପୀ ରିଲ ଖଞ୍ଜେ ଏଆଇ। ନିର୍ବାଚନୀ ସମୟରେ ଡିପ ଫେକ କରି ଚରିତ୍ରନାଶ ବା ଚରିତ୍ରବିନ୍ୟାସ କରେ। ଏପରିକି ପୋଲ ଦ୍ୱାରା ଆଗାମୀ ନିର୍ବାଚନ ଫଳାଫଳକୁ ବିଶେଷ ପ୍ରଭାବ ପକାଏ ଏଆଇ। ମାନିପୁଲେଟ କରି ମନ ପରିବର୍ତ୍ତନ କରିବାର କ୍ଷମତା ରଖେ ଏହି ଯନ୍ତ୍ରାଂଶ। ନୋଟିଫିକେସନ ଦ୍ୱାରା ବ୍ୟବହାରକାରୀଙ୍କ ଦୃଷ୍ଟି ଆକର୍ଷଣ କରିବା ଏକ ମାଧ୍ୟମ ହୋଇଗଲାଣି। ସରଳ ଭାବରେ କହିବାକୁ ଗଲେ, ଗୋଟିଏ ଟ୍ୟାଗ ଫଟୋରେ ନୋଟିଫିକେସନରେ କେବଳ ମେସେଜ ହିଁ ଆସେ। ଲୋକଙ୍କ ସ୍କ୍ରିନ ଟାଇମ ବଢ଼ାଇବା ପାଇଁ ଏହା ଏକ ଲୁପ ହୋଲ ଭଳିଆ କାମ ଦିଏ। ତା ପରେ କମେଣ୍ଟ ଓ କମେଣ୍ଟ ପରେ ପରେ ରିଆକ୍ସନର ଇମୋଜି ସବୁ ଝିଲମିଲ ଆପ୍ଲିକେସନ ଦେଖାଇ ଲୋକଙ୍କୁ ବାଧ୍ୟ କରାଯାଏ। ମଣିଷର ମାନସିକ ଆବେଗକୁ ଲକ୍ଷ୍ୟ କରି ରେକମେଣ୍ଡେସନ ବା ଆଗାମୀ ଭିଡିଓ, ରିଲ ଦେଖାଏ ଏଆଇ। ଏପରିକି ୟୁଟ୍ୟୁବରେ ଥିବା ଆଇ ବଟନ ମଧ୍ୟ ମାୟାଜାଲର ଏକ ଉଦାହରଣ। ମିଛ ନିଉଜ ଏବଂ ଟ୍ରୋଲିଂ ଦ୍ୱାରା କେତେ ଯେ ଲୋକ ଅବସାଦର ଶିକାର ହେଉଛନ୍ତି ତାହାର କଳନା ନାହିଁ।

ଆଉ ଟିକେ ଗଭୀରକୁ ଯାଇ ଦେଖିଲେ, ମସ୍ତିଷ୍କ ଭାବନାକୁ କମ୍ପ୍ୟୁଟର କୋଡ଼ରେ ପକାଇ ଆପେ ଆପେ ଶିଖେ କୃତ୍ରିମ ବୁଦ୍ଧିମତା। ଡିଜିଟାଲ ବ୍ୟକ୍ତିଗତ ଡାଟା ସଂରକ୍ଷଣ(ଡିପିଡିପି) ଦ୍ୱାରା ଉଦ୍ୟୋଗ ଠାରୁ ଆରମ୍ଭ କରି ବ୍ୟାଙ୍କିଙ୍ଗ, ସୋସିଆଲ ମିଡ଼ିଆ ଯାଏଁ ଡେଣା ମେଲାଇଛି। ସାଇବର ଠକେଇ ଲୋକଙ୍କୁ କଲବଲ କରୁଛି। ଦିନ ଏମିତି ଆସିଲାଣି ମଣିଷ ପାଇଁ ନିଷ୍ପତି ନେଉଛି ଯନ୍ତ୍ର। ପ୍ରାକୃତିକ ଭାଷା ପ୍ରକ୍ରିୟାକରଣ ଦିଗରେ ଆରମ୍ଭ ହୋଇଥିଲା ଏଆଇର ଯାତ୍ରା। ତେବେ ଆମେରିକୀୟ ଷ୍ଟାର୍ଟଅପ୍ ସଂସ୍ଥା 'ଓପନଏଆଇ ' ଦ୍ୱାରା ବିକଶିତ 'ଚାଟ ଜିପିଟି ' ପ୍ରଯୁକ୍ତି ଯୁଗରେ ବିପ୍ଳବ ଆଣିଛି। ମାତ୍ର ୫ ଦିନରେ ଏକ ମିଲିୟନ ବ୍ୟବହାରକାରୀଙ୍କ ଦ୍ୱାରା ଆଇଟି ଶିଳ୍ପ ସଂସ୍ଥାରେ ପ୍ରତିଯୋଗିତା ଆରମ୍ଭ କରିଦେଇଛି , ଯାହା ତଥ୍ୟ କାରବାରକୁ ବଢ଼ାଇଛି ବୋଲି ଏକ୍ସପର୍ଟମାନେ କହୁଛନ୍ତି। କ୍ରମାଗତ ବିକାଶ ଦ୍ୱାରା ଏଆଇବସନ୍ତ ବା ଏଆଇବୁମ ସ୍ତରରେ ଅଛି। କେତେବେଳେ ଯେ ବସନ୍ତ ଯାଇ ଗ୍ରୀଷ୍ମ ଆସିବ ଆଉ ସମାଜକୁ ଜାଳିପୋଡ଼ିବ ତାହାର କଳ୍ପନା କରିହେବ ନାହିଁ। ଗୁଗଲ, ଫେସବୁକ୍, ଏକ୍ସର କିଛି କର୍ମଚାରୀ ସିଲିକନ ଉପତ୍ୟକାରେ କୃତ୍ରିମ ବୁଦ୍ଧିମତାର ନୈତିକତା ଉପରେ ପ୍ରଶ୍ନ କରି ଅଭିଯୋଗ କରିଥିଲେ ଯାହାର ଶୁଣାଣି ଏବେ ମଧ୍ୟ ଚାଲୁଛି। ତେବେ ସାଧାରଣ ଜନତା ଏତେ ମାତ୍ରାରେ କମ୍ପ୍ୟୁଟର ସହ ଯୋଡି ହେଇ ଗଲେଣି ଯେ, ଛାଡ଼ିବା ମୁସ୍କିଲ ହୋଇଯାଇଛି। ଜେନଜି ଶିଶୁ ଅଧିକ ସମ୍ବେଦନଶୀଳ, ଅବସାଦଗ୍ରସ୍ତ ହୋଇଗଲେଣି। ଏକା ଥିବା ପିଲା ପାଇଁ ଡିଜିଟାଲର ଚୁଚୁମା ଧରେଇ ଦେଲେଣି ବାପାମାଆ।

ପ୍ରଥମେ ଗଣିତ ଯନ୍ତ୍ର ଥିଲା, ତା ପରେ ଛବିପ୍ରେରକ, ଶବ୍ଦ ପ୍ରେରକ । ଭାଷା ରୂପାନ୍ତର ପରେ ତଥ୍ୟ ପ୍ରେରକ ହୋଇଛି ଏଆଇ। ଗୋଟିଏ ମଣିଷର ବୁଦ୍ଧିରୁ ଜାତ କମ୍ପ୍ୟୁଟର ସେହି ମଣିଷକୁ ଟପି ପାରିବନି ସତ, କିନ୍ତୁ କମ୍ପ୍ୟୁଟର ପଛରେ ଥିବା ହଜାର ହଜାର ଇଞ୍ଜିନିୟରଙ୍କୁ ଟପିବା କଣ ସହଜ ନିଜେ ଶିଖିଥିବା କମ୍ପ୍ୟୁଟରଠାରୁ କଣ ବିଲିଅନ୍ ଲୋକ ଟପି ପାରିବେ ଅସମ୍ଭବ।

ଆଲଗୋରିଦିମଗୁଡ଼ିକ ଗୋଟିଏ ଗୋଟିଏ ଜନ୍ତାସଦୃଶ । କିନ୍ତୁ ଏହି ଜନ୍ତାର ବିଶେଷତ୍ୱ ହେଉଛି ପଡ଼ିଥିବା ଶିକାର ମଧ୍ୟ ନିଜ ସ୍ଥିତି ବିଷୟରେ ଅଜ୍ଞ ହୋଇଯାଏ। ଏହା ଏମିତି ଏକ ପହେଳି ଯାହା କି ତୁମକୁ ବାନ୍ଧିକି ରଖିବ। ପ୍ରଯୁକ୍ତି ଆମର ଶତ୍ରୁ ନୁହେଁ, କିନ୍ତୁ ପ୍ରଯୁକ୍ତି ଦ୍ୱାରା ସମାଜର କୁସଂସ୍କାର ଆମ ପାଖକୁ ଫେରିବା ହେଉଛି ଖରାପ। ପ୍ରଯୁକ୍ତି ପାଇଁ ସାରା ମାନବସମାଜ ଏବେ ଲ୍ୟାବ ର୍ୟାଟ ବା ଗବେଷଣା ମୂଷା ହୋଇଯାଇଛି। ବିଡମ୍ବନା ସମାଜର ହିତ ପାଇଁ ନୁହେଁ, ବରଂ ଗୋଟିଏ ଅନିଶ୍ଚିତ ପୃଥିବୀଆଡ଼କୁ ଆମେ ଗତି କରୁଛେ, ଯାହାର ନିର୍ଣ୍ଣାୟକ ବିଗୁଲ ରହିଛି ପ୍ରଯୁକ୍ତି ହାତରେ। କେହି ଜଣେ କହିଛନ୍ତି, ବ୍ୟବହାରକାରୀଙ୍କୁ ୟୁଜର କେବଳ ଦୁଇଟି ସଂସ୍ଥା କହେ, ଇଣ୍ଟରନେଟ ଆଉ ଡ୍ରଗ ବେପାରୀ। ଏହି ଆଧୁନିକ ପ୍ରଯୁକ୍ତି ନିଶା ଭଳିଆ ହିଁ ଆସକ୍ତ କରିରଖିଛି ଲୋକଙ୍କୁ। ଏବେଠୁ ବ୍ୟବହାରରେ ଅଙ୍କୁଶ ନ ଆଣିଲେ, ଭବିଷ୍ୟତରେ ସ୍ଥିତି ଅସମ୍ଭାଳ ହେବ ଏଥିରେ ସନ୍ଦେହ ନାହିଁ।

Printed & Published by **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy**
E-mail : sambadkalikanews@gmail.com **City Office : Qtr No.-4R-12, Unit-IX (Flat), Bhubaneswar, Pin-751022**
ସମ୍ପାଦକ : **ଜୟାଶୀଷ ରାୟ**

କଳିକା

ସୁଧାଂଶୁ ଶେଖର ଦ୍ୱିବେଦୀ

କମଳା ଖାଇଲା ବିଲୁଆ

ଦିନେ ଦୁଇଟି ଗୋଲ ଗୋଲ କମଳା ଲେମ୍ବୁ ଗଛରୁ ଖସି ସହର ଅଭିମୂଖେ ଯିବାପାଇଁ ଆଗକୁ ବଢିଲେ । ସହରର ଚାକଚକ୍ୟ ଦେଖିବାକୁ ଦୁହିଙ୍କ ମନରେ ଭାରି ଉତ୍ସାହ । ଦୁହିଙ୍କ ମଧ୍ୟରୁ ଗୋଟେ କମଳା ବହୁତ କଥା କହୁଥାଏ । ସବୁବେଳେ କଣ ନାଇଁ କଣ ବକ ବକ ହେଇ ଗଡୁଥାଏ ।

ଦୁହେଁ ଖୁସି ଗପ ମଜାରେ ଆଗକୁ ଆଗଉଥାନ୍ତି । ମନରେ ବଡ଼ ଉତ୍ସାହ । ସହର ବୁଲିବେ । ସହରର ଲୋକମାନଙ୍କୁ ଦେଖିବେ । ସୁଉଚ୍ଚ ଅଟ୍ଟାଳିକା, ମଟର ଗାଡ଼ି, ଦୋକାନ, ବଜାର ବୁଲି ବୁଲି ଦେଖିବେ । ସହର ପାଖ ଜଙ୍ଗଲରେ ଗଡ଼ି ଯାଉଥାନ୍ତି । ହଠାତ୍ ଭାଲୁଟିଏ ଆସି ଗୋଟେ କମଳା ଉଠେଇନେଲା । ଭାଲୁ ଆଙ୍ଗୁଳିର ମୁନିଆ ନଖର ଦଂଶନରେ ବିଚରା କମଳା ବିକଳରେ କାନ୍ଦିବାକୁ ଲାଗିଲା । ଅନ୍ୟ କମଳା ଭୟ ପାଇ ଗଡ଼ି ଗଡ଼ି ଯାଇ କିଆବୁଦା ମୂଳରେ ଛପିଗଲା । ଭାଲୁ କମଳାକୁ ଖାଇବା ଲାଗି ଯେମିତି ଆଁ କରିଛି ଚୋପାରୁ ରସ ଛିଟିକି ତା' ଆଖିରେ ପଡ଼ିଲା । ସହସା କମାଳାକୁ ଫିଙ୍ଗିଦେଇ ଆଗ ଦୁଇ ଗୋଡ଼ରେ ଆଖିକୁ ଚାପି ଧରି କହିଲା- ଓଃ ମୋ ଆଖି ଫୁଟି ଗଲାରେ... ବଣ୍ଟି ମାଙ୍କଡ଼ ତ କହୁଥିଲା କମଳା ଭାରି ସ୍ୱାଦିଷ୍ଟ । ହେଲେ ଏଇଟାକୁ ଧରିବା କ୍ଷଣି ମୋ ଆଖି କୁହୁଳିଲାଣି । ଆଉ ସେ କମଳା ଖାଇବ କଣ ଗରଗର ହେଇ ଜଙ୍ଗଲ ଭିତରକୁ ଦୌଡ଼ିଲା ।

କମଳା ଦୁଇଟି ଭାଲୁ ମୁହଁରୁ ରକ୍ଷା ପାଇ ନିଜକୁ ଭାରି ଚତୁର ଭାବି କଥାବାର୍ତ୍ତାରେ ମଜି ପୁଣି ଆଗକୁ ବଢିଲେ । କିଛିଦୂର ଯାଇଛନ୍ତି ଗୋଟେ ବିଲୁଆ ନନା କୋଉଠି ଛପିଥିଲା ବାହାରିଲା । ଦୁହିଙ୍କ ବାଟ ଓଗାଳି କଥାକୁହା କମାଳାକୁ ଉଠେଇ ଖାଇବା ପାଇଁ ଯେମିତି ପାଟି ଖୋଲିଛି ଚିତ୍କାର କରି କହିଲା- ଭାଲୁ ଦାଦା ପରି ତୁ ବି ମୋତେ ଖାଇ ପାରିବୁ ନାହିଁ ।

ଚତୁର ବିଲୁଆ ନନା ପଚାରିଲା- ଆଛା କହତ ଭାଲୁ ତୋତେ କାହିଁକି ଖାଇପାରିଲା ନାହିଁ ?

ଏଥର କଥାକୁହା କମଳା ଆଗକୁ ବାହାରି କହିଲା- ପ୍ରଥମେ ଆମ ଚୋପାକୁ ଛଡ଼େଇବାକୁ ହୁଏ । ତାପରେ କୋଷା କୋଷା କମାଳାକୁ ପାଟିରେ ଚୁଷି ଚୁଷି ଖିଆଯାଏ । ହେଲେ ତୁ ତ ଚୋପାମିଶା ଖାଇବାକୁ ପାଟିରେ ପୂରାଉଛୁ । ପ୍ରଥମେ ଚୋପା ଛଡା, ତାପରେ ଖାଇବୁ । ବୁଝିଲୁ ବୋକା ବିଲୁଆ ନାନା ?

ବିଲୁଆ ନାନା କେତେଦିନରୁ ଶୁଣିଛି କମଳା ଲେମ୍ବୁ ଖାଇଲେ ଥଣ୍ଡା, ସର୍ଦ୍ଦି, କାଶ ଏପରିକି କରୋନା ଭଳି ମହାମାରୀ ହୁଏନାହିଁ । ସେଥିରେ ପ୍ରଚୁର ପରିମାଣରେ କ୍ୟାଲ୍‌ସିୟମ୍ ଥିବାରୁ ଏଭଳି ବେମାରୀକୁ ପ୍ରତିରୋଧ କରିଥାଏ । ହେଲେ ଖାଇବାର ଉପାୟ ତାକୁ ଜଣାନଥିଲା । କମଳାକୁ ଜୋର୍‌ରେ ଚାପିଧରି କହିଲା- ଯାହାହେଉ କମଳା ଖାଇବାର ପ୍ରକୃତ ଉପାୟ ମୋତେ ବତେଇଦେଲୁ । ଏଥର ମୁଁ ପ୍ରତିଦିନ ଦୁଇଟି ଲେଖାଏଁ କମଳା ଖାଇବି । ଏହା କହିବା ସହିତ କଥାକୁହା କମଳାର ଚୋପା ଛଡ଼େଇଲା । ଅନ୍ୟ କମଳା ଛପି ଛପି ଦୂରକୁ ଗଡ଼ି ଯାଉଥାଏ । ବିଲୁଆ ଦେଖିଲା ଅନ୍ୟ କମଳାଟି ଗଡି ଗଡି ପଳାଉଛି । କାଳବିଳମ୍ବ ନକରି ଦିଇ କୁଦା ମାରି ଧରିନେଲା । ପରେ ପରେ ଦୁଇଟି କମଳାର ଚୋପା ଛଡ଼େଇ ଆରାମରେ ବିସି ଖାଇବାକୁ ଲାଗିଲା ।

ବିସି-୭୪, ସଲଟ ଲେକ,
କଲକତା-୬୪
ମୋ-୯୬୮୧୩୭୩୫୧୨

କଳାର ସ୍ଥଳ, ଉତ୍କଳ

ଆଚାର୍ଯ୍ୟ କ୍ଷିତୀଶ ଜେନା

କଳିଙ୍ଗ, ଉତ୍ର ଅବା ଉତ୍କଳ ନାମ ଓଡ଼ିଶାର କଳାର ସ୍ଥଳ ବନ୍ଦେ ଉତ୍କଳ ଜନନୀ ଗାଇ ନଦୀନାଳ ଏଠି ଯାଏରେ ବହି ଓଡ଼ିଶା ସଂସ୍କୃତି ଓଡ଼ିଶୀ ନୃତ୍ୟ ଅଟଇ ବଢ଼ିଆ ବିଶ୍ୱ ବିଖ୍ୟାତ ଡଙ୍ଗା ଭସା, ରଜ, ପବିତ୍ର ହୋଲି ପାଳୁ ଏକ ହୋଇ ବିଭେଦ ଭୁଲି ପୁରୀ ଓ କୋଣାର୍କ ଗର୍ବ ଆମରି କାଳିଆ ଠାକୁର ପ୍ରତ୍ୟେକ୍ଷ ଭାରି କାରିଗରଙ୍କର ନିହଣ ମୁନ ପ୍ରସ୍ତର ମୂର୍ତ୍ତିକୁ ଦିଏ ଜୀବନ ଖଣ୍ଡଗିରି ଗୁମ୍ଫା, ଧଉଳି ସ୍ତୁପ ସାଧନା ଶାନ୍ତିର ପବିତ୍ର ପୀଠ ଫକୀରମୋହନ, ମଧୁସୂଦନ ଅଭୁଲା ତାଙ୍କର ସାହିତ୍ୟ ଦାନ ଓଡ଼ିଆ ଭାଷାର କାବ୍ୟ କବିତା ସବୁଠୁ ନିଆରା ଲାଗଇ ମିଠା ମାତୃଭାଷା ମୋର ଓଡ଼ିଆ କହେ ପାଇକ ରକତ ଆମଠି ବହେ ଜୟୀ ରାଜଗୁରୁ, ବାଜି ରାଉତ ତାଙ୍କ ପାଇଁ ମାତୃଭୂମି ଗର୍ବିତ ବୀର ନେତାଜୀଙ୍କ ନିର୍ଭୀକ ବାଣୀ ଶତୃ ଆଗେ ଶକ୍ତି ଯୋଗାଏ ପୁଣି ଜୀବେ ଦୟା ଭାବ ମାନବ ସେବା ଉତ୍କଳମଣିଙ୍କ ଠାରୁ ଶିଖିବା ଘଣ୍ଟଘଣ୍ଟି ଶୁଭେ ମଠ ମନ୍ଦିରୁ ଗୀତା, ଭାଗବତ ପୁରାଣ ପଢୁ ସଙ୍କୀର୍ତ୍ତନ, ପାଲା, ଦାସକାଠିଆ କେନ୍ଦେରା, ଭଜନ ଅତିବଢ଼ିଆ ବଣ, ପାହାଡ଼ ଓ ସବୁଜ ବିଲ ଘୋଡ଼ା ନାଚଗୀତ ଲାଗଇ ଭଲ ଉତ୍କଳ ଦିବସ ଦିଅଇ ବାର୍ତ୍ତା ମାଟି, ଭାଷା ପ୍ରତି ରଖ ମମତା ।

କଣ୍ଟିଗଡ଼ିଆ, ଧର୍ମଶାଳା, ଯାଜପୁର
ମୋ-୭୮୭୩୫୧୦୦୨୭

ଆମେରେ ଗଢ଼ିବା

କୀର୍ତ୍ତନ ସାହୁ

ଆମେରେ ଗଢ଼ିବା ଶିକ୍ଷାର ମନ୍ଦିର
ଭଲ ପାଠ ଆମେ ପଢ଼ି
ଗୁରୁଜୀଙ୍କ କଥା ମାନିଲେ ପାଠର
ପାହାଚ ପାରିବା ଚଢ଼ି

ଆମେରେ ଗଢ଼ିବା ଶରୀର ଆମର
ସୁସ୍ଥ ସବଳ କରି
ସୁଷମ ଖାଦ୍ୟ ଯେ ବାଛିକି ଖାଇବା
ମନରେ ଆଗ୍ରହ ଭରି

ଆମେରେ ଗଢ଼ିବା ଘରକୁ ଆମର
ସରଗ ସମାନ କରି
ଆସୁ ପଛେ ଯେତେ ବାଧା ବିଘ୍ନ ଆମେ
କେବେ ବି ଯିବାନି ଡରି

ଆମେରେ ଗଢ଼ିବା ଦେଶକୁ ଆମର
ହୃଦୟେ ମମତା ବୋଳି
ସବୁଠୁ ସରସ ସୁନ୍ଦର କରିବା
ସଫଳତା ଫଳ ତୋଳି

ଆମେରେ ପାଇଛେ ମଣିଷ ଜୀବନ
ସୃଷ୍ଟିର ଶ୍ରେଷ୍ଠ ଜୀବ
ଆମେରେ ଗଢ଼ିବା ଜୀବନ ଯେମିତି
ସରସତା ତହିଁ ଥିବ ।

ମିଶ୍ର କଲୋନୀ, ଶାଳ ପଡ଼ା, କେନ୍ଦୁଝର
ଦୂର ଭାଷ- ୯୪୩୮୪୧୪୭୦୧

ଝୁମୁରି ଦେଖିଲା ଦୋଳ ମେଳଣ

ସୁଦର୍ଶନ ମହାପାତ୍ର

ଝୁମୁରୁ ଝାଇଁ ଝୁମୁରୁ ଝାଇଁ
ଝୁମୁରି ଉଚ୍ଛନ୍ନ ବାପାଙ୍କୁ ଚାହିଁ,
ଯିବ ପରା ଦେଖି ଦୋଳ ମେଳଣ
ଏତେ ଡେରି ଆଜି କିସ କାରଣ ?

ବାପା ପହଞ୍ଚିଲେ ଘରେ ସେକ୍ଷଣି
ଜେଜେ ଦେଲେ ତାକୁ ପଇସା ଗଣି,
ଝୁମୁରି ସେତକ ବାପାଙ୍କୁ ଦେଲା
କିଣିଦେବ ଗୋଟେ 'ବାର୍ବି' କହିଲା

ଆହା କି ସୁନ୍ଦର ଦୋଳ ବିମାନ
ସାଜସଜ୍ଜା ଦେଖି ଭରିଲା ମନ,
ରାଧାକୃଷ୍ଣଙ୍କର ଅପୂର୍ବ ବେଶ
ଝୁମୁରି ମୁହଁରେ ଫୁଟିଲା ହସ

ଝୁଲଣ ଦୋଳିରେ ଝୁମୁରି ବସି
ଆଇସକ୍ରିମ ଟିଏ ଖାଇଲା ଚୁଷି,
ଖାଇଲା ପୁଣି ସେ ଜିଲାପି ଖଜା
ଘରକୁ ଆଣିଲା ମଟର ଭଜା

ଝୁମୁରୁ ଝାଇଁ ଝୁମୁରୁ ଝାଇଁ
ଝୁମୁରି ମନରେ ହରଷ ନାହିଁ,
ବୁଲି ଦେଖିଲା ସେ ଦୋଳ ମେଳଣ
ତଥାପି ଉଦାସ କାରଣ କ'ଣ ?

ମ୍ୟାଉଁ କହି ଯେବେ ଆସିଲା ପୁଷି
କହିଲା ଝୁମୁରି ହୁଅନା ଲେସି,
ପାଉଁଜି ପଟେ ମୋ ଯାଇଛି ହଜି
ମେଲଣକୁ ଯାଇ ଦେବୁ କି ଖୋଜି ?

ମାଆ ପାଇଗଲେ ପାଉଁଜି ପଟେ
ପଡ଼ିଥିଲା ପରା ସେଇଟା ଖଟେ,
ଏଥର ଝୁମୁରି ମୁରୁକି ହସେ
ଡାକିଲା ପୁଷିକୁ ଆ ମୋ ପାଶେ ।

କୁଞ୍ଜବିହାରୀ ଲେନ, କଟକ
ମୋ-୯୪୩୮୧୭୫୫୪୨

ଉତ୍କଳ ଦିବସ ଆସୁଛି ହସି

ରାମଚନ୍ଦ୍ର ବେହେରା

ଉତ୍କଳ ଦିବସ ଆସୁଛି ହସି
ପରାଣେ ଭରିଛି ଅଭୁଲା ଖୁସି
ମଧୁ ଗୋପବନ୍ଧୁ ସହ ଅନେକ
ଗଢ଼ିଲେ ଓଡ଼ିଶା ରଖିଲେ ଟେକ

ସେ ବୀରପୁତ୍ରଙ୍କୁ କରି ପ୍ରଣାମ
ଆଗେ ବଢ଼ାଇବା ରାଜ୍ୟକୁ ଆମ
ନିଜ ଭାଷା ପାଇଁ କରିବା ଗର୍ବ
ଏକତାରେ ବାନ୍ଧି ହୋଇବା ସର୍ବ

ଆମ ରାଜ୍ୟ ଆମ ଜନମ ଭୂଇଁ
ତା ସେବା କରିବା ଜୀବନ ଦେଇ
ବଣ ପାହାଡ଼ ତା ଶରୀରେ ଶୋହେ
ଜଳଧି ତାହାର ଚରଣ ଧୂଏ

ଖଣି ସମ୍ପତ୍ତିରେ ସେ ପରିପୂର୍ଣ୍ଣା
ତା ବକ୍ଷରେ ବହେ ନଦୀ ଝରଣା
ତା ଭାଷା ସାହିତ୍ୟ ଆଗେ ବଢାଇ
କରିବା ତାହାକୁ ଗୌରବମୟୀ

ମିଳି ମିଶି ଆମେ କରିଲେ କାମ
ଜଗତେ ରହିବ ଉତ୍କଳ ନାମ
ଦୁଖୀ ଦରିଦ୍ରଙ୍କ କରିବା ସେବା
ଉତ୍କଳ ଦିବସ ଆମେ ପାଳିବା ।

ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬

ରାଇଜଟି ମୋର କେଡ଼େ ସୁନ୍ଦର

ନଳିନୀ ଦାଶ

ଉତ୍କଳ ମାଟିରେ ଜନମ ମୋର ରାଇଜଟି ମୋର କେଡ଼େ ସୁନ୍ଦର ଜାତିଭେଦ ନାହିଁ ମୋ ଦେଶର ଭାଇଚାରା ଭାବ ରହିଛି ତାର ତା ପାଣି ପବନ କେଡ଼େ ମଧୁର ଓଡ଼ିଆ ଭାଷାଟି କେଡ଼େ ସୁନ୍ଦର ଫୁଲ ଫଳ ଭରା ତାର ଭଣ୍ଡାର ପକ୍ଷୀଙ୍କ କାକଳି କି ସୁମଧୁର ଶୋଭାପାଏ ହ୍ରଦ ନଦୀ ସାଗର ମୋ ରାଇଜେ ବଡ଼ କଳାଠାକୁର ତାର ବିଲ ବଣ ପାହାଡ଼ ନଈ ଜୀବନ ଗୀତିକା ଦେଉଛି ଗାଇ ଆମେରେ ସଭିଏଁ ଭଉଣୀ ଭାଇ ଗରବ କରୁଛୁ ଉତ୍କଳ ପାଇଁ ବୀର ସନ୍ତାନ ଏ ହୋଇ ଜନମ ରଖି ଯାଇଛନ୍ତି ଓଡ଼ିଶା ନାମ ଓଡ଼ିଆ ଭାଷାର ସୁରକ୍ଷା ପାଇଁ ମଧୁବାବୁ କେତେ ଲଢ଼ିଲେ ଯାଇ ଆମେ ଓଡ଼ିଆରେ ଭାଷା ଓଡ଼ିଆ ଓଡ଼ିଶୀ ନୃତ୍ୟଟି ଲାଗେ ବଢିଆ ଓଡ଼ିଶା ମାଟିର କବି ଲେଖକ କାଳଜୟୀ ଲେଖା ଆମର ଟେକ ସ୍ୱତନ୍ତ୍ର ପ୍ରଦେଶ ଯେବେଟି ହେଲା ଓଡ଼ିଆଙ୍କ ମନେ ଖୁସି ଭରିଲା ।

ଭିକାରିପଡା, ଶରଣକୁଳ,
ନୟାଗଡ଼
ଦୂରଭାଷ-୯୨୩୮୯୯୬୬୪୯

ଶିଶୁଟିଏ

ମନୀଷା ପଣ୍ଡା

ହସିଲେ ଶିଶୁ ଜଗତ ହସେ
ମୁକୁତା ପଡ଼େ ଝରି,
ଦୁଃଖ ବେଦନା କୋହ ଦୂରେଇ
ଘର ଉଠଇ ପୂରି

ନିଷ୍ପାପ ମନ କଅଁଳ ପ୍ରାଣ
ନାହିଁ ଛନ୍ଦ ଛଳନା,
ଅମୃତ ଭରା ହୃଦୟ ତା'ର
ନାହିଁ କେବେ କଳନା

ପର ଆପଣା ଛୁଇଁନି ମନ
ଆବିଳ ନାହିଁ ତିଳେ,
ସାରା ଜଗତ ଜିଣି ପାରଇ
ଦରୋଟି କଥା ବଳେ

ସରଗ ଶୋଭା ନାନା ବିଭବ
ରୁଚେନା ମନ ତା'ର,
ସେନେହ ଦେଇ କୋଳେଇ ନେଲେ
ବାନ୍ଧେ ମମତା ଡୋର

ତାହାରି ହାତେ ଦେଶର ଭାଗ୍ୟ
ନକର ହୀନିମାନ,
ଆଜିର ଶିଶୁ ଆମ ପ୍ରଗତି
ଭବିଷ୍ୟ ଜାତି ମାନ

ଶିକ୍ଷୟିତ୍ରୀ, ସରକାରୀ ଉନ୍ନୀତ
ଉଚ୍ଚବିଦ୍ୟାଳୟ,
ଅଙ୍କରାନ୍ତିପୁର, ଢେଙ୍କାନାଳ
ମୋ-୮୨୪୯୬୮୬୦୯୩

ମାମୁଁ ଘର ଗାଆଁ

ସୁଧାକର ରାଉତ

ପରୀକ୍ଷାଟି ସରି ଯାଇଛି ବୋଲି
ମାମୁଁ ଘରକୁ ଯାଇଥିଲି ବୁଲି
ବଣ ପାହାଡ ଘେରିଛି ସେ ଗାଆଁ
ଅଙ୍ଗାର ଗାଡ଼ିଆ ତାହାର ନାଆଁ
ଗାଆଁ ଭିତର ଓ ବାହାର ପରା
ନାନା ଜାତି ବୃକ୍ଷେ ରହିଛି ଭରା
ସକାଳ ହୋଇଲେ ପକ୍ଷୀଏ ଆସି
ଆନନ୍ଦରେ ଗଛ ଡାଳରେ ବସି
ଗାଆନ୍ତି ଗୀତ କି ମଧୁର ସୁରେ
ଶୁଣି ତାହାକୁ ମନେ ଖୁସି ଭରେ
ମୟୂର ମାନେ ହୋଇ ଦଳ ଦଳ
ପଡ଼ିଆରେ ଆସି ହୁଅନ୍ତି ମେଳ
ସେମାନଙ୍କର ରୂପ ରଙ୍ଗ ଦେଖି
ଦେଖଣାହାରୀ ମନ ଯାଏ ଲାଖି
ସହରୀ ସଭ୍ୟତାଠୁ ରହି ଦୂରେ
ପ୍ରକୃତି ଆନନ୍ଦରେ ହାଇ ମାରେ
ସିନିହ ବନ୍ଧନେ ସବୁରି ହୃଦ
ବନ୍ଧାହୋଇ କେବେ ନଦିଏ ଖେଦ
ପରିବେଶ ସୁରକ୍ଷା ପ୍ରତି ଧ୍ୟାନ
ସମସ୍ତଙ୍କର ଥାଏ ରାତି ଦିନ
ଯେତେଦିନ ମୁଁ ସେଠାରେ ଥିଲି
ଆମ ଘରକୁ ଯାଇଥିଲି ଭୁଲି ।

ପ୍ରତାପ ନଗରୀ, କଟକ
ମୋ-୮୨୪୯୯୩୨୭୯୨

ଆଉ କେବେ ତତେ ମାରିବି ନାହିଁ

ସୁରମା ମିଶ୍ର

ଚୁଟିଆ ମୂଷାରେ ଚୁଟିଆ ମୂଷା
କିଆଁ କଲୁ ମୋତେ ତୁ ଲୋକହସା
ଘରକୁ କୁଣିଆଁ ଆସିବେ ବୋଲି
କେତେ ସରାଗରେ ପିଠା ମୁଁ କଲି

ପିଠା କରି ସାରି ଘୋଡଣୀ ଦେଇ
ଯତନରେ ତାକୁ ରଖିଲି ନେଇ
ତାପରେ କୁଣିଆଙ୍କ ପାଖକୁ ଗଲି
ହସ ଖୁସି ମଜା ଗପ କରିଲି

ଗପ ସାରି ପିଠା ଆଣିବା ପାଇଁ
ଗଲି ମୁଁ ହାତରେ ଥାଳିଟେ ନେଇ
ଦେଖିଲି ଚୁଟିଆ ମୂଷାଟା ଯାଇ
ପିଠା ଖାଉଅଛି ତଳେ ପକାଇ

ପ୍ରିୟ ବାହନ ସେ ଗଣେଶଙ୍କର
ଭଲ ପାଏ ତାକୁ ମୁଁ ନିରନ୍ତର
ରାଗଟା ସମ୍ଭାଳି ପାରିଲି ନାହିଁ
ବାଡ଼ିରେ ପାହାରେ ଦେଲି ପକାଇ

ବିକଳରେ ଗାତେ ଗଲା ସେ ପଶି
ଗାତ ପାଖେ ମୁହିଁ ରହିଲି ବସି
ଛୋଟ ଜୀବଟିଏ ଜାଣିନି କିଛି
କାହିଁକି ମାରିଲି ବୋଲି ଭାବୁଛି

ନାଇଁରେ ନାଇଁରେ ନାଇଁରେ ନାଇଁ
ଆଉ କେବେ ତୋତେ ମାରିବି ନାହିଁ
ଗାତ ଭିତରୁ ତୁ ବାହାରି ଆ
ମୋ କୋଳେ ବସି ଗେଲ ହୋଇ ଯା

କୁନି କୁନି ତୋର ନିରୀହ ଆଖି
ଦେଖିଦେଲେ ଆଖି ରହେ ମୋ ଲାଖି
ତୋ ଚାହାଣି ମୁଁ ତ ଭୁଲି ପାରୁନି
ବାହାରେ ସଅଳ ଡେରି କରନି ।

ବିଏଲ-୩୯, ଭିଏସଏସ ନଗର, ଭୁବନେଶ୍ୱର
ମୋ-୯୮୫୩୩୪୩୯୬୫

ଜମାରୁ ମୁଁ ହେବି ନାହିଁ ଦୁଷ୍ଟ

କବିରତ୍ନ ନୂତନ କୁମାର ବେହେରା

ଜମାରୁ ମୁଁ ହେବି ନାହିଁ ଦୁଷ୍ଟ
ରହିବି ସର୍ବଦା ଶାନ୍ତ ଶିଷ୍ଟ,
କାହା ମନରେ ଦେବିନି କଷ୍ଟ
ମୋ ଲକ୍ଷ୍ୟରେ ହେବି ଏକନିଷ୍ଠ
ପଢାରେ ମନ କରିବି ନିବିଷ୍ଟ
ସମୟ କରିବିନି ମୁଁ ନଷ୍ଟ,
ଯୋଗ ବ୍ୟାୟାମ କରି ନିର୍ଦ୍ଦିଷ୍ଟ
ଦେହକୁ ରଖିବି ହୃଷ୍ଟପୁଷ୍ଟ

ଜମାରୁ ମୁଁ ହେବି ନାହିଁ ଦୁଷ୍ଟ
କରିବିନି କାହାରି ଅନିଷ୍ଟ,
ବାପା ମା'ଙ୍କୁ କରିବି ସନ୍ତୁଷ୍ଟ
ତାଙ୍କ ଆଶିଷେ କଟିବ ରିଷ୍ଟ

ଗୁରୁଙ୍କୁ ପୂଜି ହେବି ବିଶିଷ୍ଟ
ଭକ୍ତିରେ ଘୁଞ୍ଚାଇବି ସଙ୍କଟ,
ହେବି ନାହିଁ କେବେ ମୁଁ ଅଝଟ
ଚାଲୁଥିବି ଦେଖି ଭଲ ବାଟ ।

କୋହି, ବାରିପଦା, ମୟୂରଭଞ୍ଜ
ଦୂରଭାଷ-୮୦୧୮୩୫୩୩୨୨

ଆକାଶରେ ଉଡ଼ି କିଏ ଯାଉଛି

ଅନନ୍ତ କୁମାର ସେନାପତି

ଆକାଶରେ ଉଡ଼ି କିଏ ଯାଉଛି
ଗଛରେ ପବନ ଏତେ ବହୁଛି,
ଘୁଉଁ ଘୁଉଁ ଶବଦ ଅଛି ତାହାର
ଉଡ଼ାଜାହାଜ ସେ ଆଉ କାହାର ।
ଆକାଶରେ ଉଡ଼ି କିଏ ଯାଉଛି
ହେଲିୟମ ଗ୍ୟାସ ସିଏ ଖାଉଛି,
ପବନ ତାହାକୁ ଉଡ଼ାଇ ନିଏ
ଭାରି ଚୁଲବୁଲ ବେଲୁନ ସିଏ ।
ଆକାଶରେ ଉଡ଼ି କିଏ ଯାଉଛି
ଲାଞ୍ଜରେ ତାହାର ସୂତା ଲାଗିଛି,
ପିଲାଏ ସେ ସୂତା ଧରନ୍ତି ଭିଡ଼ି
ନାଆଁଟି ତାହାର ଡାକନ୍ତି ଗୁଡ଼ି ।
ଆକାଶରେ ଉଡ଼ି କିଏ ଯାଉଛି
ଦୁଇ ଡେଣା ମେଲି ଖୁସି ହେଉଛି,
କାଠି, କୁଟା, ଖାଦ୍ୟ ସଦା ଖୋଜଇ
ନାମଟା ତାହାର ପକ୍ଷୀ ଅଟଇ ।
ଆକାଶରେ ଉଡ଼ି ଯିବରେ କିଏ
ମହାକାଶଚାରି ହୋଇବ ସିଏ,
ଯିଏ ପଢୁଥିବ ବହୁତ ପାଠ
ଜହ୍ନମାମୁଁ କରିପାରିବ ଭେଟ ।

ବାଣ୍ଟୁପଡା, ରେଲୱେ ସାଇଡ଼ିଙ୍ଗ,
ରାଜଗାଙ୍ଗପୁର, ସୁନ୍ଦରଗଡ଼-୭୭୦୦୧୭
ମୋ-୭୦୦୮୩୦୪୨୨୫

ବର୍ଡର-ଗାଭାସ୍କର ଟ୍ରଫି

ପର୍ଥରୁ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜ୍ ଆରମ୍ଭ କରିବ ଭାରତ

ନୂଆଦିଲ୍ଲୀ

ଆସନ୍ତା ନଭେମ୍ବର ମାସରୁ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ୫ ଟିକିଆ ଟେଷ୍ଟ ସିରିଜ୍ ଖେଳାଯିବ। ବର୍ଡର-ଗାଭାସ୍କର ଟ୍ରଫି ଖେଳିବା ପାଇଁ ଭାରତୀୟ ଟିମ୍ ଅଷ୍ଟ୍ରେଲିଆ ଗସ୍ତ କରିବ। ଏହି ସିରିଜର ପ୍ରଥମ ମ୍ୟାଚ୍ ପର୍ଥରେ ଖେଳାଯିବ ବୋଲି କ୍ରିକେଟ ଅଷ୍ଟ୍ରେଲିଆ ଘୋଷଣା କରିଛି। ନଭେମ୍ବର ମାସରୁ ଆରମ୍ଭ ହେଉଥିବା ସିରିଜ୍ ସିଡ୍‌ନୀରେ ନୂଆବର୍ଷ ଟେଷ୍ଟ ସହ ଶେଷ ହେବ।

ନଭେମ୍ବର ୨୨ରେ ଦୁଇ ଦେଶ ମଧ୍ୟରେ ଦୀର୍ଘ ୩୦ ବର୍ଷ ମଧ୍ୟରେ କୌଣସି ଟେଷ୍ଟ ସିରିଜର ପ୍ରଥମ ମ୍ୟାଚ୍ ପର୍ଥରୁ ଆରମ୍ଭ ହେବ। ସିରିଜର ଦ୍ୱିତୀୟ ମ୍ୟାଚ୍ ଆଡିଲେଡରେ ଡିସେମ୍ବର ୬ରୁ ଖେଳାଯିବ। ଏହା ଦିବାରାତ୍ର ଟେଷ୍ଟ।

ଡିସେମ୍ବର ୧୪ରେ ବ୍ରିସ୍‌ବେନର ଗାବାରେ ତୃତୀୟ ଟେଷ୍ଟ ଓ ବକ୍ସିଂ ଡେ ଟେଷ୍ଟ ଅର୍ଥାତ ଡିସେମ୍ବର ୨୬ରେ ମେଲବର୍ଣ୍ଣରେ ଆୟୋଜନ ହେବ। ୪ର୍ଥ ଟେଷ୍ଟ ୫ ଟେଷ୍ଟ ଜାନୁଆରୀ ୩ରୁ ୭ ଯାଏ ସିଡ୍‌ନୀରେ ଖେଳାଯିବ।

୨୦୧୮-୧୯ ଓ ୨୦୨୦-୨୧ ବର୍ଡର-ଗାଭାସ୍କର ଟ୍ରଫିରେ ଭାରତ ଜିତିଥିଲା। ଏବେ ଅଷ୍ଟ୍ରେଲିଆ ଏହାର ପ୍ରତିଶୋଧ ନେବା ମୁଡ୍‌ରେ ରହିଛି। ଅଷ୍ଟ୍ରେଲିଆ ନିକଟରେ ବିଶ୍ୱ ଟେଷ୍ଟ ଚାମ୍ପିୟନସିପ୍ ଫାଇନାଲ ଓ ଦିନିକିଆ ବିଶ୍ୱକପ ଫାଇନାଲରେ ଭାରତକୁ ହରାଇଥିଲା।

ଡବଲ ସେଞ୍ଚୁରୀ ମାରି ଇତିହାସ ରଚିଲେ ରୋହିତ

ହାଇଦ୍ରାବାଦ

ଆଇପିଏଲ ୨୦୨୪ର ଅଷ୍ଟମ ମ୍ୟାଚ୍‌ରେ ବୁଧବାର ସନରାଇଜର୍ସ ହାଇଦ୍ରାବାଦ (ଏସଆରଏଚ) ଏବଂ ମୁମ୍ବାଇ ଇଣ୍ଡିଆନ୍ସ (ଏମଆଇ) ମୁହାଁମୁହିଁ ହୋଇଛନ୍ତି। ହାଇଦ୍ରାବାଦର ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଖେଳାଯାଉଥିବା ଏହି ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସର ରୋହିତ ଶର୍ମା ପଡ଼ିଆକୁ ଓହ୍ଲାଇବା ମାତ୍ରେ ଇତିହାସ ରଚିଛନ୍ତି। ସେ ଡବଲ ସେଞ୍ଚୁରୀ କରିଛନ୍ତି। ସେ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ୨୦୦ତମ ମ୍ୟାଚ୍ ଖେଳିବାର ରେକର୍ଡ ହାସଲ କରିଛନ୍ତି।

ଏହା ସହିତ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ୨୦୦ ମ୍ୟାଚ୍ ଖେଳିଥିବା ପ୍ରଥମ ଖେଳାଳିର ମାନ୍ୟତା ରୋହିତ ହାସଲ କରିଛନ୍ତି। ରୋହିତ ଶର୍ମାଙ୍କ

ଅଧିନାୟକତ୍ୱରେ ମୁମ୍ବାଇ ଇଣ୍ଡିଆନ୍ସ ୫ଥର ଆଇପିଏଲ ଚାମ୍ପିୟନ ହୋଇଛି।

କୋଲକାତା ନାଇଟ ରାଇଡର୍ସ ଏବଂ ଚେନ୍ନାଇ ସୁପର କିଙ୍ଗ୍ସ ବିରୋଧରେ ବ୍ୟାଟିଂ କରିବାକୁ ରୋହିତ ଶର୍ମା ଅଧିକ ପସନ୍ଦ କରିଥାନ୍ତି। କୋଲକାତା ନାଇଟ ରାଇଡର୍ସ (କେକେଆର) ଏବଂ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ବିରୋଧ ରୋହିତ ଶର୍ମା ୧୩ ଥର ଲେଖାଏଁ ଅର୍ଦ୍ଧଶତକ କରିଛନ୍ତି। ଆଇପିଏଲରେ ରୋହିତ ଶର୍ମା ମୋଟ୍ ୨୪୪ ମ୍ୟାଚ୍ ଖେଳିଛନ୍ତି।

ଆଇପିଏଲ ୨୦୨୪ରେ ରୋହିତ ଶର୍ମା ପ୍ରଥମ ମ୍ୟାଚ୍‌ରେ ଗୁଜରାଟ ଟାଇଟନ୍ସ ବିରୋଧରେ ଧୂଆଁଧାର ବ୍ୟାଟିଂ କରିଥିଲେ। ସେ ଏହି ମ୍ୟାଚ୍‌ରେ ୪୫ ରନ କରିଥିଲେ।

॥ ମହିଳା ଏସିଆ କପ୍ ॥

ଜୁଲାଇ ୨୧ରେ ଭାରତ-ପାକିସ୍ତାନ ମୁକାବିଲା

ନୂଆଦିଲ୍ଲୀ

ଜୁଲାଇ ମାସରେ ଆରମ୍ଭ ହେବାକୁ ଥିବା ମହିଳା ଏସିଆ କପ୍ ପାଇଁ ଏସିଆନ କ୍ରିକେଟ୍ କାଉନସିଲ(ଏସିସି) ମ୍ୟାଚ୍ ସୂଚୀ ଜାରି କରିଛି। ସେପ୍ଟେମ୍ବର-ଅକ୍ଟୋବର ମାସରେ ଟି-୨୦ ବିଶ୍ୱକପ ଆରମ୍ଭ ହେବାକୁ ଥିବା ବେଳେ ଜୁଲାଇ ୧୯ରୁ ୨୮ ଯାଏ ସମାନ ଫର୍ମାଟରେ ଏସିଆ କପ୍ ଅନୁଷ୍ଠିତ ହେବ। ଶ୍ରୀଲଙ୍କାର ଡମ୍ବୁଲାରେ ଖେଳାଯିବାକୁ ଥିବା ଏସିଆ କପ୍‌ରେ ପ୍ରଥମଥର ପାଇଁ ୮ଟି ଟିମ୍ ଭାଗ ନେବେ।

ଡିଫେଣ୍ଡିଂ ଚାମ୍ପିୟନ ଭାରତ ଗ୍ରୁପ୍ ଏରେ ରହିଛି। ଭାରତ ସହ ଏହି ଗ୍ରୁପ୍‌ରେ ପାକିସ୍ତାନ, ନେପାଳ ଓ ୟୁଏଇ ରହିଛନ୍ତି। ଗ୍ରୁପ ବିରେ ବାଂଲାଦେଶ, ଶ୍ରୀଲଙ୍କା, ମ୍ୟାଲେସିୟା ଓ ଥାଇଲ୍ୟାଣ୍ଡ ଅଛନ୍ତି। ୨୦୨୨ ଏସିଆ କପରେ ୭ଟି ଟିମ୍ ଭାଗ ନେଇଥିଲେ। ୭ଥର ଏସିଆ କପ୍ ଜିତିଥିବା ଭାରତ ତା'ର ଏସିଆ କପ୍ ଅଭିଯାନ ଜୁଲାଇ ୧୯ରୁ ୟୁଏଇ ବିପକ୍ଷରୁ ଆରମ୍ଭ ହେବ। ଏହାପରେ ଦଳ ଜୁଲାଇ ୨୧ରେ ଚୀର ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବ।

ଶେଷ ଲିଗ୍ ମ୍ୟାଚ୍‌ରେ ଭାରତର ମୁକାବିଲା ନେପାଳ ସହ ହେବ। ଲିଗ ମ୍ୟାଚ୍ ପରେ ପ୍ରତି ଗ୍ରୁପ୍‌ର ଟପ୍ ୨ଟି ଲେଖାଏଁ ଦଳ ସେମିଫାଇନାଲକୁ ଯିବେ। ଜୁଲାଇ ୨୬ରେ ଦୁଇଟି ଯାକ ସେମି ଓ ଜୁଲାଇ ୨୮ରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।

ପୂର୍ଣ୍ଣ ମ୍ୟାଚ୍ ସୂଚୀ : ୧. ଜୁଲାଇ ୧୯, ଭାରତ ବନାମ ୟୁଏଇ ଓ ପାକିସ୍ତାନ ବନାମ ନେପାଳ। ୨. ଜୁଲାଇ ୨୦, ମ୍ୟାଲେସିୟା ବନାମ ଥାଇଲ୍ୟାଣ୍ଡ ଓ ଶ୍ରୀଲଙ୍କା ବନାମ ବାଂଲାଦେଶ। ୩. ଜୁଲାଇ ୨୧, ନେପାଳ ବନାମ ୟୁଏଇ ଓ ଭାରତ ବନାମ ପାକିସ୍ତାନ। ୪. ଜୁଲାଇ ୨୨, ଶ୍ରୀଲଙ୍କା ବନାମ ମ୍ୟାଲେସିୟା ଓ ବାଂଲାଦେଶ ବନାମ ଥାଇଲ୍ୟାଣ୍ଡ। ୫. ଜୁଲାଇ ୨୩, ପାକିସ୍ତାନ ବନାମ ୟୁଏଇ ଓ ଭାରତ ବନାମ ନେପାଳ। ୬. ଜୁଲାଇ ୨୪, ବାଂଲାଦେଶ ବନାମ ମ୍ୟାଲେସିୟା ଓ ଶ୍ରୀଲଙ୍କା ବନାମ ଥାଇଲ୍ୟାଣ୍ଡ।

ଆଇପିଏଲ୍ ବେଟିଂରେ ଦେଢ଼କୋଟି ହାରିଲା ସ୍ୱାମୀ, ସ୍ତ୍ରୀ କଲା ଆତ୍ମହତ୍ୟା

ବାଙ୍ଗାଲୁରୁ

କର୍ଣ୍ଣାଟକର ଚିତ୍ରଦୁର୍ଗ ଅଞ୍ଚଳରେ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଦର୍ଶନ ବାବୁ ନାମକ ଜଣେ ଇଞ୍ଜିନିୟର ହରାଇଲେ ଦେଢ଼ କୋଟି ଟଙ୍କା। ବେଟିଂରେ ଦର୍ଶନ ଏହି ଦେଢ଼ କୋଟି ଟଙ୍କା ହରାଇଥିବା କୁହାଯାଉଛି। ଦର୍ଶନ ବାବୁ ବେଟିଂରେ ଟଙ୍କା ହରାଇବା ପରେ ତାଙ୍କ ସ୍ତ୍ରୀ ଆତ୍ମହତ୍ୟା କରିଛନ୍ତି। ଦର୍ଶନଙ୍କ ସ୍ତ୍ରୀ ରଞ୍ଜିତା ସ୍ୱାମୀ ହାରିବା ପରେ ଆତ୍ମହତ୍ୟା କରିଛନ୍ତି। ଏକ ସରକାରୀ ବିଭାଗରେ ଇଞ୍ଜିନିୟରଭାବେ କାର୍ଯ୍ୟରତ ଥିଲେ ଦର୍ଶନ। ଅଧିକ ଟଙ୍କା ଲୋଭରେ ବେଟିଂରେ ସାମିଲ ହୋଇଥିଲେ। ୨୦୨୦ରେ ଦର୍ଶନଙ୍କୁ ବିବାହ କରିଥିଲେ ରଞ୍ଜିତା। ୨୦୨୧ରୁ ଦର୍ଶନ ବେଟିଂରେ ଲିପ୍ତ ଥିବା ପୋଲିସ କହିଛି। ତେବେ ଅଧିକ ଟଙ୍କା ଲୋଭରେ ସେ ଏଭଳି ବେଟିଂରେ ଟଙ୍କା ଲଗାଉଥିବା ସୂଚନା ମିଳିଛି। ତେବେ ଚଳିତ ବର୍ଷ ଆଇପିଏଲ ସିଜିନ ୨୨ ତାରିଖରୁ ଆରମ୍ଭ ହୋଇଛି।

ରାଜ୍ୟ ସ୍ତରୀୟ କଳାହାଣ୍ଡି କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପାଇଁ ମୟୂରଭଞ୍ଜ ଦଳ ଘୋଷିତ

ବାରିପଦା, ନ୍ୟୁଜ୍‌ବ୍ୟୁରୋ

ଓଡ଼ିଶା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଆୟୋଜିତ ରାଜ୍ୟ ସ୍ତରୀୟ ଆନ୍ତଃ ଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଅଂଶ ଗ୍ରହଣ କରିବା ପାଇଁ ମୟୂରଭଞ୍ଜ ଦଳର ଚୟନ ହୋଇଯାଇଛି। ଦଳରେ ଦିବ୍ୟ ରଞ୍ଜନ ଦାସ (ଅଧିନାୟକ), ଅଭିଜିତ ପ୍ରସାଦ ଘଣା (ଉପ ଅଧିନାୟକ), ଶୁଭମ ନାୟକ, ସୌମ୍ୟରଞ୍ଜନ ମହାନ୍ତ, ସୁବ୍ରତ କୁମାର ସିଂ, ମନୁ ରାମ, ଶୁଭମ ମହାନ୍ତି, ସ୍ମୃତି ରଞ୍ଜନ ନାୟକ, ସଞ୍ଜୟ ସିଂ, ମେରି ଲୋକନାଥ, ଭବାନୀ ଶଙ୍କର ପାତ୍ର, ମୋହିତ କଂକାରିଆ, ଅଜୁ ମହାନ୍ତ, ରୋହିତ ମୁଦି, ପ୍ରୀତପାଲ ସିଂହ ଓ ଶେକ ନଫିସୁଲ ହୁସେନଙ୍କ ସମେତ କୋଚ ସାଇବା ସିଂ ଏବଂ ମ୍ୟାନେଜର ଭାବେ ସୁମନ ମହାନ୍ତି ସାମିଲ ଅଛନ୍ତି। ଚୟନକର୍ତ୍ତା ଭାବେ ପୂର୍ବତନ ଖେଳାଳି ପ୍ରଭାସ ଚନ୍ଦ୍ର ଘଡ଼େଇ, ସୋମନାଥ ସିଂହ, ବଳବନ୍ତ ତୁଙ୍ଗ, ଶକ୍ତି ପ୍ରସାଦ ପାତ୍ର ଓ ମାନସ ଧଳ ଯୋଗ ଦେଇ ଦଳ ଚୟନରେ ସହାୟତା ପ୍ରଦାନ କରିଥିଲେ। କଟକ ଗସ୍ତ ପୂର୍ବରୁ ମୟୂରଭଞ୍ଜ ଏଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ଉପ ସଭାପତି ମନୋଜ କୁମାର ସାଓ, କୋଷାଧ୍ୟକ୍ଷ ଅମିତାଭ ଦାସ, କ୍ରିକେଟ ସହ ସମ୍ପାଦକ ହରପ୍ରସାଦ ପାତ୍ର ଓ ପ୍ରସନ୍ନଜିତ ମହାନ୍ତି, ସହ ସମ୍ପାଦକ ଅଶୋକ ପଟ୍ଟନାୟକ, ପୂର୍ବତନ ଖେଳାଳି ଶ୍ରୀ ଘଡ଼େଇ, ଶ୍ରୀ ସିଂହ, ଶ୍ରୀ ପାତ୍ର ଓ ନନ୍ଦଲାଲ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ୨୮ ତାରିଖ ଦିନ ମୟୂରଭଞ୍ଜ ପ୍ରଥମ ମ୍ୟାଚ୍ ଭୁବନେଶ୍ୱର (ବି) ସହିତ ଖେଳିବ।

ଗିଲ୍‌ଙ୍କ ଉପରେ ୧୨ ଲକ୍ଷ ଟଙ୍କା ଜରିମାନା

ନୂଆଦିଲ୍ଲୀ

ଚେନ୍ନାଇ ସୁପର କିଙ୍ଗ୍ସ ବିପକ୍ଷ ମ୍ୟାଚ୍‌ରେ ଗୁଜରାଟ ଟାଇଟାନ୍ସର ଅଧିନାୟକ ଶୁଭମନ ଗିଲ୍‌ଙ୍କୁ ମନ୍ଥର ଓଭର ହାର ପାଇଁ ୧୨ ଲକ୍ଷ ଟଙ୍କା ଜରିମନା କରାଯାଇଛି। ଆଇପିଏଲ ବିବୃତ୍ତିରେ କୁହାଯାଇଛି, ସର୍ବନିମ୍ନ ଓଭର ହାର ସହିତ ଜଡ଼ିତ ଆଇପିଏଲ ଆଚରଣ ସଂହିତା ଅନୁଯାୟୀ, ଏହା ତାଙ୍କ ଦଳର ପ୍ରଥମ ଅପରାଧ। ତେଣୁ ଗିଲ୍ ଉପରେ ୧୨ ଲକ୍ଷ ଟଙ୍କା ଜୋରିମାନା ଲାଗୁ କରାଯାଇଛି। ଆଇପିଏଲ ୨୦୨୪ରେ ଗିଲ୍‌ଙ୍କ ନେତୃତ୍ୱାଧୀନ ଦଳ ଏହାର ପ୍ରଥମ ପରାଜୟର ସମ୍ମୁଖୀନ ହୋଇଥିଲା। ଚିପକରେ ଖେଳାଯାଇଥିବା ମ୍ୟାଚ୍‌ରେ ଡିଫେଣ୍ଡିଂ ଚାମ୍ପିଅନ ଚେନ୍ନାଇ ସୁପର କିଙ୍ଗ୍ସ ଜିଟିକୁ ୬୩ ରନରେ ପରାସ୍ତ କରିଛି। ପ୍ରଥମ ଥର ପାଇଁ ଆଇପିଏଲ ଫ୍ରାଞ୍ଚାଇଜ ଅଧିନାୟକ ଶୁଭମନ ଗିଲ୍‌ଙ୍କ ଗୁଜରାଟ ଟାଇଟାନ୍ସ ପ୍ରଥମ ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ୬ ରନରେ ଜିତିଥିଲା।

ସିପିଏଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ବାରିପଦା, ନ୍ୟୁଜ୍‌ବ୍ୟୁରୋ

ସ୍ଥାନୀୟ କଲେଜ ପଡିଆରେ ୮ମ ବାର୍ଷିକ ସିପିଏଲ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ପ୍ଲେ ବେକ୍ ଚେଲେଞ୍ଜର୍ସ ଜଗନ୍ନାଥ ୱାରିୟାର୍ସକୁ ୭ ଉଇକେଟରେ ପରାସ୍ତ କରି ଚାମ୍ପିଅନ ହୋଇଛି। ପ୍ରଥମେ ବେଟିଂ କରି ଜଗନ୍ନାଥ ୱାରିୟାର୍ସ ୧୦ ଓଭରରେ ୮ ଉଇକେଟ ହରାଇ ମାତ୍ର ୫୯ ରନ କରିପାରିଥିଲେ । ଉତ୍ତରରେ ପ୍ଲେ ବେକ୍ ଚେଲେଞ୍ଜର୍ସ ୮ ଓଭରରେ ୩ ଉଇକେଟ ହରାଇ ୬୨ ରନ କରି ବିଜୟ ଲକ୍ଷ୍ୟ ହାସଲ କରିଥିଲେ। କେ. ଇନ୍ଦ୍ରଜିତ ପ୍ରସାଦ ଓ ସାଇବା ସିଂ ଖେଳ ପରିଚାଳନା କରିଥିବାବେଳେ ମାନସ ପାଣ୍ଡ ସ୍କୋରିଂରେ ସହାୟତା ପ୍ରଦାନ କରିଥିଲେ। ପଙ୍କଜ ମହାକୁଡ଼ ଓ ବୁବୁନ ବାରିକ ଧାରାବିବାରଣୀ ପ୍ରଦାନ କରିଥିଲେ। ଚାମ୍ପିଅନ ଦଳକୁ ୭୦ ହଜାର ଟଙ୍କା ଓ ଟ୍ରଫି ଏବଂ ରନର୍ସଅପ୍ ଦଳକୁ ୫୦

ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା। ମ୍ୟାନ୍ ଅଫ ଦି ମ୍ୟାଚ୍ ଭାବେ ଯଶୋବନ୍ତ ମାଝୀ, ମ୍ୟାନ ଅଫ ଦି ସିରିଜ୍ ଓ ଶ୍ରେଷ୍ଠ ବୋଲର ଭାବେ ଆଦିତ୍ୟ ବସା, ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଭାବେ ସୁଧାକର ନାୟକ ତଥା ଶ୍ରେଷ୍ଠ ସଂଗଠକ ଭାବେ ସୌରଜିତ ସାହୁ ପୁରସ୍କୃତ ହୋଇଥିଲେ। ଟୁର୍ଣ୍ଣାମେଣ୍ଟର ସଭାପତି ଗିରିଶ ଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବେ ଯୋଗ ଦେଇ ମନ୍ତ୍ରୀ ସୁଦାମ ମାର୍ଣ୍ଡି, ପୂର୍ବତନ ଉପ ବାଚସ୍ପତି ସାନନ୍ଦ ମାର୍ଣ୍ଡି, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଦେବାଶିଷ ମାର୍ଣ୍ଡି, ନଗରପାଳ କୃଷ୍ଣନନ୍ଦ ମହାନ୍ତି କୃଷି ନିଗମ ଅଧ୍ୟକ୍ଷ ଦେବାଶିଷ ମହାନ୍ତି, ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ଦେବାଶିଷ ଦାସ, ଅରୁଣ ବରାଡ଼, ଉପ ସଭାପତି ସଂଜୀବ ଦ୍ୱିବେଦୀ, ଅମର ସେଠି ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିଲେ। ଆୟୋଜକ ଜୀତ ପଟ୍ଟନାୟକ, ସତ୍ୟନାରାୟଣ ଜୀଉ, ସନ୍ଦୀପ୍ତ ମଲ୍ଲିକ ଓ ପ୍ରଣବ ସେଠୀ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ।

ଆଇପିଏଲ୍‌ର କ୍ୟାପ୍‌ଟେନ୍‌ଙ୍କ କାହାଣୀ

ନୂଆଦିଲ୍ଲୀ

ଭାରତୀୟ କ୍ରିକେଟ୍‌ର ଅସଲ ମଞ୍ଚ, ପ୍ରଶଂସକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ, ଖେଳାଳିଙ୍କ ଲୋଭନୀୟ ପ୍ରତିଯୋଗିତା ପାଲଟିଥିବା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ସପ୍ତଦଶ ସଂସ୍କରଣ ଧୂମ୍‌ଧାମ୍‌ରେ ଆରମ୍ଭ ଚାଲିଛି। ଦେଢ଼ଦଶନ୍ଧିର ଏହି କ୍ରିକେଟ ପ୍ରତିଯୋଗିତା ବିସିସିଆଇର ଅନ୍ୟତମ ଘରୋଇ କ୍ରିକେଟ ଲିଗ୍ ହୋଇଥିଲେ ମଧ୍ୟ ବହୁ ପୁରାତନ ଟୁର୍ଣ୍ଣାମେଣ୍ଟକୁ ପଛରେ ପକାଇ ଦେଇଛି। ଅର୍ଥ, ରୋମାଞ୍ଚ, ଉତ୍କଣ୍ଠା, ନାଟକୀୟ ମୁହୂର୍ତ୍ତ, ସ୍ମରଣୀୟ ଛାପକୁ ନେଇ ଘଟଣାବହୁଳ ଏହି ଲିଗ୍ ବିଶ୍ୱ ସାରା ଖେଳାଯାଉଥିବା ଶତାଧିକ ଟ୍ୱେଣ୍ଟି-୨୦ କ୍ରିକେଟ୍ ଲିଗ୍ ମଧ୍ୟରେ ବି ସବୁଠୁ ଅଧିକ ଲୋକପ୍ରିୟ ଓ ଚାହିଦାର ପ୍ରତିଯୋଗିତା ପାଲଟିଯାଇଛି।

ଭାରତୀୟ କ୍ରିକେଟ ପାଇଁ ଏଥରର ଆଇପିଏଲ୍ ନିଶ୍ଚିତ ଏକ ନିଆରା ଯୁଗର ଶୁଭାରମ୍ଭ କରିବାକୁ ଯାଉଛି। କାହିଁକି ନା ଦେଶର ୩ ପ୍ରମୁଖ ଖେଳାଳି ତଥା ସଫଳ ଅଧିନାୟକ ମହେନ୍ଦ୍ର ସିଂହ ଧୋନି, ବିରାଟ କୋହଲି ଓ ରୋହିତ ଶର୍ମା ଏଥର ଅଣଅଧିନାୟକ ଭାବେ ଏହି ସଂସ୍କରଣରେ ଖେଳିବା ଆରମ୍ଭ କରିଛନ୍ତି। ଅଧିନାୟକ ଭାବେ ଅନେକ ମାଇଲଖୁଣ୍ଟ ଛୁଇଁଥିବା ଏହି ତିନି କିମ୍ବଦନ୍ତୀ କ୍ରିକେଟର୍ ନିଜ ପାଇଁ ଏବଂ ସେମାନଙ୍କ ଦଳ ପାଇଁ ଆହ୍ୱାନଭରା ସମୟ ଛାଡ଼ିଯାଇଛନ୍ତି। ବିଶେଷକରି, ରୋହିତ ଶର୍ମାଙ୍କୁ ଅପସାରଣ କରି ମୁମ୍ବାଇ ଇଣ୍ଡିଆନ୍ସ ଯେଉଁଳି ନୂଆ ଚାଲ ଖେଳିଛି ଏହା କେତେ ସଫଳ ରହୁଛି ତାହା ଦେଖିବାର ଅଛି। ରୋହିତଙ୍କ ନେତୃତ୍ୱ ଦକ୍ଷତାକୁ ନେଇ କୌଣସି ଦ୍ୱନ୍ଦ୍ୱ- ନ ଥିଲେ ମଧ୍ୟ ଭବିଷ୍ୟତକୁ

ସୁରକ୍ଷିତ ରଖିବା ଲାଗି ମୁମ୍ବାଇ ଇଣ୍ଡିଆନ୍ସ ଏଭଳି କଠୋର ନିଷ୍ପତ୍ତି ନେଇଛି। ରୋହିତଙ୍କ ଅଧୀନରେ ମୁମ୍ବାଇ ଇଣ୍ଡିଆନ୍ସ ୫ ଥର ଆଇପିଏଲ୍ ମୁକୁଟ ଜିତିଥିଲା। ସେହିଭଳି ମହେନ୍ଦ୍ର ସିଂହ ଧୋନିଙ୍କ ଚେନ୍ନାଇ ସୁପର କିଙ୍ଗ୍ସ ଅଧିକ ସଫଳ ରହିଛି। ପୂର୍ବ ୧୬ଟି ସଂସ୍କରଣରୁ ୧୪ଟିରେ ଖେଳିଥିବା ଚେନ୍ନାଇ ସୁପର କିଙ୍ଗ୍ସ ୧୨ ଥର ପ୍ଲେ ଅଫ ଖେଳିବା ସହ ୫ ଥର ଲେଖାଏଁ ବିଜେତା ଏବଂ ଉପବିଜେତା ହେବା ଦଳର ସଫଳତାକୁ ସଂଖ୍ୟାରେ ଦର୍ଶାଇ ଦେଉଛି। ଏହି ଦୁଇ ଅଧିନାୟକଙ୍କ ବ୍ୟତୀତ ବିରାଟ କୋହଲିଙ୍କ ବ୍ୟକ୍ତିଗତ ସଫଳତା ଅଧିକ ଚର୍ଚ୍ଚାରେ ରହିଛି। ସେ ଆଇପିଏଲ୍‌ର ଅଗ୍ରଣୀ ରନ ସଂଗ୍ରହକାରୀ ରହିଛନ୍ତି। କିନ୍ତୁ ତାଙ୍କ ନେତୃତ୍ୱରେ ରୟାଲ ଚାଲେଞ୍ଜର୍ସ ବାଙ୍ଗାଲୋର ସେତେ ସଫଳ ଦଳ ହୋଇପାରିନାହିଁ। ଏହି କାରଣରୁ ଦୁଇ ଋତୁ ହେବ କୋହଲି ନେତୃତ୍ୱ ଛାଡ଼ି ଦଳର ଭାଗ୍ୟ ଫିଟାଇବା ଆଶାରେ ଅଛନ୍ତି। ନିଜ ବ୍ୟାଟିଂରେ ଫୋକସ୍ ରଖି ସେ ମଧ୍ୟ ଦଳର ଅଧୁରା ସ୍ୱପ୍ନକୁ ସାକାର କରିବା ଜିଦ୍‌ରେ ଅଛନ୍ତି। ୧୬ ବର୍ଷ ପରେ ଆର୍‌ସିବିକୁ ମହିଳା ଦଳ ଗତ ସପ୍ତାହରେ ଡବ୍ଲ୍ୟୁପିଏଲ୍ ଟ୍ରଫି ପ୍ରଦାନ କରି ଫ୍ରାଞ୍ଚାଇଜ ଭାଗ୍ୟ ଉଦୟ କରିଥିବାରୁ କୋହଲିଙ୍କ ଉପସ୍ଥିତିରେ ଫାପ ଡୁ ପ୍ଲେସିସ୍ ନିଶ୍ଚିତ ଏ ବର୍ଷର ମୁକୁଟ ମୋହରେ ରହିବେ। ଆଉ ଜଣେ ସଫଳ ଅଧିନାୟକଙ୍କ କଥା ନ କହିଲେ ଏହି ପ୍ରସଙ୍ଗ ନିଶ୍ଚିତ ଅସମ୍ପୂର୍ଣ୍ଣ ରହିଯିବ। ରୋହିତ ଓ ଧୋନି ୫ ଥର ଲେଖାଏଁ ନିଜ ଦଳକୁ ଟ୍ରଫି ବିଜେତା କରିଥିବା ବେଳେ ତୃତୀୟ ସଫଳତମ ଅଧିନାୟକ ହେଲେ ଗୌତମ ଗମ୍ଭୀର। କ୍ରିକେଟ୍ ଛାଡ଼ି ସାରିଥିଲେ ମଧ୍ୟ କ୍ରିକେଟ୍ ତାଙ୍କୁ ଛାଡ଼ିନି। ରାଜନୀତି ଛାଡ଼ି ଏବେ ପୁଣି ଫେରିଛନ୍ତି କୋଲ୍‌କାତା ନାଇଟ ରାଇଡର୍ସକୁ। କେକେଆର୍‌କୁ ଦୁଇ ଥର (୨୦୧୨, ୨୦୧୪) ବିଜେତା କରିଥିବା ଗମ୍ଭୀର ଏଥର ଦଳ ସହ ମାର୍ଗଦର୍ଶକ ଭାବେ ଯୋଗ ଦେଇଛନ୍ତି।

ଏହି ଅବସରରେ ଆସନ୍ତୁ ଚଳିତ ଋତୁରେ ନୂଆ ଅଧିନାୟକ ଭାବେ ଦାୟିତ୍ୱ ନେଇଥିବା ଖେଳାଳିଙ୍କ ସମ୍ପର୍କରେ ଆଲୋଚନା କରିନେବା। ଧୋନିଙ୍କ ଉପସ୍ଥିତିରେ ଚେନ୍ନାଇ ସୁପର କିଙ୍ଗ୍ସର ଅଧିନାୟକ ହୋଇଛନ୍ତି ଯୁବ ବ୍ୟାଟର ଋତୁରାଜ ଗାଏକ୍ୱାଡ୍। ଗାଏକ୍ୱାଡ୍ ୨୦୧୯ରୁ ଚେନ୍ନାଇ ସୁପର୍ କିଙ୍ଗ୍‌ରୁ ଖେଳିଆସୁଛନ୍ତି। ଧୋନି ଅଧିନାୟକ ପଦ ଛାଡ଼ିବା ପରେ ସୃଷ୍ଟି ହୋଇଥିବା ଶୂନ୍ୟସ୍ଥାନକୁ ଋତୁରାଜ ସଫଳତାର ସହ ପୂରଣ କରିବା ସହିତ ଦଳର ସକାରାତ୍ମକ ଖେଳ ସଂସ୍କୃତିକୁ ଆଗେଇ ନେବେ ବୋଲି ସିଏସ୍‌କେ ଆଶା ପ୍ରକାଶ କରିଛି। ଗତ କିଛି ଋତୁ ହେବ ଧୋନିଙ୍କ ମାର୍ଗଦର୍ଶନ ଓ ତତ୍ତ୍ୱାବଧାନରେ ଗାଏକ୍ୱାଡ ଅଧିନାୟକତ୍ୱର କଳା ଓ ଦକ୍ଷତାକୁ ଶିଖି ଆସୁଥିବାରୁ ଏଥର ସେଭଳି ଅସୁବିଧା ହେବ ନାହିଁ ବୋଲି ପ୍ରଶଂସକ ଆଶା ରଖିଛନ୍ତି। ଗାଏକ୍ୱାଡ୍‌ଙ୍କ ବ୍ୟତୀତ ପ୍ୟାଟ୍ କମିନ୍ସ ଏବଂ ଶୁବମନ ଗିଲ୍ ମଧ୍ୟ ଏଥର ଆଇପିଏଲ୍ ଅଧିନାୟକତ୍ୱ ଆରମ୍ଭ କରିଛନ୍ତି। ହାର୍ଦ୍ଦିକ ପାଣ୍ଡ୍ୟା ମୁମ୍ବାଇ ଇଣ୍ଡିଆନ୍ସ ଚାଲିଯିବା ପରେ ଗୁଜରାଟ ଟାଇଟନ୍ସ ନେତୃତ୍ୱ ଗିଲ୍‌ଙ୍କ ଉପରେ ପଡ଼ିଛି। ସେହିଭଳି ଅନ୍ୟତମ ଦାମୀ ଖେଳାଳି ପ୍ୟାଟ କମିନ୍ସ ସମ୍ଭାଳିବେ ସନ ରାଇଜର୍ସ ହାଇଦ୍ରାବାଦର। ଆହତ ହେବା କାରଣରୁ ଗତ ଋତୁରେ ଖେଳିପାରି ନ ଥିବା ଋଷଭ ପନ୍ତ୍ ସିଧାସଳଖ ଦିଲ୍ଲୀ କ୍ୟାପିଟାଲ୍ସ ଭାବେ ଫେରିଛନ୍ତି। ଘରବାହୁଡ଼ା ପରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଉପରେ ମୁମ୍ବାଇ ଇଣ୍ଡିଆନ୍ସ ଏବଂ ଶ୍ରେୟସ୍ ଆୟରଙ୍କ ଉପରେ କୋଲ୍‌କାତା ନାଇଟ ରାଇଡର୍ସ ନେତୃତ୍ୱର ବୋଝ ରହିଛି। ୧୦ ଦଳ ମଧ୍ୟରେ ୮ ଭାରତୀୟ ନେତୃତ୍ୱ ସମ୍ଭାଳିବା ସବୁଠାରୁ ଉଲ୍ଲେଖନୀୟ ବିଷୟ।

ସ୍ମୃତିରେ ଡଃ ପି.କେ. ଜେନା

ପ୍ରଭୁ କଲ୍ୟାଣ ମହାପାତ୍ର

ଆନ୍ତର୍ଜାତିକ ଖ୍ୟାତିସଂପନ୍ନ ବୈଜ୍ଞାନିକ ପ୍ରଫେସର ପ୍ରଫୁଲ୍ଲ କୁମାର ଜେନା ଓଡ଼ିଶାରେ ଡଃ ପି.କେ. ଜେନା ନାମରେ ପରିଚିତ। ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାକୁ ସାଧାରଣ ଜନତାଙ୍କ ନିକଟରେ ପହଞ୍ଚାଇବା ପାଇଁ ସେ ସାରାଜୀବନ ଉଦ୍ୟମ କରିଥିଲେ। ସେଥିପାଇଁ ସେ ଖଣିଜ ପଦାର୍ଥର ସଂରକ୍ଷଣ, ଜଳ ଓ ଶକ୍ତିସମ୍ବଳର ବିକାଶ, ଶିଳ୍ପସଂସ୍ଥା ବର୍ଜ୍ୟବସ୍ତୁର ଉପଯୋଗ, ପରିବେଶ ପରିଚାଳନା ପ୍ରଭୃତି କ୍ଷେତ୍ରର ନୂତନ ପରିକଳ୍ପନାଗୁଡ଼ିକର ଆଦାନ ପ୍ରଦାନକୁ ସୁଗମ କରିବା ଲାଗି ଦୀର୍ଘ ତିରିଶ ବର୍ଷ (୧୯୯୦-୨୦୨୦) ଧରି ଅନେକ ଜାତୀୟ ଓ ଆନ୍ତର୍ଜାତିକ କର୍ମଶାଳା ତଥା ଆଲୋଚନାଚକ୍ର ମାନ ଆୟୋଜନ କରିଥିଲେ। ଅନ୍ୟପକ୍ଷରେ ପ୍ରାକୃତିକ ସମ୍ବଳଗୁଡ଼ିକର ସଂରକ୍ଷଣ, ପ୍ରଦୂଷଣ ନିୟନ୍ତ୍ରଣ, ପରିବେଶ ସୁରକ୍ଷା, ଖଣିଜ ପଦାର୍ଥ ସମେତ ଜଳ, ଜଙ୍ଗଲ ଓ ବର୍ଜ୍ୟବସ୍ତୁର ପରିଚାଳନା ସଂପର୍କିତ ବହୁ ଲୋକପ୍ରିୟ ଆଲେଖ୍ୟ ଉଭୟ ଇଂରାଜୀ ଏବଂ ଓଡ଼ିଆ ପତ୍ରପତ୍ରିକାରେ ସେ ପ୍ରକାଶନ କରିଥିଲେ।

ଭାରତ ସରକାର ଡଃ ପି.କେ. ଜେନାଙ୍କୁ ୧୯୭୭ ମସିହାରେ ସମ୍ମାନଜନକ ପଦ୍ମଶ୍ରୀ ଉପାଧିରେ ଭୂଷିତ କରିଥିଲେ। ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ବିଭିନ୍ନ କ୍ଷେତ୍ରକୁ ଅତୁଳନୀୟ ଅବଦାନ ଲାଗି ତାଙ୍କୁ ଏହି ଉପାଧିରେ ବିମଣ୍ଡିତ କରାଯାଇଥିଲା। ପୂର୍ବତନ ରାଷ୍ଟ୍ରପତି ଏ.ପି.ଜେ. ଅବଦୁଲ କଲାମଙ୍କ ଘନିଷ୍ଠ ବନ୍ଧୁ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କର ବୈଜ୍ଞାନିକ ପରାମର୍ଶଦାତା ଡଃ ଜେନା କେନ୍ଦ୍ରସରକାରଙ୍କ ସଂଭ୍ରାନ୍ତ ବିଜ୍ଞାନ ପ୍ରତିଷ୍ଠାନ କାଉନସିଲ ଅଫ ସାଇଣ୍ଟିଫିକ୍ ଆଣ୍ଡ ଇଣ୍ଡଷ୍ଟ୍ରିଆଲ ରିସର୍ଚ୍ଚ (ସି.ଏସ.ଆଇ.ଆର.)ର ଡାଇରେକ୍ଟର ଜେନେରାଲ ବା ମହାନିର୍ଦ୍ଦେଶକ ପଦବୀରୁ ଅବସର ଗ୍ରହଣ କରିଥିଲେ।

ତା ପୂର୍ବରୁ ସେ ଭୁବନେଶ୍ୱର ସ୍ଥିତ ଇନଷ୍ଟିଚ୍ୟୁଟ୍ ଅଫ ମିନେରାଲସ୍ ଆଣ୍ଡ ଟେକ୍ନୋଲୋଜି (ଆଇ.ଏମ.ଏମ.ଟି.) ବା ଅତୀତର ରିଜିଓନାଲ ରିସର୍ଚ୍ଚ ଲାବରେଟୋରି (ଆର.ଆର.ଏଲ.) ସଂସ୍ଥାକୁ ନିର୍ଦ୍ଦେଶକ ହିସାବରେ ଗଢ଼ି ତୋଳିଥିଲେ। ତାଙ୍କର ନିଷ୍ଠା ଓ ପ୍ରତିବଦ୍ଧତା ଯୋଗୁଁ ଏହି ଅନୁଷ୍ଠାନସି.ଏସ.ଆଇ.ଆର. ଅଧିନସ୍ଥ ଆନ୍ତର୍ଜାତିକ ମାନର ଏକ ପରୀକ୍ଷାଗାରରେ ପରିଣତ ହୋଇପାରିଥିଲା।

ରେଭେନ୍ସା କଲେଜରୁ ଫିଜିକାଲ କେମିଷ୍ଟ୍ରିରେ ପି.ଏଚ.ଡି. ଲାଭ କରିଥିବା ଡଃ ଜେନା ଫେଲୋସିପ୍ ପାଇ କାନାଡ଼ାସ୍ଥିତ ସଂଭ୍ରାନ୍ତ ବ୍ରିଟିଶ କଲମ୍ବିଆ ବିଶ୍ୱବିଦ୍ୟାଳୟରେ ଉଚ୍ଚତର ଗବେଷଣା କାର୍ଯ୍ୟକ୍ରମ ସଂପାଦନ କରିଥିଲେ। ବିଦେଶରୁ ଉଚ୍ଚ ଶିକ୍ଷା ସମାପନ ପରେ ସେ ୧୯୫୯ ମସିହାରେ ଭାରତ ପ୍ରତ୍ୟାବର୍ତ୍ତନ କରି ମୁମ୍ବାଇସ୍ଥିତ ଆଟମିକ୍ ଏନର୍ଜି ସଂସ୍ଥାର ବରିଷ୍ଠ ବୈଜ୍ଞାନିକ ରୂପେ ଚାକିରି ଜୀବନ ଆରମ୍ଭ କରିଥିଲେ।

ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ମେଟାଲର୍ଜିକାଲ ଇଞ୍ଜିନିୟରିଂ ବିଭାଗରେ ପ୍ରଫେସର ଭାବରେ କାର୍ଯ୍ୟ ନିର୍ବାହ କରିଥିବା ଏହି ଆନ୍ତର୍ଜାତିକ ଖ୍ୟାତିସଂପନ୍ନ ବୈଜ୍ଞାନିକ ୧୯୯୦ରୁ ୨୦୦୪ ଦୀର୍ଘ ଚଉଦ ବର୍ଷ ଧରି ଜାପାନ ଓ ବ୍ରାଜିଲରେ କେତେକ ସମ୍ମାନଜନକ ବିଶ୍ୱବିଦ୍ୟାଳୟରେ ଭିଜିଟିଂ ପ୍ରଫେସର ରୂପେ ମଧ୍ୟ ଅତ୍ୟନ୍ତ ନିଷ୍ଠାର ସହିତ ଦାୟିତ୍ୱ ସଂପାଦନ କରିଥିଲେ।

ଦୀର୍ଘ ଏକଦଶନ୍ଧିରୁ ଊର୍ଦ୍ଧ୍ୱ କାଳ ଧରି ରାଜ୍ୟ ଯୋଜନା ବୋର୍ଡର ସଭ୍ୟ ଭାବରେ ଓଡ଼ିଶାର ଶିଳ୍ପାୟନ ଏବଂ ବିଭିନ୍ନ ଭିତ୍ତିଭୂମି ବିକାଶ କାର୍ଯ୍ୟକ୍ରମର ଯୋଜନା ପ୍ରସ୍ତୁତ କରିଥିବା ଡଃ ପି.କେ. ଜେନାଙ୍କୁ ୨୦୧୯ ମସିହାରେ ବିଜୁ ପଟ୍ଟନାୟକଙ୍କ ଜନ୍ମଶତବାର୍ଷିକୀ ଅବସରରେ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଅନ୍ୟପକ୍ଷରେ ଖଡ଼ଗପୁର ଆଇ.ଆଇ.ଟି.ର ଇଞ୍ଜିନିୟରିଂ ବିଭାଗସ୍ଥ ଟାଟା ଚେୟାରର ପ୍ରଥମ ବିଶିଷ୍ଟ ପ୍ରଫେସର ହେବାର ବିରଳ ଗୌରବ ଅର୍ଜନ କରିଥିବା ଏହି ମହାନ ବ୍ୟକ୍ତିତ୍ୱଜଣକ ଜାତୀୟ ଓ ଆନ୍ତର୍ଜାତିକ ପତ୍ରିକାମାନଙ୍କରେ ୨୫୦ରୁ ଅଧିକ ଗବେଷଣାତ୍ମକ ତଥା ବୈଷୟିକ ସମୀକ୍ଷାମୂଳକ ଲେଖା ପ୍ରକାଶ କରିଥିଲେ।

ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରକୁ ଅସାମାନ୍ୟ ଅବଦାନ ଲାଗି ଡଃ ଜେନା ଅନେକ ମର୍ଯ୍ୟାଦାଜନକ ସମ୍ମାନର ଅଧିକାରୀ ହୋଇପାରିଥିଲେ। ସେଥିମଧ୍ୟରେ ନ୍ୟାସନାଲ ମେଟାଲର୍ଜି ଏୱାର୍ଡ ୧୯୬୯, ଫିକି (ଫେଡେରେସନ ଅଫ୍ ଇଣ୍ଡିଆନ ଚେମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜ) ଏୱାର୍ଡ ୧୯୮୨, ଇନଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟର୍ସ (ଇଣ୍ଡିଆ) ଏୱାର୍ଡ ୧୯୯୮, ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ଉଲ୍ଲେଖନୀୟ ସେବା ପୁରସ୍କାର ୨୦୦୮, ଓଡ଼ିଶା ଲିଡରସିପ୍ ଏୱାର୍ଡ (ଟାଇମ୍ସ ଅଫ୍ ଓଡ଼ିଶା ଗ୍ରୁପ୍ ଦ୍ୱାରା ପରିବେଶ ପରିଚାଳନା କ୍ଷେତ୍ର ନିମନ୍ତେ) ୨୦୧୦, ଏଚିଭମେଣ୍ଟ ଏୱାର୍ଡ ଅଫ ଏକ୍ସିଲେନ୍ସ (ଆଇ.ଏମ.ଏମ.ଟି., ଭାରତ ସରକାରଙ୍କ ସି.ଏସ.ଆଇ.ଆଇ. ସଂସ୍ଥା ଦ୍ୱାରା), ଭାରତୀୟ ବିଦ୍ୟାଭବନ ଦ୍ୱାରା ଭବନ ସମ୍ମାନ ଓଡ଼ିଶା ପୁରସ୍କାର ୨୦୧୫, କଳିଙ୍ଗ ସମ୍ମାନ ୨୦୧୫, ଓଡ଼ିଶା ଇଞ୍ଜିନିୟର୍ସ ଫୋରମ୍ ଦ୍ୱାରା ସମ୍ମାନଜନକ ବିଶେଶ୍ୱର ରାୟ ପୁରସ୍କାର ୨୦୧୫, ରେଭେନ୍ସା ରତ୍ନ ସମ୍ମାନ ୨୦୨୦ ପ୍ରଭୃତି ଅନ୍ୟତମ।

ଏହିସବୁ ଉଚ୍ଚ ପଦପଦବୀରେ ଅଧିଷ୍ଠିତ ହୋଇ ସୁଦ୍ଧା ଡଃ ଜେନାଙ୍କ ମନରେ ସାମାନ୍ୟତମ ଗର୍ବ କିମ୍ବା ଅହଂକାର ନ ଥିଲା। ସେ ଅତ୍ୟନ୍ତ ସରଳ, ନିରାଡ଼ମ୍ବର, ସଙ୍କୋଚ ଏବଂ ଅହଂକାରଶୂନ୍ୟ ଜୀବନ ବିତାଇଥିଲେ। ତେବେ ଜାତୀୟ ଓ ଅନ୍ତର୍ଜାତୀୟ କ୍ଷେତ୍ରରେ ଅନନ୍ୟ ସମ୍ମାନର ଅଧିକାରୀ ହୋଇପାରିଥିବା ଡଃ ପି.କେ. ଜେନାଙ୍କ ଭଳି ଜଣେ ବିଶିଷ୍ଟ ଓଡ଼ିଆ ବୈଜ୍ଞାନିକଙ୍କୁ ଆମେ କେବଳ ପଦ୍ମଶ୍ରୀ ଉପାଧି ପ୍ରଦାନ କରି ସନ୍ତୁଷ୍ଟ ହୋଇଛନ୍ତି। ତାଙ୍କର ଉପଯୁକ୍ତ ସ୍ମୃତିରକ୍ଷା ପାଇଁ ଉଭୟ ସରକାର ଓ ଘରୋଇ ଉଦ୍ୟମରେ ଯଥାର୍ଥ ଉଦ୍ୟମ ହେବା ନିହାତି ଆବଶ୍ୟକ।

ମୋ.: ୯୯୩୭୬୧୧୩୮୯

ରାଜ୍ୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲ୍ଲାର ସଫଳତା

୬ ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଏବଂ ୩ ବ୍ରୋଞ୍ଜ ପଦକ ହାସଲ

ବାରିପଦା, ନ୍ୟୁଜ୍‌ବ୍ୟୁରୋ

ଭୁବନେଶ୍ୱର ଠାରେ ଅନୁଷ୍ଠିତ ହୋଇଥିବା ରାଜ୍ୟସ୍ତରୀୟ ରାଜ୍ୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲାକୁ ବଡ଼ ସଫଳତା ମିଳିଛି। ମୟୂରଭଞ୍ଜ ଜିଲ୍ଲାର କୃତୀ ପ୍ରତିଯୋଗୀମାନେ ୬ଟି ସ୍ୱର୍ଣ୍ଣ ପଦକ ସହ ଗୋଟିଏ ରୌପ୍ୟ ଏବଂ ୩ଟି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ମହିଳା ପ୍ରତିଯୋଗୀମାନଙ୍କ ମଧ୍ୟରେ ୬୩ କେଜି ବର୍ଗରେ ଦେବୀ ସିଂ, ୫୨ କେଜି ବର୍ଗରେ ପ୍ରଭାତି ସିଂ, ୪୭ କେଜି ବର୍ଗରେ ସୌମ୍ୟପ୍ରଭା ଟୁଡୁ, ୫୨ କେଜି ଜୁନିଅର ବର୍ଗରେ ଧରିତ୍ରୀ ମହାନ୍ତ ପ୍ରମୁଖ ସ୍ୱର୍ଣ୍ଣ ପଦକ ଏବଂ ୮୪ କେଜି ବର୍ଗରେ ମାମୁନି ପଲେଇ ବ୍ରୋଞ୍ଜ ପଦକ ବିଜେତା ହୋଇଥିବା ବେଳେ ପୁରୁଷ ପ୍ରତିଯୋଗୀମାନଙ୍କ ମଧ୍ୟରେ ୬୬ କେଜି ବର୍ଗରେ ପ୍ରବୀର ପୃଷ୍ଟି, ୫୯ କେଜି ବର୍ଗରେ ରଞ୍ଜନ ହାଁସଦା ପ୍ରମୁଖ ସ୍ୱର୍ଣ୍ଣ ପଦକ, ୮୩ କେଜି ବର୍ଗରେ ଚନ୍ଦନ ମହାନ୍ତ ରୌପ୍ୟ ଏବଂ ୫୩ କେଜି ଜୁନିଅର ବର୍ଗରେ ବିକ୍ରମରାଜ ମହାନ୍ତ ଓ ୭୪ କେଜି ସବ୍ ଜୁନିଅରବର୍ଗରେ ଲଳିତ ମହାନ୍ତ ବ୍ରଞ୍ଜ ପଦକ ହାସଲ କରିଛନ୍ତି। ଜିଲ୍ଲା ଶକ୍ତି ଉତ୍ତୋଳନ ସଂଘର ସଂପାଦକ ନବ କୁମାର ସାହୁ, ଉପଦେଷ୍ଟା ଗିରିଶ ଚନ୍ଦ୍ର ଦାସ, ଉପସଭାପତି ରବୀନ୍ଦ୍ର କୁମାର ମହାନ୍ତି, ସହ ସଂପାଦକ ସତ୍ୟବ୍ରତ ବେହେରା, ରାଜେନ୍ଦ୍ର ପରିଡ଼ା, ସୁମିତ କୁମାର ସାହୁ, ନୀତେଶ ବାରିକ ପ୍ରମୁଖଙ୍କ ସମେତ ଅନ୍ୟାନ୍ୟ କ୍ରୀଡ଼ା ପ୍ରେମୀମାନେ କୃତୀ ପ୍ରତିଯୋଗୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହି ସଫଳତାକୁ ନେଇ ଜିଲ୍ଲା କ୍ରୀଡ଼ା ମହଲରେ ଆନନ୍ଦର ଲହରୀ ଖେଳିଯାଇଅଛି।

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୮ ମାର୍ଚ୍ଚ ୨୦୨୪ ଗୁରୁବାର

୩କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ସତ୍ତ୍ୱେ କାମରେ ଆସୁନି ପାନୀୟ ଜଳ ପ୍ରକଳ୍ପ

ନିଶ୍ଚିନ୍ତକୋଇଲି, ନ୍ୟୁଜ୍‌ବ୍ୟୁରୋ

ଗ୍ରାମାଞ୍ଚଳ ଲୋକଙ୍କୁ ଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ନିମନ୍ତେ ସରକାର ଯୋଜନା ଉପରେ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ଏଥିନିମନ୍ତେ କୋଟି କୋଟି ଟଙ୍କା ସରକାରୀ ରାଜକୋଷରୁ ବିନିଯୋଗ ହେଉଛି । ଏପରିସ୍ଥଳେ ନିଶ୍ଚିନ୍ତକୋଇଲି ବ୍ଲକ ବରାଦୋ ଗ୍ରାମପଞ୍ଚାୟତରେ ଲୋକଙ୍କୁ ପାନୀୟ ଜଳ ଯୋଗାଇ ଦେବା ନିମନ୍ତେ ସରକାର ୩କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ବରାଦ କରିଛନ୍ତି । ଏତେ ପରିମାଣର ଅର୍ଥ ବ୍ୟୟ ବରାଦ ହୋଇଥିଲେ ମଧ୍ୟ ପାନୀୟ ଜଳ ପ୍ରକଳ୍ପ ଲୋକଙ୍କ କାମରେ ଆସୁନଥିବାର ଅଭିଯୋଗ ହୋଇଛି । ଟୋପାଏ ପାନୀୟ ଜଳ ନିମନ୍ତେ ଲୋକେ ଡହଳ ବିକଳ ହେଉଥିବାର ଅଭିଯୋଗ ହୋଇଛି । ଏହାର ପ୍ରତିକାର ଦିଗରେ ବିଭାଗୀୟ ସ୍ତରରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବା କାରଣରୁ ଜନ ଅସନ୍ତୋଷ ଗଣ ଆନ୍ଦୋଳନର ରୂପ ନେବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ ବୋଲି ସାଧାରଣରେ ମତପ୍ରକାଶ ପାଇଛି । ସମସ୍ୟା ଜର୍ଜରିତ ନିଶ୍ଚିନ୍ତକୋଇଲି ବ୍ଲକ ବରାଦୋ ଗ୍ରାମପଞ୍ଚାୟତ ବରାଦୋ, ପାଟପୁର, ତୀରବିନ୍ଧା ଇତ୍ୟାଦି ୩ଟି ରାଜସ୍ୱ ଗ୍ରାମକୁ ନେଇ ଗଠିତ । ଏହି ପଞ୍ଚାୟତରେ ୬ହଜାରରୁ ଉର୍ଦ୍ଧ୍ୱ ବ୍ୟକ୍ତି ପାନୀୟ ଜଳ ନିମନ୍ତେ ନିର୍ଭର କରିଥାନ୍ତି । ସରକାରଙ୍କ ତରଫରୁ ସ୍ଥାନୀୟ ପାଟପୁର ଓ ବରାଦୋ ଠାରେ ୨ଟି ପାନୀୟ ଜଳ ପ୍ରକଳ୍ପ ୩କୋଟିରୁ ଉର୍ଦ୍ଧ୍ୱଟଙ୍କା ବ୍ୟୟ ବରାଦରେ ନିର୍ମାଣ କରାଯାଉଛି । ଠିକାଦାରଙ୍କ ମନମୁଖି ଓ ମନ୍ଥର ଗତିରେ ଏହି ପାନୀୟ ଜଳ ପ୍ରକଳ୍ପ ଚାଲିଥିବାର ସାଧାରଣରେ ଅଭିଯୋଗ ହୋଇଛି । ପାଟପୁର ଠାରେ ନିର୍ମାଣ କରାଯାଇଥିବା ପାନୀୟ ଜଳ ପ୍ରକଳ୍ପ ଦ୍ୱାରା ମାତ୍ର ୩-୪ଟି ୱାର୍ଡରଲୋକମାନେ ନାମକୁ ମାତ୍ର ପାନୀୟ ଜଳ ପାଉଥିଲା ବେଳେ ତିରବିନ୍ଧା ବରାଦୋ ପ୍ରଭୃତି ଗ୍ରାମର ଲୋକଙ୍କ ନିମନ୍ତେ ଏହି ଯୋଜନା ସ୍ୱପ୍ନ ପାଲଟିଛି । ଏପରିକି ସରକାର ପାନୀୟଜଳ ପ୍ରକଳ୍ପ ନିମନ୍ତେ କୋଟିକୋଟି ଟଙ୍କାର ଅର୍ଥ ଯୋଗାଇ ଦେଇଥିଲା ବେଳେ ବରାଦୋ ଠାରେ ନିର୍ମାଣ କରାଯାଇଥିବା ପାନୀୟ ଜଳ ପ୍ରକଳ୍ପଟି ତାଲା ପଡିରହିଛି । ଏହି ପ୍ରକଳ୍ପ ଜରାଜୀର୍ଣ୍ଣ ଅବସ୍ଥାରେ ପଡି ରହିଥିଲା ବେଳେ ଏହା ବିଷାକ୍ତ ସରିସୃପଙ୍କ ଅଭୟାରଣ୍ୟରେ ପରିଣତ ହୋଇଛି । ସେହିପରିଭାବେ ଏହି ପ୍ରକଳ୍ପଟି ଗଛ ଲତାରେ ଭରପୁର ହୋଇ ରହିଛି । ସେହିପରି ଭାବେ ଠିକାଦାର ବିଛାଇଥିବା ପାଇପ ଲାଇନ ଗୁଡିକ ବିଭିନ୍ନ ସ୍ଥାନରେ ଫାଟି ଗଲାଣି । ପାଇପ ଷ୍ଟାଣ୍ଡ ଗୁଡିକ ମଧ୍ୟ ନଷ୍ଟ ହୋଇଗଲାଣି । ଅଟକଳ ଅନୁଯାଇ ଏହି କାର୍ଯ୍ୟ କରାଯାଇ ନଥିଲା ବେଳେ ଏଥିରେ ଅତ୍ୟନ୍ତ ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର କରାଯାଇଥିବା କାରଣରୁ ପାଇପ ଷ୍ଟାଣ୍ଡ ଓ ପାଇପ ଲାଇନ ଗୁଡିକ ସମ୍ପୂର୍ଣ୍ଣ ନଷ୍ଟ ହୋଇ ଯାଇଛି । ଯାହା ଦ୍ୱାରାକି ସ୍ଥାନୀୟ ଅଞ୍ଚଳର ଲୋକେ ଟୋପାଏ ପାନୀୟ ଜଳ ପାଇବା ନିମନ୍ତେ ଡହଳ ବିକଳ ହେଉଥିବାର ଅଭିଯୋଗ ହୋଇଛି । ଲୋକେ ଟୋପାଏ ପାନୀୟ ଜଳ ପାଉନଥିଲା ବେଳେ କୋଟିକୋଟି ଟଙ୍କାବିନିଯୋଗ କରାଯିବା କାହା ସ୍ୱାର୍ଥରେ ବୋଲି ସାଧାରଣରେ ମତପ୍ରକାଶ ପାଇଛି । ଅପରପକ୍ଷରେ ମାର୍ଚ୍ଚ ମାସର ଶେଷ ସପ୍ତାହ ସୁଦ୍ଧା ସ୍ଥାନୀୟ ଅଞ୍ଚଳରେ ଅହେତୁକ ଭାବେତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି । ସ୍ଥାନୀୟ ଅଞ୍ଚଳର ଗଡିଆ ପୋଖରୀ ଓ ନଦୀନାଳ ଶୁଖିଲା ପଡିଛି । ଭୂତଳ ଜଳସ୍ତର ନିମ୍ନଗାମୀ ହୋଇପଡିଛି । ଯାହା ଦ୍ୱାରାକି ସ୍ଥାନୀୟ ଅଞ୍ଚଳରେ ଟୋପାଏ ପାନୀୟ ଜଳ ପାଇବା ନିମନ୍ତେ ବୁଲା ଗାଈଗୋରୁ ଛେଳିମେଣ୍ଢା ସର୍ବୋପରି ମଣିଷଙ୍କ ନିମନ୍ତେ ଜରୁରୀ ହୋଇପଡିଛି । ଏପରି ସ୍ଥଳରେ ଏହି ପାନୀୟ ଜଳ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରାଯିବା ନିମନ୍ତେ ବିଭାଗୀୟ ସ୍ତରରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି । ଏହାର ପ୍ରତିବାଦରେ ଆଗାମୀଦିନରେ ଲୋକେ ବାଧ୍ୟ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ ବୋଲି ସାଧାରଣରେ ମତପ୍ରକାଶ ପାଇଛି । ଏସମ୍ପର୍କରେ ମତାମତ ନେବା ନିମନ୍ତେ ଆମ ପ୍ରତିନିଧି ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଚିନ୍ମୟ ବେହେରାଙ୍କୁ ପଚାରିବାରୁ କାର୍ଯ୍ୟ ପୂର୍ଣ୍ଣାଙ୍ଗହୋଇନଥିବାରୁ ସମ୍ପୃକ୍ତ ଅଞ୍ଚଳର ଲୋକେପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଥିବାର ପ୍ରକାଶ କରିଥିଲେ । ପ୍ରକଳ୍ପ ପୂର୍ଣ୍ଣାଙ୍ଗ ହେଲେ ଏହି ଅଞ୍ଚଳର ଲୋକେ ପାନୀୟ ଜଳ ପାଇପାରିବେ ବୋଲି ଶ୍ରୀ ବେହେରା ପ୍ରକାଶ କରିଛନ୍ତି ।

ବାଲେଶ୍ୱର ଜିଲ୍ଲା ବିଜେପିର ମହା ମିଶ୍ରଣ ପର୍ବ : ୬୦୦ରୁ ଉର୍ଦ୍ଧ୍ୱ କର୍ମୀ ଦଳରେ ମିଶିଲେ

ବାଲେଶ୍ୱର, ନ୍ୟୁଜ୍

ବାଲେଶ୍ୱର ଲୋକସଭା ନିର୍ବାଚନୀ କାର୍ଯ୍ୟାଳୟରେ ବସ୍ତା ନିର୍ବାଚନ ମଣ୍ଡଳୀ ପକ୍ଷରୁ ଏକ ମହା ମିଶ୍ରଣ ପର୍ବ ଆୟୋଜିତ ହୋଇଯାଇଛି । ବାଲିଆପାଳ ବ୍ଲକର ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ତଥା ବସ୍ତା ବିଜେଡ଼ିର ଆଗଧାଡିର ନେତା ରବୀନ୍ଦ୍ର ନାଥ ଅଣ୍ଡିଆଙ୍କ ସହିତ ୬୦୦ ରୁ ଉର୍ଦ୍ଧ୍ୱ ବିଜେଡ଼ି ନେତା, କାର୍ଯ୍ୟକର୍ତ୍ତା, ସରପଞ୍ଚ, ସମିତି ସଭ୍ୟ, ୱାର୍ଡ ସଭ୍ୟ ଓ କର୍ମୀ ପ୍ରଧାନମନ୍ତ୍ରୀଙ୍କ ସୁଶାସନ, ଜନକଲ୍ୟାଣକାରୀ ଯୋଜନା ଓ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ନୀତି ଆଦର୍ଶ ଓ ଜନସେବା ପାଇଁ ସମର୍ପିତ ଜୀବନଶୈଳୀରେ ଆକୃଷ୍ଟ ହୋଇ ବିଧିବଦ୍ଧ ଭାବେ ଭାରତୀୟ ଜନତା ପାର୍ଟିରେ ଯୋଗଦାନ କରିଛନ୍ତି ବୋଲି ଦଳୀୟ ସୂତ୍ରରୁ କୁହାଯାଇଛି । ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ମିଶ୍ରଣ ପର୍ବରେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବାଲେଶ୍ୱର ଲୋକସଭା ପ୍ରଭାରୀ ଆଶୁତୋଷ ପରିଡ଼ା, ବସ୍ତା ନିର୍ବାଚନ ମଣ୍ଡଳୀର ନେତା ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ରେମୁଣାର ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ସାଂସଦ ପ୍ରତିନିଧି ମହେଶ୍ୱର ଜେନା ନବାଗତ କର୍ମୀଙ୍କୁ ଉତ୍ତରୀୟ ଓ ଦଳୀୟ ଟୋପି ପିନ୍ଧାଇ ଦଳକୁ ସ୍ୱାଗତ କରିଥିଲେ । ଶ୍ରୀ ଅଣ୍ଡିଆଙ୍କ ସମେତ ପ୍ରମୁଖ ବ୍ୟକ୍ତିଙ୍କ ମଧ୍ୟରେ ମହେଶ୍ୱର ଜେନା, ସରପଞ୍ଚ, ବିଷ୍ଣୁପୁର ଗ୍ରାମପଞ୍ଚାୟତ, ଅଞ୍ଜନ ଗିରି, ସରପଞ୍ଚ ନିରା ଗ୍ରାମ ପଞ୍ଚାୟତ, ହେମନ୍ତ ଦାସ, ସରପଞ୍ଚ ପ୍ରତିନିଧି ବାଲିଆପାଳ ଗ୍ରାମ ପଞ୍ଚାୟତ, ଗୀତାରାଣୀ ମାହାନା, ସରପଞ୍ଚ ମଧୁପୁର ଗ୍ରାମ ପଞ୍ଚାୟତ, ପଙ୍କଜିନୀ ମହାପାତ୍ର, ସରପଞ୍ଚ କୁମ୍ଭାରୀ ଗ୍ରାମ ପଞ୍ଚାୟତ, ଜୟଲକ୍ଷ୍ମୀ ଅଣ୍ଡିଆ, ସମିତି ସଭ୍ୟ, କୁମ୍ଭାରୀ ଗ୍ରାମ ପଞ୍ଚାୟତ, ଚେୟାରମ୍ୟାନ ପ୍ରାର୍ଥୀ ବାଲିଆପାଳ ବ୍ଲକ ଏବଂ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଧନଞ୍ଜୟ ଗିରି, ସମିତି ସଭ୍ୟ ପ୍ରତିନିଧି ଦେଭୋଗ ଗ୍ରାମ ପଞ୍ଚାୟତ ଓ ପଞ୍ଚାୟତ ସଭାପତି, ଗୁଣାକର ସାହୁ, ପୂର୍ବତନ ସରପଞ୍ଚ, ବିଷ୍ଣୁପୁର ଗ୍ରାମ ପଞ୍ଚାୟତ, ଜୟନାରାୟଣ ମହାପାତ୍ର, ପୂର୍ବତନ ସରପଞ୍ଚ, କୁମ୍ଭାରୀ ଗ୍ରାମ ପଞ୍ଚାୟତ, ମନୋରଞ୍ଜନ ପାତ୍ର, ବରିଷ୍ଠ ନେତା, ନିରା ଗ୍ରାମ ପଞ୍ଚାୟତ, ରବୀନ୍ଦ୍ର ଦାସ, ବିଜୁ ଜନତା ଦଳର ପଞ୍ଚାୟତ ସଭାପତି ଅଣ୍ଡିଆ ଗ୍ରାମ ପଞ୍ଚାୟତ, ଧନଞ୍ଜୟ ଗିରି, ଦେଭୋଗ ଗ୍ରାମ ପଞ୍ଚାୟତର ରବୀନ୍ଦ୍ର ସାହୁ, କୁମ୍ଭାରୀ ଗ୍ରାମ ପଞ୍ଚାୟତର ଅନନ୍ତ ବିଶ୍ୱାଳ, ଦେଉଳା ଗ୍ରାମ ପଞ୍ଚାୟତର ପୁରସ୍ତମ ଜେନା, ପୂର୍ବତନ ସମିତି ସଭ୍ୟ, ପ୍ରତାପ ପୁରଙ୍କ ସହିତ ବିଜୁ ଜନତା ଦଳ ୱାର୍ଡ ସଭ୍ୟ ସଞ୍ଜୟ ମାହାଲା, ପଙ୍କଜ ସାହୁ, ହରିଶ ପାତ୍ର, ବାସନ୍ତୀ ମଙ୍ଗରାଜ, ବିଜେଡି ମହିଳା ସଭାପତି ଲକ୍ଷ୍ମୀ ଦଳାଇ, ବିଶିଷ୍ଟ ସମାଜ ସେବୀ ଯତୀନ୍ଦ୍ର ସେଠୀ ଓ ଅବନ୍ତୀ ଦାସ, ବରିଷ୍ଠ ବିଜେଡି ନେତା ତୀର୍ଥଦାସୀ ଖୁଣ୍ଟିଆ, ସଚିନ୍ଦ୍ର ସେଠୀ, ସୁଜୟ ରାଉତ ଓ ମନ୍ମଥ ଦେହୁରୀ, କାର୍ତ୍ତିକ ପାତ୍ର, ଜୟନ୍ତ ଭୂୟାଁ, ଧନଞ୍ଜୟ ଜେନା, କାଳୀ ଚରଣ ନନ୍ଦୀ, ଯୁଧିଷ୍ଠିର ପାତ୍ର, ଅଶୋକ ଦାସ, ଗଙ୍ଗାଧର ପାତ୍ର, ନୀଳାମ୍ବର ପାତ୍ର, ଗୋପୀନାଥ ପାତ୍ର, ବିନୟ ମାଣିକ ଓ ଶରତ ଚନ୍ଦ୍ର ପାତ୍ର ବିଜେପିର ସଦସ୍ୟତା ଗ୍ରହଣ କରି ଆଗାମୀ ସାଧାରଣ ନିର୍ବାଚନରେ ବସ୍ତା ନିର୍ବାଚନ ମଣ୍ଡଳୀରେ ପଦ୍ମଫୁଲକୁ ଉଭୟ ଲୋକସଭା ଓ ବିଧାନସଭାରେ ବିଜୟୀ କରିବା ପାଇଁ ଶପଥଗ୍ରହଣ କରିଥିଲେ । ସଭାପତି ଉମାକାନ୍ତ ମହାପାତ୍ର, ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତିଙ୍କ ସମେତ ମଞ୍ଚାସୀନ ଅତିଥି ବୃନ୍ଦ ସେମାନଙ୍କ ବକ୍ତବ୍ୟରେ ବିଜେପି ପ୍ରତି ଲୋକପ୍ରିୟତା ବୃଦ୍ଧି ପାଉଛି ବୋଲି କହିଥିଲେ । ଦଳରେ ଅଂଶଗ୍ରହଣ କରିବା ପରେ ଶ୍ରୀ ଅଣ୍ଡିଆ ତାଙ୍କ ବକ୍ତବ୍ୟରେ ଭାରତୀୟ ଜନତା ପାର୍ଟି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ରାଜ୍ୟ ବିଜେପି ନେତୃତ୍ୱ, ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ରଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଆଗାମୀ ଦିନରେ ଦଳ ତାଙ୍କୁ ଯେଉଁ ଭୂମିକାରେ ଅବତୀର୍ଣ୍ଣ କରାଇବ ସେ ତାକୁ ନିଷ୍ଠାର ସହିତ ପାଳନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ମଞ୍ଚରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶୋଭନା ମହାନ୍ତି, ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା ଓ ପ୍ରଦୀପ କୁମାର ପଣ୍ଡା, ରବିନ୍ଦ୍ର ଜୈନ, ଅରବିନ୍ଦ ବେହେରା, ମଣ୍ଡଳ ସଭାପତି ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

ସଡ଼କ ଦୁର୍ଘଟଣାରେ ଯୁବ ଇଞ୍ଜିନିୟରଙ୍କ ମୃତ୍ୟୁ

ଧାମନଗର, ନ୍ୟୁଜ୍‌ବ୍ୟୁରୋ

ଧାମନଗର ବ୍ଲକ୍ ଅନ୍ତର୍ଗତ ଦଳାଙ୍ଗ ପଞ୍ଚାୟତର ଜାହାଙ୍ଗୀର ଗ୍ରାମର ଯୁବ ଇଞ୍ଜିନିୟର ଅମର ଜ୍ୟୋତି ରାଉତଙ୍କ ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି । ଅନ୍ୟ ତିନି ଜଣ ସାଙ୍ଗ ଆହାତ ଅବସ୍ଥାରେ ଭୁବନେଶ୍ୱରର ଏକ ଘରୋଇ ଡାକ୍ତର ଖାନାରେ ଭର୍ତ୍ତି କରାଯାଇଛି । ପ୍ରକାଶ ଥାଉକି କି ଜାହାଙ୍ଗୀର ଗ୍ରାମର ଶୁଭ କାନ୍ତ ରାଉତଙ୍କ ପୁଅ ଅମର ଜ୍ୟୋତି ରାଉତ ଜଣେ ଇଞ୍ଜିନିୟର ସେ ଭୁବନେଶ୍ୱରରେ ରୁହନ୍ତି । ଅନ୍ୟ ତିନିଜଣ ସାଙ୍ଗଙ୍କ ସହ ଏକ କାରରେ ଚିଲିକା ଯାଉଥିଲେ । ଦ୍ରୁତଗତି ଯାଉଥିବାବେଳେ ଖୋର୍ଦ୍ଧା ଜିଲ୍ଲା ଜନ୍ଦପୁର ଥାନା ଅଧୀନ ଗୌରଚନ୍ଦ୍ରପୁର ନିକଟରେ ତାଙ୍କ କାର ରାସ୍ତାରେ ଛିଡ଼ା ହୋଇଥିବା ଟ୍ରକ ପଛରେ ଗଳି ଯାଇଥିଲା । ଏଥିରେ ୪ ଜଣ ଗୁରୁତର ହୋଇ ପଡ଼ିଥିଲେ । ଡାକ୍ତରଖାନା ନେବା ବାଟରେ ଅମର ଜ୍ୟୋତିଙ୍କର ମୃତ୍ୟୁ ହୋଇଛି ।

କେଜ୍ରିୱାଲଙ୍କ ଗିରଫକୁ ଆପ୍ କେନ୍ଦ୍ରାପଡ଼ା ଶାଖାର ପ୍ରତିବାଦ

କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ

ଅରବିନ୍ଦ କେଜ୍ରିୱାଲଙ୍କୁ ମିଥ୍ୟା ଅଭିଯୋଗରେ ଗିରଫ ପ୍ରତିବାଦ ରେ ଆମ୍ ଆଦ୍‌ମି ପାର୍ଟିର କେନ୍ଦ୍ରାପଡା ଶାଖା ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ କରାଯାଇଛି । ଜିଲ୍ଲା ସଭାପତି ସନ୍ଦିପ୍ତ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀ ରେ ଆମ୍ ଆଦର୍ମି ପାର୍ଟିର ରାଷ୍ଟ୍ରୀୟ ସଭାପତି ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ଭାରତୀୟ ଜନତା ପାର୍ଟି ତାଙ୍କ ଲୋକପ୍ରିୟତାକୁ ହ୍ରାସ କରିବା ଉଦ୍ଦେଶ୍ୟରେ ଆକ୍ରୋଷ ମୂଳକ ଭାବେ ଗିରଫ କରିଥିବା ନେଇ ପ୍ରକାଶ କରିଛନ୍ତି । କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ଇଡିର ଅଭିଯୋଗ ହେଉଛି । ମଦ ବେପାରୀ ଅରବିନ୍ଦ କେଜ୍ରିୱାଲ ଙ୍କୁ ମଦ ଠିକା ପାଇବା ପାଇଁ ୧୦୦ କୋଟି ଟଙ୍କା ଲାଞ୍ଚ ଦେଇଥିବା ଅଭିଯୋଗ କରି ତାଙ୍କୁ ଗିରଫ କରାଯାଇଛି । ମାତ୍ର ସୁପ୍ରିମ୍ କୋର୍ଟର ନିର୍ଦ୍ଦେଶ ପରେ ସର୍ବଜନୀନ ହୋଇଥିବା ଇଲୋକ୍ଟରାଲ ବଣ୍ଡ ତଥ୍ୟରୁ ଅତି ସାଙ୍ଘାତିକ କଥା ଜଣାପଡିଛି । ପି. ଶରତ ଚନ୍ଦ୍ର ରେଡ୍ଡୀ କେବଳ ଜଣେ ମଦ ବ୍ୟବସାୟୀ ନୁହଁନ୍ତି, ତାଙ୍କର ଔଷଧ କମ୍ପାନୀ ମଧ୍ୟ ରହିଛି । ଶ୍ରୀ ରେଡ୍ଡୀଙ୍କୁ ଇଡି ଜେରା କଲାବେଳେ ସେ ଅରବିନ୍ଦ କେଜ୍ରିୱାଲ ଙ୍କୁ ଚିହ୍ନି ନଥିବା ଏବଂ କୌଣସି ଟଙ୍କା ଦେଇ ନଥିବା ପ୍ରକାଶ କରିଥିଲେ । ଶ୍ରୀ ରେଡ୍ଡୀ ଜେଲରୁ ବାହାରିବା ପରେ ୫୦ କୋଟି ଟଙ୍କା ବିଜେପିକୁ ଚାନ୍ଦା ଦେଇଥିବା ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରାଯାଇଛି । ଭାରତୀୟ ଜନତା ପାର୍ଟି ଇଡିକୁ ହାତ ବାରିସ କରି ଉଦ୍ଦେଶ୍ୟ ମୂଳକ ଭାବେ ଅରବିନ୍ଦ କେଜ୍ରିୱାଲଙ୍କୁ ଗିରଫ କରିଥିବାରୁ ଆମ୍ ଆଦର୍ମି ପାର୍ଟି ତରଫରୁ ବିଜେପି ଦଳ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରିଛି । ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ନିସର୍ତ୍ତ ଭାବରେ ଖଲାସ କରିବା ପାଇଁ ଜିଲ୍ଲା ସଭାପତି ସନ୍ଦିପ୍ତ କୁମାର ଦାସଙ୍କ ସମେତ ଅଶୋକ କୁମାର ତ୍ରିପାଠୀ, ସୂର୍ଯ୍ୟକାନ୍ତ ପରିଡା, ଅପୂର୍ବ କୁମାର ସେଠୀ, ରୁଦ୍ର ପ୍ରସାଦ ବେହେରା, କୁମୁଦ କୁମାର ରାଉତ ପ୍ରମୁଖ ଦାବି କରିଛନ୍ତି ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ମାସିକ ଗଳ୍ପ ପତ୍ରିକା...

ଚାଳନା କରିବାକୁ ଶ୍ରୀ ସତପଥୀ ଆହ୍ୱାନ ଦେଇଥିଲେ ।

ବିଶିଷ୍ଟ କଥାକାର ଗୌରହରି ଦାସ କହିଥିଲେ – ସାହିତ୍ୟର କୌଣସି ନିର୍ଦ୍ଦିଷ୍ଟ ସୀମା ସରହଦ ନାହିଁ ବରଂ ଏହା ଅତି ବ୍ୟାପକ । ସତ୍ୟ ସହିତ ଆତ୍ମା ଓ ଆନନ୍ଦର ସମ୍ବନ୍ଧରୁ ସାହିତ୍ୟ ସୃଷ୍ଟି ହୋଇଥାଏ । ମନରେ ସୌନ୍ଦର୍ଯ୍ୟ, ସମ୍ମୋହନ ପ୍ରତି ମାୟା ନ ଆସିଲେ ସୁନ୍ଦର ସୃଷ୍ଟି (ସୃଜନଶୀଳତା, ଭଲ ସାହିତ୍ୟ) ବାହାରେ ନାହିଁ । ଏହାକୁ କେହି ଅସ୍ୱୀକାର କରିପାରିବେ ନାହିଁ । ସ୍ମୃତି, ଅନୁଭୂତି, ଆବେଗକୁ ନେଇ ଯେଉଁ ସାହିତ୍ୟ ରଚନା ହୁଏ ତାହା ନିଶ୍ଚିତ ଭାବେ ଅନନ୍ୟ ହୋଇପାରେ । ସାହିତ୍ୟର ଧର୍ମ ଓ ମୂଳକଥା ହେଉଛି କରୁଣା-ସହାନୁଭୂତି, ସମ୍ମାନବୋଧ । ଏସବୁ ନ ରହିଲେ ଉନ୍ନତ ସାହିତ୍ୟ ସୃଷ୍ଟି ହୋଇପାରିବ ନାହିଁ କି ସାହିତ୍ୟ ବଞ୍ଚି ପାରିବ ନାହିଁ । ସାହିତ୍ୟିକମାନେ ବିଶେଷକରି ନୂଆକରି ଲେଖୁଥିବା ଯୁବଗାଳ୍ପିକମାନେ ଏହିକଥାକୁ ମନେ ରଖିବା ଦରକାର । ସେ କହିଥିଲେ କୌଣସି ମଣିଷ ମରିବାକୁ ଚାହେଁନାହିଁ । ଜୀବନପ୍ରତି ମୋହ ଓ ବଞ୍ଚିବାର ଆଗ୍ରହକୁ ନେଇ ମଣିଷ ଆଗକୁ ବଢିଥାଏ । ନିଜର ଦୁଃଖ ଓ ଅନୁଭୂତି, ଅନୁଭବ ଓ ଅଭିଜ୍ଞତାକୁ ଯୋଡ଼ିଲେ ଭଲ ସାହିତ୍ୟ ଉତ୍ତୁରେ । ଏହି ପ୍ରସଙ୍ଗରେ ଶ୍ରୀ ଦାସ ଦେଶ ବିଦେଶର ବଡ଼ବଡ଼ ପ୍ରତିଷ୍ଠିତ ସାହିତ୍ୟିକମାନଙ୍କ ଲେଖାର ପ୍ରଭାବ ଓ ଗ୍ରହଣୀୟତା ଉପରେ ଆଲୋକପାତ କରିଥିଲେ । ସ୍ୱର୍ଗତ କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ 'ମାଟିର ମଣିଷ', ଗୋପୀନାଥ ମହାନ୍ତିଙ୍କ 'ପରଜା', ସୁରେନ୍ଦ୍ର ମହାନ୍ତିଙ୍କ 'ରଥଯାତ୍ରା', ବୀଣାପାଣି ମହାନ୍ତିଙ୍କ 'ପାଟଦେଈ' ଓ ବିଭୂତି ପଟ୍ଟନାୟକଙ୍କ 'ବଧୂ ନିରୂପମା' ଉପନ୍ୟାସ ଗୁଡ଼ିକରେ ସନ୍ନିବେଶିତ ତତ୍କାଳୀନ ସାମାଜିକ ଅବସ୍ଥାର ଚିତ୍ରକୁ ସେ ବିସ୍ତୃତ ଭାବେ ଅବତାରଣା କରିଥିଲେ । ସେ କହିଥିଲେ ଲେଖକ ବା ସାହିତ୍ୟିକ ତିଆରି ହୁଅନ୍ତି ନାହିଁ, ଜନ୍ମ ହୁଅନ୍ତି ତାହା ଈଶ୍ୱର ସ୍ଥିର କରିଥାନ୍ତି । ତା' ପଛରେ ଅର୍ଥ ବା ପଦପଦବୀର ମୋହ ନଥାଏ । ସାହିତ୍ୟିକ ଓ ଲେଖକଟିଏ ସମାଜରେ ଯାହାସବୁ ଘଟୁଛି, ତାହାକୁ ନିଜ ଲେଖାରେ ପ୍ରତିଫଳିତ କରିଥାଏ । ଏହାଛଡ଼ା ଲେଖକ ପାଖରେ ଆଉ କିଛି ବେଶି ନଥାଏ । ତେବେ ଆଧୁନିକ ସାହିତ୍ୟରେ ସମାଜକୁ ଓ ସମସ୍ତଙ୍କୁ ଉଦ୍‌ବୁଦ୍ଧ କଲାଭଳି ଅଧିକରୁ ଅଧିକ ଲେଖା ସୃଷ୍ଟି ହେଉ, ଯାହା ଶୋଇ ପଡ଼ିଥିବା ଲୋକଙ୍କୁ ଉଠାଇ ଦେବାର ସାମର୍ଥ୍ୟ ରଖୁ । ମଣିଷର ନିରୀହପଣ ଉପରେ ଯୁବ ସାହିତ୍ୟିକମାନେ ଖାତା, କଲମ, କାଗଜରେ ଗପ ଓ କବିତା ଲେଖିବା ପ୍ରକ୍ରିୟା ସେମାନଙ୍କର ଅବ୍ୟାହତ ରଖନ୍ତୁ ବୋଲି ସେ ପରାମର୍ଶ ଦେଇଥିଲେ ।

ଉତ୍ସବରେ ମୁଖ୍ୟବକ୍ତା ଭାବେ ଯୋଗଦେଇ କବି, ସାହିତ୍ୟ ସମାଲୋଚକ, ପ୍ରାବନ୍ଧିକ ଡକ୍ଟର ନୃସିଂହ ଷଡ଼ଙ୍ଗୀ କହିଥିଲେ ସମାଜର ବାସ୍ତବ କ୍ଷେତ୍ରରେ ଯାହାସବୁ ଘଟୁଛି ତାହାର ଠିକଣା ପ୍ରତିବାଦ ଲେଖନୀ ମାଧ୍ୟମରେ ପ୍ରକାଶ ନପାଇଲେ ସାହିତ୍ୟ ଆଗକୁ ବଢିପାରିବ ନାହିଁ । ସେଥିପାଇଁ ଆଭିମୁଖ୍ୟ ଓ ଚିନ୍ତାଧାରା ସ୍ପଷ୍ଟ ହେବା ଜରୁରୀ । ସମାଜ ଓ ସାହିତ୍ୟ ପାଇଁ ସମର୍ପିତ ଭାବନା ରହିବା ଦରକାର । ଏହି ପରିପ୍ରେକ୍ଷୀରେ ଓଡ଼ିଆ ଭାଷା ସାହିତ୍ୟର ସମୃଦ୍ଧି ସୁରକ୍ଷା ଓ ପ୍ରସାର ପାଇଁ କର୍ମବୀର ଗୌରୀଶଙ୍କର ରାୟଙ୍କ ଅବଦାନକୁ ସ୍ମରଣକରିବା ସହ ଫକୀରମୋହନଙ୍କ ଗଳ୍ପରେ ଥିବା ପ୍ରତିବାଦର ସ୍ୱର ଉପରେ ସେ ଆଲୋକପାତ କରିଥିଲେ । ସେ କହିଲେ ପୁରସ୍କାର ପ୍ରତିଭାର ମାପକାଠି ନୁହେଁ, ଏକଥା ଲେଖକମାନେ ପ୍ରଥମେ ବୁଝିବା ଦରକାର । ତେଣୁ ଲେଖକମାନେ ପ୍ରଥମେ ଭଲ ଲେଖା ଲେଖନ୍ତୁ, ପୁରସ୍କାର ପଛରେ ନ ଧାଆଁନ୍ତୁ । ସବୁ ଦିଗ ପ୍ରତି ସେମାନେ ସତର୍କ ଓ ସଜାଗ ରୁହନ୍ତୁ । ସମସ୍ତଙ୍କୁ ବିସ୍ମିତ କଲାଭଳି କାଳଜୟୀ ସାହିତ୍ୟ ସୃଷ୍ଟି କରିବାକୁ ସେ ପରାମର୍ଶ ଦେଇଥିଲେ ।

'କଥାକଳିକା' ସମ୍ମାନ ପ୍ରାପ୍ତ ପ୍ରତିଭାଦୀପ୍ତ ବିଶିଷ୍ଟ କଥାକାର ପଦ୍ମଜ ପାଳ କୃତଜ୍ଞତା ପ୍ରକାଶ କରି କହିଥିଲେ ଜୀବନ ଓ ସାହିତ୍ୟ ଓତଃପ୍ରୋତଃ ଭାବେ ଜଡ଼ିତ । ସାହିତ୍ୟ ଜୀବନକୁ ପରିପୁଷ୍ଟ କରେ ଓ ଏହା କେବେ ଲୋପ ପାଏନାହିଁ । ଜୀବନ, ସାହିତ୍ୟ, ସମାଜ ପରସ୍ପର ପରିପୂରକ । ଲେଖକ ଓ କବିର ମୃତ୍ୟୁ ନାହିଁ କି ସାହିତ୍ୟର ମୃତ୍ୟୁ ନାହିଁ ବୋଲି ସେ କହିଥିଲେ ।

ପ୍ରାରମ୍ଭରେ 'କଥାକଳିକା'ର ମୁଖ୍ୟ ସମ୍ପାଦିକା ତଥା ବିଶିଷ୍ଟ ଅନୁବାଦିକା ସୁପ୍ରଭା ରାୟ ତାଙ୍କ ଅଭିଭାଷଣରେ କହିଥିଲେ ଓଡ଼ିଆ ଭାଷା ସାହିତ୍ୟ, କଳା, ସଂସ୍କୃତି ପରମ୍ପରା ଇତିହାସର ଗନ୍ତାଘର ଓ ଆମ ଚେତନାର ପ୍ରତୀକ । ଆଜିର ସାହିତ୍ୟ ଆତ୍ମକୈନ୍ଦ୍ରିକ ହୋଇପଡୁଥିବା ନେଇ ସେ କ୍ଷୋଭବ୍ୟକ୍ତ କରିବା ସହ ପାଠକ ହୃଦୟକୁ ଛୁଇଁଲା ଭଳି ଉଚ୍ଚମାନର ସାହିତ୍ୟ ସୃଷ୍ଟି ପାଇଁ ନୂଆ ଯୁବ ଲେଖକ ଓ ସାହିତ୍ୟିକମାନେ ଯତ୍ନଶୀଳ ହେବାକୁ ପରାମର୍ଶ ଦେଇଥିଲେ । ସତ୍‌ଚିନ୍ତାଧାରା ସହିତ ଆବେଗ ଓ ଅନୁଭୂତି ମିଶିଲେ ଉନ୍ନତ ସାହିତ୍ୟ ସୃଷ୍ଟି ହୋଇପାରିବ । ଆମ ସାହିତ୍ୟ ଅନ୍ୟାନ୍ୟ ଭାଷାରେ ଅନୁବାଦ ହେଲେ ପାଠକ ମହଲରେ ଅଧିକ ଭାବେ ତାହା ଆଦୃତ ହୋଇପାରିବ ବୋଲି ସେ କହିଥିଲେ ।

ସମାରୋହରେ ପୌରହିତ୍ୟ କରି ଡ. ପଟ୍ଟନାୟକ ୧୯୫୪ ମସିହାରୁ ୨୦୨୪ ମସିହା ଦୀର୍ଘ ୭୦ ବର୍ଷ ଧରି ତାଙ୍କର ଗଳ୍ପଲେଖା ଓ ସାହିତ୍ୟ ରଚନା ଅବ୍ୟାହତ ରହିଥିବା କଥା ଆବେଗ ପୂର୍ଣ୍ଣଭାବେ ଉଲ୍ଲେଖ କରିଥିଲେ । ସେ କହିଲେ ମାର୍କ୍ସବାଦ, ଗାନ୍ଧୀବାଦ, ସାମ୍ୟବାଦ, ଔପନିବେଶବାଦ, ସାମନ୍ତବାଦ ଆଦି ଅନେକ ବାଦ ମଧ୍ୟରେ ସେ ଲେଖିଆସିଛନ୍ତି । ହେଲେ ବିଗତ ୨୫ରୁ ୩୦ ବର୍ଷ ମଧ୍ୟରେ ଅନେକ ପରିବର୍ତ୍ତନ ଦେଖିବାକୁ ମିଳିଲାଣି । ସାହିତ୍ୟରେ ଆଇଡୋଲୋଜି ଲସ୍ ବା ଆଦର୍ଶଚ୍ୟୁତ ହେଉଥିବା କଥା ଦେଖିବାକୁ ମିଳୁଛି । ପ୍ରଯୁକ୍ତିବିଦ୍ୟା ବା ଟେକ୍ନୋଲୋଜି ଆସିବା ପରେ ଆମର ସାମାଜିକ ଜୀବନ ଓ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଲାଣି । ତେଣୁ ଜୀବନରେ କ୍ରାନ୍ତିକାରୀ ପରିବର୍ତ୍ତନକୁ ଠିକଣା ଭାବେ ନିରୂପଣ କରିବା ଦିଗରେ ନୂଆ ଯୁବ ଲେଖକମାନେ ସେମାନଙ୍କର ଲେଖନୀ ଚାଳନା କରନ୍ତୁ । 'କଥାକଳିକା' ଏ ଦିଗରେ ଅଗ୍ରଣୀ ଭୂମିକା ନେବାକୁ ସେ ପରାମର୍ଶ ଦେବାସହ ଉପଭୋକ୍ତା ସଂସ୍କୃତିର ଶିକାର ନ ହୋଇ ସାହିତ୍ୟକୁ ସମାଜ ସହିତ ଯୋଡ଼ିବାକୁ ପରାମର୍ଶ ଦେଇଥିଲେ । ଲେଖକ ଓ ସାହିତ୍ୟିକମାନେ ଟେକ୍ନୋଲୋଜି କବଳରୁ ସୃଜନଶୀଳତାକୁ ରକ୍ଷା କରିବା ପାଇଁ ସତର୍କ, ସଜାଗ ଓ ସଚେତନ ହେବାକୁ ମଧ୍ୟ ଶ୍ରୀ ପଟ୍ଟନାୟକ ଆହ୍ୱାନ କରିଥିଲେ ।

ଏହି ଅବସରରେ 'କଥାକଳିକା'ର ସ୍ୱତନ୍ତ୍ର ଜନ୍ମସଂଖ୍ୟାକୁ ଉଦ୍‌ଘାଟକ ତଥା ମୁଖ୍ୟ ଅତିଥି ଶ୍ରୀ ସତପଥୀ ଉନ୍ମୋଚନ କରିଥିଲେ । ସେହିପରି 'କଥାକଳିକା'ର ମୁଖ୍ୟ ସମ୍ପାଦିକା ବିଶିଷ୍ଟ ଅନୁବାଦିକା ସୁପ୍ରଭା ରାୟଙ୍କ ଦୁଇଟି ପୁସ୍ତକ 'ତୁମେ ଅଛ ମୁଁ ଅଛି' ଏବଂ 'ନୂଆ ତୂଳୀର ମୋହ'କୁ ମୁଖ୍ୟଅତିଥି ଲୋକାର୍ପଣ କରିଥିଲେ । ଏଥିସହ ସୁଲେଖିକା ଲକ୍ଷ୍ମୀ ଚାନ୍ଦଙ୍କ ଉପନ୍ୟାସ "ଫେରୁ ଆସୁଥିବା ପାଦ' ଏବଂ କାର୍ଯ୍ୟନିର୍ବାହୀ ସମ୍ପାଦକ ଦୁର୍ଗାଚରଣ ଷଡ଼ଙ୍ଗୀଙ୍କ ପ୍ରବନ୍ଧ ସଂକଳନ 'ମାଟିଦୃଷ୍ଟି' ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା ।

ସମାରୋହରେ 'କଥାକଳିକା'ର କାର୍ଯ୍ୟନିର୍ବାହୀ ସମ୍ପାଦକ ଦୁର୍ଗାଚରଣ ଷଡ଼ଙ୍ଗୀ ପ୍ରାରମ୍ଭିକ ସୂଚନା ଦେବାସହ ବିଗତ ୧୦ବର୍ଷ ଧରି ଓଡ଼ିଶାର ନବ-ଯୁବ ପ୍ରତିଭାଧାରୀମାନଙ୍କୁ ଗଳ୍ପ ସାହିତ୍ୟ ରଚନା ପାଇଁ 'କଥାକଳିକା' ପତ୍ରିକା ପକ୍ଷରୁ ପ୍ରଦାନ କରାଯାଉଥିବା ପ୍ରୋତ୍ସାହନ ଅଭିଯାନ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ ।

ଶେଷରେ ସୁଲେଖିକା ତଥା ବରିଷ୍ଠ ସହସମ୍ପାଦିକା ଲକ୍ଷ୍ମୀଚାନ୍ଦ ଆନୁଷ୍ଠାନିକ ଭାବେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ବିଶିଷ୍ଟ ଭାଷାବିତ୍ ଡକ୍ଟର ଦେବାଶିଷ ମହାପାତ୍ର ଏହି ଭବ୍ୟ ସମାରୋହ ମଞ୍ଚ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଲୋପାମୁଦ୍ରା ଘଡାଇ, ଅନୀତା ପଟ୍ଟନାୟକ, ବାସୁଦେବ ବାରିକ, ମନୋଜ ମହାନ୍ତି ପ୍ରମୁଖ ସୂଚାରୁ ରୂପେ ସମ୍ପାଦନ କରିଥିବା ବେଳେ ସମାରୋହର ଉଦ୍‌ଘାଟନ କାର୍ଯ୍ୟକ୍ରମରେ ପଣ୍ଡିତ ଚନ୍ଦ୍ରଶେଖର ନନ୍ଦ ମଙ୍ଗଳା ଚରଣ ଓ ବେଦ ପାଠ କରିଥିଲେ ।

୨ଟି ପର୍ଯ୍ୟାୟରେ ୧୫ ଲୋକସଭା...

ରମେଶ ମାଝୀ, ନବରଂଗପୁରରୁ କୌଶଲ୍ୟା ପ୍ରଧାନୀ, ଡାବୁଗାଁରୁ ମନୋହର ରନ୍ଧାରୀ, ଲାଞ୍ଜିଗଡରୁ ପ୍ରଦୀପ ଦିଶାରୀ, ଜୁନାଗଡରୁ ଦିବ୍ୟ ଶଙ୍କର ମିଶ୍ର ପ୍ରମୁଖଙ୍କୁ ଟିକେଟ ଦିଆଯାଇଛି ।

ସେହିପରି ଧର୍ମଗଡରୁ ପୁଷ୍ପେନ୍ଦ୍ର ସିଂହଦେଓ, ଭବାନୀପାଟଣାରୁ ଲଳିତା ନାଏକ, ଜି ଉଦୟଗିରିରୁ ସାଲୁଗା ପ୍ରଧାନ, କନ୍ଧମାଳରୁ ମହୀଧର ରଣା, ବୌଦ୍ଧରୁ ପ୍ରଦିପ ଅମାତ, ବଡ଼ମ୍ବାରୁ ଦେବୀ ପ୍ରସାଦ ମିଶ୍ର, ବାଙ୍କିରୁ ଦେବୀ ରଞ୍ଜନ ତ୍ରିପାଠୀ, ଆଠଗଡରୁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, କଟକ-ଚୌଦ୍ୱାରରୁ ସୌଭିକ ବିଶ୍ୱାଳଙ୍କ ନାମ ଘୋଷଣା କରାଯାଇଛି । ନିଆଳିରୁ ପ୍ରମୋଦ ମଲ୍ଲିକ, କଟକ ସଦରରୁ ଚନ୍ଦ୍ର ସାରଥୀ ବେହେରା, ପାଟକୁରାରୁ ଅରବିନ୍ଦ ମହାପାତ୍ର, ଆଳିରୁ ପ୍ରତାପ ଦେବ, ରାଜନଗରରୁ ଧୃବ ସାହୁ, ମହାକାଳପଡ଼ାରୁ ଅତନୁ ସବ୍ୟସାଚୀ ନାୟକ, ପୁରୀରୁ ସୁନୀଲ ମହାନ୍ତି, ବ୍ରହ୍ମଗିରିରୁ ଉମା ସାମନ୍ତରାୟ, ସତ୍ୟବାଦୀରୁ ସଞ୍ଜୟ ଦାସବର୍ମା, ପିପିଲିରୁ ରୁଦ୍ର ମହାରଥୀ, ଜଟଣୀରୁ ବିଭୁତି ବଳବନ୍ତରାୟ, ରଣପୁରରୁ ସତ୍ୟ ପ୍ରଧାନ, ଦଶପଲ୍ଲାରୁ ରମେଶ ବେହେରା, ନୟାଗଡରୁ ଡ. ଅରୁଣ କୁମାର ସାହୁ, ଭଞ୍ଜନଗରରୁ ବିକ୍ରମ କେଶରୀ ଆରୁଖ, ପୋଲସରାରୁ ଶ୍ରୀକାନ୍ତ ସାହୁ, କବିସୂର୍ଯ୍ୟନଗରରୁ ଲତିକା ପ୍ରଧାନ, ଛତ୍ରପୁରରୁ ସୁବାଷ ବେହେରା, ସୋରଡ଼ାରୁ ସଂଘମିତ୍ରା ସ୍ୱାଇଁ, ହିଞ୍ଜିଳିରୁ ନବୀନ ପଟ୍ଟନାୟକ, ଗୋପାଳପୁରରୁ ବିକ୍ରମ ପଣ୍ଡା, ଦିଗପହଣ୍ଡିରୁ ବିପ୍ଳବ ପାତ୍ର, ଚିକିଟିରୁ ଚିନ୍ମୟାନନ୍ଦ ଶ୍ରୀରୁପ ଦେବ, କୋଟପାଡ଼ରୁ ଚନ୍ଦ୍ରଶେଖର ମାଝୀ, କୋରାପୁଟରୁ ରଘୁରାମ ପୋଡଲ, ମାଲକାନଗିରିରୁ ମାନସ ମାଡକାମୀ, ଘସିପୁରାରୁ ବଦ୍ରି ପାତ୍ରଙ୍କୁ ଟିକେଟ ଦିଆଯାଇଛି ।

ଆମେରିକାକୁ କଡ଼ା...

ଏକ ଗଣତାନ୍ତ୍ରିକ ଦେଶ ବିରୋଧରେ ଏଭଳି ଟିପ୍‌ପଣୀ ଦେବା ଠିକ୍ ନୁହେଁ । ଭାରତୀୟ ନ୍ୟାୟପାଳିକା ଏକ ସ୍ୱତନ୍ତ୍ର ଧାରା ଉପରେ ପର୍ଯ୍ୟବେସିତ । ଏହାର କାର୍ଯ୍ୟ ପ୍ରଣାଳୀ ଉପରେ କୌଣସି ଟିପ୍‌ପଣୀ ଦେବା ଉଚିତ ନୁହେଁ ।

ସୂଚନାଯୋଗ୍ୟ, କ୍ରେଜିୱାଲଙ୍କ ଗିରଫଦାରୀ ଉପରେ ଆମେରିକା ପୂର୍ବରୁ ଜର୍ମାନୀର ବୈଦେଶିକ ମନ୍ତ୍ରଣାଳୟ ପ୍ରବକ୍ତା ମଧ୍ୟ ଆପତ୍ତିଜନକ ମନ୍ତବ୍ୟ ପ୍ରଦାନ କରିଥିଲେ । ସେ ଭାରତୀୟ ନ୍ୟାୟପାଳିକା କାର୍ଯ୍ୟପ୍ରଣାଳୀ ଗଣତାନ୍ତ୍ରିକ ନିଷ୍ପତ୍ତି ନେବା ଉପରେ ଗୁରୁତ୍ୱାରୋପ କରିଥିଲେ । ଏନେଇ ଭାରତ ପକ୍ଷରୁ ଜର୍ମାନୀ ଦୂତାବାସର ଉପ ମୁଖ୍ୟଙ୍କୁ ଜବାବ୍ ତଲବ୍ କରାଯାଇଥିଲା ।

।। କଟକ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ।।

ବାଲିଯାତ୍ରାକୁ ବିଶ୍ୱ ଐତିହ୍ୟ ମାନ୍ୟତା ପ୍ରଦାନ ପାଇଁ କାର୍ଯ୍ୟ ତ୍ୱରାନ୍ୱିତ ହେଉ

କଟକ, ନ୍ୟୁଜ୍‌ବ୍ୟୁରୋ

କଟକର ଐତିହାସିକ ବାଲିଯାତ୍ରାକୁ ବିଶ୍ୱ ସାଂସ୍କୃତିକ ଐତିହ୍ୟ ମାନ୍ୟତା ପ୍ରଦାନ ନିମନ୍ତେ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ବିନୀତ ଭରଦ୍ୱାଜଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । କଟକ ବାଲିଯାତ୍ରାକୁ ୟୁନେସ୍କୋ ଐତିହ୍ୟ ମାନ୍ୟତା ପ୍ରଦାନ ନିମନ୍ତେ ସମସ୍ତ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ କମିଟି ଗଠନ କରାଯିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଅତିରିକ୍ତ ଜିଲ୍ଲାପାଳ (ଉନ୍ନୟନ) ଡକ୍ଟର ଦିବ୍ୟଲୋଚନ ମହାନ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟିରେ ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ, ଆବାହକ ସଦସ୍ୟ ଏବଂ କଟକ ମହାନଗର ନିଗମ ଡେପୁଟି କମିଶନର, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ, ଡେପୁଟୀ କଲେକ୍ଟର ନିଜାରତ ଦୋଳଗୋବିନ୍ଦ ସାହୁ, ଜାତିସଂଘ ଭାରତୀୟ ମହାସଂଘର ଜାତୀୟ କାର୍ଯ୍ୟକାରୀ ସଦସ୍ୟ ଡକ୍ଟର ଦ୍ୱିପାୟନ ପଟ୍ଟନାୟକ, ପ୍ରାକ୍ତନ ଅଧ୍ୟାପକ ଡକ୍ଟର ସହଦେବ ପାତ୍ର, ସମାଜସେବୀ ବିଶ୍ୱଜିତ୍ ସୂର୍ଯ୍ୟବଂଶୀ ଓ ଯୋବ୍ରାସ୍ଥିତ ନୌବାଣିଜ୍ୟ ସଂଗ୍ରହାଳୟର ସଂରକ୍ଷକ ପବିତ୍ର ମୋହନ ପ୍ରଧାନ ପ୍ରମୁଖ ସଦସ୍ୟ ରହିବା ପ୍ରସ୍ତାବ ରହିଛି । ଆବଶ୍ୟକସ୍ଥଳେ ଦସ୍ତାବିଜ୍ ପ୍ରସ୍ତୁତି ପାଇଁ ଯେଉଁମାନଙ୍କର ସହଯୋଗ ଆବଶ୍ୟକ ହେବ ସେମାନଙ୍କର ମଧ୍ୟ ମତାମତ ନଆଯିବ । ଏଠାରେ ସୂଚନାଯୋଗ୍ୟ, ସାଂସ୍କୃତିକ ଇତିହାସ ସହ ସଂଯୋଗ ଥିବା ଅଭ୍ୟାସ ଯାହା କ୍ରମାଗତ ଭାବେ ବିକଶିତ ହୋଇ ପିଢି ପରେ ପିଢି ଜାରି ରହିଥିବ ଏବଂ ଜାତିର ପରିଚୟ ସୃଷ୍ଟି କରିବା ସହ ସାମାଜିକ ବ୍ୟବସ୍ଥାକୁ ମଜବୁତ କରୁଥିବ ତଥା ସାଂସ୍କୃତିକ ବିବିଧତାର ସଂରକ୍ଷଣ କରୁଥିବ, ଏହିସବୁ ମାନଦଣ୍ଡକୁ ନେଇ ୟୁନେସ୍କୋ ସାଂସ୍କୃତିକ ଐତିହ୍ୟ ମାନ୍ୟତା ପ୍ରଦାନ କରିଥାଏ । କଟକର ଐତିହାସିକ ବାଲିଯାତ୍ରା ଏହିସବୁ ମାନଦଣ୍ଡ ପୂରଣ କରୁଥିବାରୁ ଏହା ଅନ୍ତର୍ଜାତୀୟ ମାନ୍ୟତା ପାଇବାର ସମ୍ଭାବନା ସୃଷ୍ଟି ହୋଇଛି । ଏଥିନିମନ୍ତେ କେନ୍ଦ୍ର ସରକାରଙ୍କ ଦ୍ୱାରା ନିଯୁକ୍ତ ନୋଡାଲ ଏଜେନ୍ସି ଭାବରେ କେନ୍ଦ୍ର ସଂଗୀତ ନାଟକ ଏକାଡେମୀ ନିଜସ୍ୱ ସଂଜ୍ଞାନ ନିମନ୍ତେ ଜିଲ୍ଲା ପ୍ରଶାସନକୁ ମାଗିଥିବା ତଥ୍ୟ ଖୁବ୍‌ଶୀଘ୍ର ପ୍ରଦାନ କରାଯିବ । ଏଥିରେ କଟକ ବାଲିଯାତ୍ରା ସହ ଯୋଡ଼ି ହୋଇଥିବା ଓଡ଼ିଶାର ଦୁଇ ହଜାର ବର୍ଷ ପୁରୁଣା ନୌବାଣିଜ୍ୟ ଇତିହାସ, ବୋଇତ ବନ୍ଦାଣ, ଯାତ୍ରା ଆୟୋଜନ, ବାଣିଜ୍ୟ, ଆନ୍ତର୍ଜାତିକ ସମ୍ପର୍କ ଆଦି ବିଷୟ ସାମିଲ ରହିବ ।

ହିନ୍ଦୋଳ ଉପକାରାଗାରରେ ବିଚାରଧୀନ କଏଦୀର ମୃତ୍ୟୁ

ଢେଙ୍କାନାଳ, ନ୍ୟୁଜ୍‌ବ୍ୟୁରୋ

ହିନ୍ଦୋଳ ଉପକାରଗାରରେ ଜଣେ ବିଚାରଧୀନ କଏଦୀର ମୃତ୍ୟୁ ଘଟିଛି । ଚିକିତ୍ସା ଅବହେଳାରୁ ମୃତ୍ୟୁ ହୋଇଥିବା ଅଭିଯୋଗ ଆଣିଛନ୍ତି ପରିବାର ଲୋକେ । ଏନେଇ ହିନ୍ଦୋଳ ଉପକାରଗାରରେ ଚାପା ଉତ୍ତେଜନା ପ୍ରକାଶ ପାଇଛି । ତେବେ ମୃତ ବିଚାରଧୀନ କଏଦୀ ଜଣଙ୍କ ହିନ୍ଦୋଳ ବିଜ୍ଞାପିତ ପରିଷଦ ଅଞ୍ଚଳ ରୂପାଲି ଗ୍ରାମର ବିଜୟ ନାୟକ ବୋଲି ଜଣାପଡିଛି । ମୃତ୍ୟୁର ନିରପେକ୍ଷ ତଦନ୍ତ ଦାବି କରିଛନ୍ତି ପରିବାର ଲୋକେ ।

ସୂଚନା ମୁତାବକ, ଜଗତସିଂହପୁରର ବିଶ୍ୱଜିତ ବାରିକ ନାମକ ଜଣେ ଯୁବକ ବିଜୟଙ୍କ ଝିଅକୁ ବିବାହ କରି ବିଜୟଙ୍କ ଘରେ ରୂପାଲି ଗ୍ରାମରେ ରହୁଥିଲେ । ମାତ୍ର ବିଶ୍ୱଜିତଙ୍କୁ କେହି ହତ୍ୟା କରିବା ମାମଲାରେ ବିଜୟ ନାୟକ ଓ ତାଙ୍କ ପୁଅ ଦେବବ୍ରତ ନାୟକ ଅଭିଯୁକ୍ତ ଥିଲେ । ଫଳରେ ଏହି ହତ୍ୟା ମାମଲାରେ ଉଭୟ ବାପ ପୁଅଙ୍କୁ ହିନ୍ଦୋଳ ପୋଲିସ ଗିରଫ କରି ଗତ ଜାନୁଆରୀ ୩ ତାରିଖରେ କୋର୍ଟ ଚାଲାଣ କରିଥିଲା । ଜାମିନ ଖାରଜ ହେବା ଯୋଗୁଁ ଉଭୟ ବିଜୟ ଓ ତାଙ୍କ ପୁଅ ବିଚାରଧୀନ କଏଦୀ ଭାବେ ହିନ୍ଦୋଳ ଉପକାରଗାରରେ ବନ୍ଦୀ ଜୀବନ କାଟୁଥିଲେ । ହେଲେ ମଙ୍ଗଳବାର ସନ୍ଧ୍ୟାରେ ବିଜୟ ଅସୁସ୍ଥ ହୋଇ ପଡିବାରୁ ଜେଲ କର୍ତ୍ତୃପକ୍ଷ ତାଙ୍କୁ ୧୦୮ ଜରିଆରେ ହିନ୍ଦୋଳ ଡାକ୍ତରଖାନାକୁ ନେଇଥିଲେ । ଡାକ୍ତରଖାନାକୁ ଯିବା ପୂର୍ବରୁ ବିଜୟଙ୍କର ମୃତ୍ୟୁ ହୋଇଥିବା ଡାକ୍ତରଖାନା ସୂତ୍ରରୁ ଜଣାପଡ଼ିଛି । ତେଣୁ ଉପକାରଗାରରେ ବିଜୟ ଅସୁସ୍ଥ ଥିବା ସମ୍ପର୍କରେ ତାଙ୍କ ପରିବାରକୁ କୌଣସି ସୂଚନା ଦେଇ ନଥିବା ବେଳେ ତାଙ୍କର ଏପରି ଅଚାନକ ମୃତ୍ୟୁକୁ ନେଇ ଜେଲ୍ କର୍ତ୍ତୃପକ୍ଷଙ୍କୁ ଦାୟୀ କରିଛନ୍ତି ପରିବାର । ଫଳରେ ହିନ୍ଦୋଳ ଜେଲ୍‌ରେ ଚାପା ଉତ୍ତେଜନା ଲାଗି ରହିଛି । ସେପଟେ ଏନେଇ ଜେଲ କର୍ତ୍ତୃପକ୍ଷ କିମ୍ବା ମେଡିକାଲ କର୍ତ୍ତୃପକ୍ଷଙ୍କ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ । ଏନେଇ ମୃତକଙ୍କ ବୋହୂ ପିଙ୍କି ନାୟକ କହିଛନ୍ତି ଯେ, ମିଥ୍ୟା ହତ୍ୟା ଘଟଣାରେ ଶ୍ୱଶୁର ଓ ସ୍ୱାମୀ ଗତ ୩ ମାସ ହେଲା ଜେଲ୍‌ରେ ଭର୍ତ୍ତି ହୋଇଥିଲେ । ଏଥିସହ ସେମାନଙ୍କ ସହ ଦେଖା କରିବାକୁ ଦେଉ ନ ଥିଲେ । ତାଙ୍କୁ ଏତେ ଦିନ ହେବ ଖାଇବାକୁ ନଦେଇ ମାରି ଦିଆଯାଇଛି ବୋଲି ସେ ଅଭିଯୋଗ କରିଛନ୍ତି ।

ବିଷମ କଟକ ଓକିଲ ସଂଘର ନିର୍ବାଚନ

ବିଷମ କଟକ, ନ୍ୟୁଜ୍‌ବ୍ୟୁରୋ

ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଓଡ଼ିଶା ଆଇନଜୀବୀ ପରିଷଦର ନିର୍ଦ୍ଦେଶ ଅନୁସାରେ ବିଷମ କଟକ ଓକିଲ ସଂଘର ନର୍ବାଚନ ପ୍ରକ୍ରିଆ ଗତ ୧୧ ତାରିଖରୁ ଆରମ୍ଭ ହୋଇଯାଇଛି । ନିର୍ବାଚନରେ ବିଷମ କଟକ ଓକିଲ ସଂଘର ସଭାପତି ଭାବେ ଆଇନଜୀବୀ ଚନ୍ଦ୍ରମୌଳି ପଟ୍ଟନାୟକ, ସମ୍ପାଦକ ଭାବେ ଆଇନଜୀବୀ ସନ୍ତୋଷ କୁମାର ପଣ୍ଡା ନିର୍ଦ୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି । ସେହିପରି ଉପ ସଭାପତି ଭାବେ ସଦାନନ୍ଦ ଦାସ, ସହ ସମ୍ପାଦକ ଭାବେ ପ୍ରଦିପ କୁମାର ପାଢୀ, କୋଷାଧ୍ୟକ୍ଷ ଭାବେ ପ୍ରଶାନ୍ତ କୁମାର ରଥ ନିର୍ଦ୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି । ଏହି ନିର୍ବାଚନ କାର୍ଯ୍ୟକୁ ବିଷମ କଟକ ଓକିଲ ସଂଘର ବରିଷ୍ଠ ଓକିଲ କୃଷ୍ଣଚନ୍ଦ୍ର ସାହୁ ନିର୍ବାଚନ ଅଧିକାରୀ ରୂପେ ଦାୟିତ୍ୱ ତୁଲାଇଥିଲେ ।

ଭୁବନେଶ୍ୱର
୨୮ ମାର୍ଚ୍ଚ
ଗୁରୁବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24

ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲାରେ ଓଡ଼ିଶା ରୋଲ ମଡେଲ

ଜୀବନ ଓ ସମ୍ପତ୍ତି ରକ୍ଷା ପାଇଁ ଅନେକ ଯୋଜନା କରିଛନ୍ତି ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୮।୩:ନ୍ୟୁଜ୍‌ବ୍ୟୁରୋ

ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲାରେ ଓଡ଼ିଶା ରୋଲ ମଡେଲ। ରାଜ୍ୟରେ ବିପର୍ଯ୍ୟୟ ମୁକାବିଲା ପଦକ୍ଷେପ ନେଇ ପ୍ରେସ୍‌ମିଟ୍ କରି ସୂଚନା ଦେଇଛି ବିଜେଡି। ଗତ ୫୦ ବର୍ଷରେ ୪୧ ଥର ପ୍ରାକୃତିକ ବିପର୍ଯ୍ୟୟ ହୋଇଛି। ୧୮ ଥର ମରୁଡ଼ି ହୋଇଛି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜନଜୀବନ ଓ ସମ୍ପତ୍ତି ରକ୍ଷା ପାଇଁ ଅନେକ ଯୋଜନା କରିଛନ୍ତି। ତାଙ୍କ ନିର୍ଦ୍ଦେଶରେ ଜିରୋ କାଜୁଆଲିଟି ନୀତି ସଫଳ ହୋଇଛି। ସେଥିପାଇଁ ଅନ୍ୟ ରାଜ୍ୟ ଓ ବିଦେଶରେ ମଧ୍ୟ ଓଡ଼ିଶାର ବିପର୍ଯ୍ୟୟ ମୁକାବିଲାକୁ ପ୍ରଶଂସା କରାଯାଇଛି। ପ୍ରାରମ୍ଭିକ ସତର୍କତା ସୂଚନା ପାଇଁ ବାଲେଶ୍ୱର, ଗଞ୍ଜାମ, ପୁରୀରେ ୧୬୦ଟି ଟାୱାର ବ୍ୟବସ୍ଥା କରାଯାଇଛି। ୪ଟି ସ୍ଥାନରେ ସ୍ଥାପନ ହୋଇଛି ଡପଲର ରାଡାର।

ସେହିପରି କୋଭିଡକୁ ସଫଳ ଭାବେ ମୁକାବିଲା କରିଥିଲେ ରାଜ୍ୟ ସରକାର। ଯାହା ମୃତ୍ୟୁ ହୋଇଥିଲା, କ୍ଷତିପୂରଣକୁ ବୈଷୟିକ ପଦ୍ଧତିରେ ଦିଆଯାଇଥିଲା। ବଜ୍ରପାତରେ ଅନେକ ପ୍ରାଣ ହରାଉଛନ୍ତି। ରାଜ୍ୟ ସରକାର ନିଜ ଆଡୁ ୮ଟି କ୍ଷେତ୍ରରେ ସହାୟତା ଦେଉଛନ୍ତି। ଆହୁରି ମଧ୍ୟ ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଫଣ୍ଡ କରାଯାଇଛି। ସଫଳ ଭାବେ ବିପର୍ଯ୍ୟୟ ମୁକାବିଲା ପାଇଁ ଓଡ଼ିଶାକୁ ପୁରସ୍କୃତ କରାଯାଇଛି। ୪୦ ହଜାର ୭୦୦ ସ୍ୱେଚ୍ଛାସେବୀ ପ୍ରଶିକ୍ଷଣ ନେଇଥିବା ବେଳେ ୧୮ ହଜାର ବାତ୍ୟା ଆଶ୍ରୟସ୍ଥଳୀ ଅଛି ବୋଲି ପ୍ରେସମିଟରେ ସୂଚନା ଦେଇଛନ୍ତି ବିଜେଡି ଜାତୀୟ ମୁଖପାତ୍ର ଡକ୍ଟର ସଂତୃପ୍ତ ମିଶ୍ର।

୬ ଚୋରା ବାଇକ୍ ଜବତ୍ : ୭ ଗିରଫ

ଅନୁଗୁଳ, ୨୮।୩
ନ୍ୟୁଜ୍‌ବ୍ୟୁରୋ

ଅନୁଗୁଳ ଟାଉନ ଥାନା ପୋଲିସକୁ ମିଳିଛି ବଡ ସଫଳତା। ଧରାପଡିଲା ମୋଟରସାଇକେଲ ଚୋର ଗ୍ୟାଙ୍ଗ। ଗିରଫ ଅଭିଯୁକ୍ତଙ୍କ ଠାରୁ ୬ଟି ଚୋରା ମୋଟର ସାଇକେଲ ଜବତ କରିଛି ପୋଲିସ। ଅନେକ ଦିନ ହେଲା ସହରର ବିଭିନ୍ନ ସ୍ଥାନରୁ ମୋଟର ସାଇକେଲ ଚୋରି ହେଉଥିବା ବେଳେ ଏହା ପୋଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଥିଲା। ଅଭିଯୋଗ ଆଧାରରେ ପୋଲିସ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ତଦନ୍ତ ଆରମ୍ଭ କରିଥିଲା। ଏହି ଟିମ୍ ତଦନ୍ତ କରି ଚୋରି ହୋଇଥିବା ୬ଟି ମୋଟର ସାଇକେଲ ଜବତ କରିବା ସହ ଏହି ଚୋରିରେ ସମ୍ପୃକ୍ତ ୭ ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଛି। ସେମାନଙ୍କ ନିକଟରୁ ଏକ ମାଷ୍ଟର କି' ଜବତ ହୋଇଛି।

॥ ଆଜି ମହାପ୍ରଭୁଙ୍କ ବନକଲାଗି ନୀତି ॥

୪ ଘଣ୍ଟା ବନ୍ଦ ରହିବ ସାଧାରଣ ଦର୍ଶନ

ପୁରୀ, ୨୮।୩:ନ୍ୟୁଜ୍‌ବ୍ୟୁରୋ

ଗୁରୁବାର ମହାପ୍ରଭୁଙ୍କ ବନକଲାଗି ନୀତି। ଚୈତ୍ର କୃଷ୍ଣ ଦ୍ୱିତୀୟା ତିଥିରେ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ବନକଲାଗି ନୀତି ଅନୁଷ୍ଠିତ ହେବ। ଏଥିପାଇଁ ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ୪ ଘଣ୍ଟା ସାଧାରଣ ଦର୍ଶନ ବନ୍ଦ ରହିବ। ବନକଲାଗି ନୀତି ଅତ୍ୟନ୍ତ ଗୁପ୍ତ ନୀତି ହୋଇଥିବାରୁ ଏହି ସମୟରେ ଚତୁର୍ଦ୍ଧା ମୂରତିଙ୍କୁ ସାଧାରଣ ଭକ୍ତ ଦର୍ଶନ କରିପାରିବେ ନାହିଁ। କିନ୍ତୁ ପାର୍ଶ୍ୱ ଦେବାଦେବୀଙ୍କୁ ଦର୍ଶନର ସୌଭାଗ୍ୟ ପାଇବେ ଭକ୍ତ ଶ୍ରଦ୍ଧାଳୁ। ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ବନକଲାଗି ନୀତି ପାଇଁ ଜୟ ବିଜୟ ଦ୍ୱାର ବନ୍ଦ ରହିବ। ଦ୍ୱିପ୍ରହର ଧୂପ ସରିବା ପରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିବେ। ଏଥିପାଇଁ ଦତ୍ତମହାପାତ୍ର ସେବକ ପ୍ରାକୃତିକ ରଙ୍ଗ ପ୍ରସ୍ତୁତ କରିଥାନ୍ତି। ଦତ୍ତମହାପାତ୍ର ସେବକମାନେ ପ୍ରାକୃତିକ ପ୍ରଣାଳୀରେ ପ୍ରସ୍ତୁତ ପ୍ରସାଧାନରେ ଶ୍ରୀବିଗ୍ରହମାନଙ୍କ ଶ୍ରୀମୁଖକୁ ଶୃଙ୍ଗାର କରିବେ। ହିଙ୍ଗୁଳ, ହରିତାଳ, କସ୍ତୁରୀ, ନାଲି, ଧଳା ଓ କଳା ଭଳି ପାରମ୍ପରିକ ରଙ୍ଗରେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରାଯିବ।

ହଜାର ହଜାର କର୍ମୀଙ୍କ ସହ ବିଜେଡିରେ ମିଶିଲେ ମନ୍ମଥ ରାଉତରାୟ

ଭୁବନେଶ୍ୱର, ୨୮।୩:ନ୍ୟୁଜ୍‌ବ୍ୟୁରୋ

ଦିନକୁ ଦିନ ବଢୁଛି ବିଜେଡି ବଳ। ଦଳରେ ସାମିଲ ହେଲେ କଂଗ୍ରେସ ବିଧାୟକ ସୁର ରାଉତରାୟଙ୍କ ସାନ ପୁଅ ମନ୍ମଥ ରାଉତରାୟ। ହଜାର ହଜାର ସମର୍ଥକଙ୍କ ସହ ଆସି ବିଜେଡିରେ ଯୋଗ ଦେଇଛନ୍ତି ମନ୍ମଥ।

ସେମାନଙ୍କୁ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଏବଂ ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ପକ୍ଷରୁ ସ୍ୱାଗତ କରିଛନ୍ତି ସାଂସଦ ମାନସ ମଙ୍ଗରାଜ । ତାଙ୍କ ଯୋଗଦାନ ଫଳରେ ଅଧିକ ଶକ୍ତିଶାଳୀ ହେବ ଦଳ। ଜଟଣୀ, ଖୋର୍ଦ୍ଧା ଓ ଭୁବନେଶ୍ୱରର ହଜାର ହଜାର କର୍ମୀଙ୍କ ସହ ସେ ବିଜେଡିରେ ସାମିଲ ହୋଇଛନ୍ତି । ସମସ୍ତେ ନବୀନ ପଟ୍ଟନାୟକଙ୍କ ବିକାଶ ଧାରାରେ ଅନୁପ୍ରାଣୀତ ହୋଇ ଦଳରେ ସାମିଲ ହୋଇଥିବା ନେଇ ସୂଚନା ଦେଇଛନ୍ତି ମାନସ ମଙ୍ଗରାଜ।

ମୁଁ ବାବାଙ୍କ ଆଶୀର୍ବାଦ ନେଇ ଆଜି ଆସିଛି। ବିଜୁ ବାବୁ ହେଉଛନ୍ତି ମୋ ଆଦର୍ଶ। ମୁଁ ପାଠ ପଢୁଥିବା ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୋତେ ସ୍କଲାରସିପ୍ ପ୍ରଦାନ କରିଥିଲେ, ସେ ସମୟକୁ କେବେ ଭୁଲିପାରିବି ନାହିଁ। ଗ୍ରାଉଣ୍ଡ ସ୍ତରକୁ ଯାଇ କେମିତି କାମ କରିହେବ ତାହା ଦେଖାଇଦେଇଛନ୍ତି ୫-ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ। ୫-ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ କାମର ଶୈଳୀ ମୋତେ ବହୁତ ପସନ୍ଦ। ତାହା ଗ୍ରାଉଣ୍ଡରେ ଦେଖାଯାଏ। ସାଂଗଠନିକ ସଂପାଦକ ପ୍ରଣବ ପ୍ରକାଶ ଦାସ ମତେ ଗାଇଡ କରିଛନ୍ତି। ବାପାଙ୍କ ସମ୍ମାନ ରକ୍ଷା କରିବାକୁ ସେ ପରାମର୍ଶ ଦେଇଛନ୍ତି ବୋଲି କହିଛନ୍ତି ମନ୍ମଥ।

ମିଶ୍ରଣ ପର୍ବରେ ପ୍ରତିକ୍ରିୟା ରଖିବା ବେଳେ ଭାବବିହ୍ୱଳ ହୋଇପଡିଲେ ମନ୍ମଥ। ପ୍ରଥମଥର ପାଇଁ ବାବାଙ୍କ ଠାରୁ ଅଲଗା ହୋଇ ରାଜନୀତିର ମଞ୍ଚରେ ବସିଛି। ମୋ ଉପରେ ବାବାଙ୍କ ଆଶୀର୍ବାଦ ରହିଛି। ସେ ମୋତେ ସଦାବେଳେ ଶିଖାଇ ଆସିଛନ୍ତି, ଯେଉଁ ଦଳରେ ରହିବ, ସେଠି ଶେଷ ଯାଏଁ ଜଣେ କର୍ମୀ ତଥା ସୈନ୍ୟ ଭାବରେ କାମ କରିବ ବୋଲି ସେ ପ୍ରକାଶ କରିଛନ୍ତି। ଏହି ଅବସରରେ ଉପସ୍ଥିତ ଥିଲେ ଦଳୀୟ ନେତା ତଥା ମୁଖପାତ୍ର ସସ୍ମିତ ପାତ୍ର, ସୁଲତା ଦେଓ ପ୍ରମୁଖ। ମନ୍ମଥ କିଛି ଦିନ ତଳେ ଭାରତୀୟ ବାୟୁସେନାରୁ ଅବସର ନେଇଛନ୍ତି।

ଓଲିଉଡ୍ କଳାକାରଙ୍କ ସହ ହୋଲି ଖେଳିଲେ କିସ୍ ଛାତ୍ରଛାତ୍ରୀ

ଭୁବନେଶ୍ୱର, ୨୮।୩:ନ୍ୟୁଜ୍‌ବ୍ୟୁରୋ

ସୋମବାର କିସ୍‌ରେ ହୋଲି ଉତ୍ସବ ପାଳିତ ହୋଇଯାଇଛି। ଏଥିପାଇଁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନାହିଁ ନଥିବା ଉତ୍ସାହ ପରିଲକ୍ଷିତ ହୋଇଥିଲା। କିସ୍ ଛାତ୍ରଛାତ୍ରୀମାନେ ବିଶିଷ୍ଟ ଓଡ଼ିଆ ସିନେ ତାରକା, ସାହିତ୍ୟିକ, କଳାକାର, ବ୍ୟଙ୍ଗକାର, ବୁଦ୍ଧିଜୀବୀ, ସମାଲୋଚକ, ଚଳଚ୍ଚିତ୍ର ନିର୍ଦ୍ଦେଶକ ଓ ଚିତ୍ରାଭିନେତାଙ୍କ ସହ ହୋଲି ପାଳିଥିଲେ। ପାରମ୍ପରିକ ରାଧାକୃଷ୍ଣଙ୍କ ବେଶରେ ସଜ୍ଜିତ ହୋଇ ଦୋଳିରେ ଝୁଲୁଥିବା କିସ୍ ଛାତ୍ରଛାତ୍ରୀଙ୍କୁ ଉପସ୍ଥିତ ଅଭିନେତା, କଳାକାରମାନେ ରଙ୍ଗ ବୋଳି ଅବିର ପର୍ବ ପାଳନ କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ମାନେ କିସ୍ ପିଲାମାନଙ୍କ ସହ ଅବିର ଖେଳିବା ସହ ନୃତ୍ୟ, ସଂଗୀତ, ସଂଳାପ ଓ ହାସ୍ୟରସରେ ପିଲାମାନଙ୍କ ମନୋରଞ୍ଜନ କରିଥିଲେ। ସୂଚନା ଯୋଗ୍ୟ, ପ୍ରତିବର୍ଷ କିସ୍ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ଓ ସେମାନଙ୍କ ମନୋବଳ ବୃଦ୍ଧି କରିବା ସକାଶେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ। ଏହି କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ସମସ୍ତ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାଦମ୍ବିନୀ ସମ୍ପାଦିକା ଡ. ଇତି ସାମନ୍ତ, କୋଲକାତାସ୍ଥିତ ସତ୍ୟଜିତ ରାୟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫିଲ୍ମ ଆଣ୍ଡ ଟେଲିଭିଜନ୍‌ର ନିର୍ଦ୍ଦେଶକ ହିମାଂଶୁ ଖଟୁଆ, ସିନେ ସମୀକ୍ଷକ ଦିଲୀପ ହାଲି, ଅଭିନେତା ସୁକାନ୍ତ ରଥ, ମଣ୍ଟୁ ଶର୍ମା, ଶୁଭାଶିଷ, ଅଭିନେତ୍ରୀ ବିଦୁସ୍ମିତା, ପୁଷ୍ପା ପଣ୍ଡା, ପ୍ରତିଭା ପଣ୍ଡା, ଶିବାନୀ ସଙ୍ଗୀତା, ଆକାଂକ୍ଷା କବି, ତୃପ୍ତି, ସସ୍ମିତା ପିଆଲି, ହାସ୍ୟ ଅଭିନେତା ଭକ୍ତ ପ୍ରହ୍ଲାଦ ଚରଣ ପଟ୍ଟନାୟକ (ହାଡୁ), ଦେବୁ ବ୍ରହ୍ମା, ଜୀବନ ପଣ୍ଡା, ହର ରଥ, ଗୀତିକାର ଅରୁଣ ମନ୍ତ୍ରୀ, କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀ, ଶ୍ରୀଚରଣ ମହାନ୍ତି, ଶୈଳବାଳା ମହାପାତ୍ର, ମିତ୍ରଭାନୁ ମହାନ୍ତି, ଶିଶୁ କଳାକାର ଐଶ୍ୱର୍ଯ୍ୟା ମିଶ୍ର, ସଂଗୀତ ନିର୍ଦ୍ଦେଶକ ଶରତ ନାୟକ, ଅରୁଣ ମନ୍ତ୍ରୀ, କ୍ରୀଡ଼ାବିତ୍ ଅନୁରାଧା ବିଶ୍ୱାଳଙ୍କ ସମେତ ୬୦ରୁ ଉର୍ଦ୍ଧ୍ୱ ବିଶିଷ୍ଟ ବ୍ୟକ୍ତି ବିଶେଷ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ।

ମିଳିଲାନି ମହାପ୍ରୟାଣ ଗାଡ଼ି : ଟ୍ରଲିରେ ବୁହାହେଲା ବୃଦ୍ଧାଙ୍କ ମୃତଦେହ

କଟକ, ୨୮।୩:ନ୍ୟୁଜ୍‌ବ୍ୟୁରୋ

ହସ୍ପିଟାଲରୁ ମାଆର ମୃତଦେହ ନେବାକୁ ମିଳିଲାନି ମହାପ୍ରୟାଣ ଗାଡ଼ି। ଟ୍ରଲିରେ ବୁହାହେଲା ମୃତଦେହ। ବୃଦ୍ଧା ମାଆର ନିସ୍ତେଜ ଶରୀରକୁ ଟ୍ରଲିରେ ଲଦି ୪ କିଲୋମିଟର ବୋହିନେଲା ଗରିବ ପୁଅ। ଏହି ଚିତ୍ର କୌଣସି ଉପାନ୍ତ ଇଲାକାର ନୁହେଁ, ବରଂ କଟକ ଜିଲ୍ଲା ବାଙ୍କୀ ଅଞ୍ଚଳର। ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରୁ ମୃତଦେହକୁ ଏପରି ଭାବେ ଟ୍ରଲିରେ ବୋହି ବୋହି ନିଆଯାଇଥିବା ଜଣାପଡିଛି। ମୃତଦେହ ନେବାକୁ ସରକାରଙ୍କ ମହାପ୍ରୟାଣ ଗାଡ଼ି ବ୍ୟବସ୍ଥା ଥିଲେ ହେଁ ମୃତଦେହ ଏମିତି ଟ୍ରଲିରେ ବୁହାହେବା ଦୃଶ୍ୟ ଜନମାନସକୁ ଆନ୍ଦୋଳିତ କରିଛି।

ସୂଚନା ଥାଉକି, ହରିରାଜପୁର ପଞ୍ଚାୟତ ମୀନାବଜାର ଅଞ୍ଚଳର ବୀର ଭୋଇଙ୍କ ସ୍ତ୍ରୀ ଭାବିନି ଭୋଇ ଅସୁସ୍ଥ ହୋଇ କିଛି ଦିନ ହେଲା ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ହେଲେ ଗାଁକୁ ବୃଦ୍ଧାଙ୍କ ମୃତଦେହ ନେବା ପାଇଁ ଉପଖଣ୍ଡ ଚିକିତ୍ସାଳୟରେ କୌଣସି ସୁବିଧା ମିଳିନଥିଲା। ସେପଟେ ପାଖରେ ଟଙ୍କା ନଥିବାରୁ ବାହାରୁ ଗାଡି ଭଡା କରି ମାଆର ମୃତଦେହ ନେବାକୁ ପୁଅ ଭରତ ଭୋଇଙ୍କ ପକ୍ଷେ ମଧ୍ୟ ସମ୍ଭବ ନଥିଲା। ତେଣୁ ସେ ବାଧ୍ୟ ହୋଇ ଟ୍ରଲିରେ ମାଆର ମୃତଦେହ ଲଦି ଗାଁକୁ ବାହାରି ଥିଲେ।

ଦୀର୍ଘ ୪ କିଲୋମିଟର ଟ୍ରଲିରେ ମୃତଦେହ ବୋହି ବୋହି ନେଇଥିଲେ। ସେ ଟ୍ରଲିରେ ମାଆ ମୃତଦେହ ନେଉଥିବାର ଦୟନୀୟ ଦୃଶ୍ୟ ସେହି ରାସ୍ତା ଦେଇ ଯାଉଥିବା ଲୋକଙ୍କ ହୃଦୟକୁ ଆନ୍ଦୋଳିତ କରିଥିଲା। ଏହି ସମୟରେ କେହି ଜଣେ ନିଜ ମୋବାଇଲରେ ଏହି ଦୃଶ୍ୟ ରେକର୍ଡ କରିଥିଲେ। ତେବେ ହସ୍ପିଟାଲରୁ ମୃତଦେହ ନେବା ପାଇଁ ସରକାର ମହାପ୍ରୟାଣ ଗାଡି ବ୍ୟବସ୍ଥା କରିଥିଲେ ମଧ୍ୟ ସ୍ଥାନୀୟ ପ୍ରଶାସନିକ ଅବ୍ୟବସ୍ଥା ଯୋଗୁ ତାହା ସଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁନାହିଁ। ଅନେକ ସମୟରେ ଗରିବ ଲୋକଙ୍କ ପାଖରେ ଏହି ସୁବିଧା ନମିଳିବା ଯୋଗୁଁ ଟ୍ରଲିରେ ଓ ବାଇକ୍‌ରେ ମୃତଦେହ ବୁହାହେବା ଭଳି କରୁଣ ଦୃଶ୍ୟ ସାମ୍ନାକୁ ଆସୁଛି। କଟକ ବାଙ୍କୀ ଅଞ୍ଚଳରେ ଏହି ଘଟଣାକୁ ବୁଦ୍ଧିଜୀବୀ ମହଲରେ ନିନ୍ଦା କରାଯାଇଛି। ଏଥିସହ ସମ୍ପୃକ୍ତ ମେଡିକାଲ କର୍ତ୍ତୃପକ୍ଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି।

ପୋଲିସ୍ ହେପାଜତରେ ଅଭିଯୁକ୍ତ ଯୁବକର ମୃତ୍ୟୁ : ହସ୍ପିଟାଲରେ ଫୋର୍ସ ମୁତୟନ

କେନ୍ଦୁଝର, ୨୮।୩:ନ୍ୟୁଜ୍

କେନ୍ଦୁଝର ଯୋଡ଼ା ଥାନା ପୋଲିସ ହେପାଜତରେ ଅଭିଯୁକ୍ତ ଯୁବକଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ମୃତକ ଯୋଡ଼ା ଥାନା ବିରିକଳା ବାସିନ୍ଦା ଅମ୍ବିକା ପ୍ରସାଦ ନାୟକଙ୍କ ୨୩ ବର୍ଷୀୟ ପୁଅ ଦୀନେଶ ନାୟକ ବୋଲି ଜଣାପଡ଼ିଛି। ତେବେ ଏନେଇ ଆଇନ ଶୃଙ୍ଖଳା ପରିସ୍ଥିତି ଉପୁଜିବା ଆଶଙ୍କାରେ ଯୋଡ଼ା ଥାନା ଏବଂ ଟାଟା ଷ୍ଟିଲ ଡାକ୍ତରଖାନାରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଛି।

ସୂଚନା ମୁତାବକ, ଗତ ସୋମବାର ଦିନ ଦୀନେଶଙ୍କୁ ଏକ ମାମଲାରେ ଯୋଡା ପୋଲିସ୍ ଉଠାଇ ଆଣିଥିଲା। ଯୋଡ଼ା ଥାନା କେସ ନଂ ୧୪୧, ଦଫା ୩୭୬.ଏବଂ ୫୦୬ ଆଇପିସି ରେ ତା' ନାଁରେ କେସ ରୁଜୁ ହୋଇଥିଲା ବୋଲି ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି। ହେଲେ ମଙ୍ଗଳବାର ସନ୍ଧ୍ୟାରେ ଦୀନେଶ ନାୟକକୁ ସଙ୍କଟାପନ୍ନ ଅବସ୍ଥାରେ ନିକଟସ୍ଥ ଟାଟା ହସ୍ପିଟାଲକୁ ନେଇଥିଲା ଯୋଡ଼ା ପୋଲିସ୍। ତେବେ ଟାଟା ହସ୍ପିଟାଲରେ ପହଞ୍ଚିବା ପରେ ଡାକ୍ତର ପରୀକ୍ଷା କରି ଦୀନେଶଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ପରେ ଆଇନ ଶୃଙ୍ଖଳା ପରିସ୍ଥିତି ଉପୁଜିବା ଆଶଙ୍କାରେ ଯୋଡ଼ା ଥାନା ଏବଂ ଟାଟା ଷ୍ଟିଲ ଡାକ୍ତରଖାନାରେ ବ୍ୟାପକ ଫୋର୍ସ ମୁତୟନ କରାଯାଇଛି।

ଆଡିସ୍‌ନାଲ ଏସପି, ଡିଏସ୍‌ପି ଓ ବିଭିନ୍ନ ଥାନାର ଆଇଆଇସି ଉପସ୍ଥିତ ରହି ଘଟଣା ଉପରେ ନଜର ରଖିଛନ୍ତି। ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ବଡ଼ବିଲ ତହସିଲଦାର ମଧ୍ୟ ପହଞ୍ଚିଛନ୍ତି। ବର୍ତ୍ତମାନ ସୁଦ୍ଧା ପରିସ୍ଥିତି ନିୟନ୍ତ୍ରଣରେ ରହିଛି। ଅନ୍ୟପଟେ ଥାନାଧିକାରୀଙ୍କ ଉପସ୍ଥିତିରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଛି। ତେବେ କେଉଁ କାରଣରୁ ଅଭିଯୁକ୍ତ ଯୁବକଙ୍କ ମୃତ୍ୟୁ ହୋଇଛି ଏନେଇ ପୋଲିସ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳୁ ନଥିବା ବେଳେ ଘର ଲୋକଙ୍କ ମଧ୍ୟ ପ୍ରତିକ୍ରିୟା ମିଳି ପାରିନାହିଁ। ସେହିପରି ଗତ ଶୁକ୍ରବାର ଦିନ କେନ୍ଦୁଝର ଜିଲ୍ଲା ଜେଲରେ ଜଣେ ବିଚାରାଧୀନ କଏଦୀ ଜେଲ୍ ଭିତରେ ଜୀବନ ହାରିବାକୁ ଉଦ୍ୟମ କରଥିଲେ। ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯିବା ପରେ ଚିକିତ୍ସାଧିନ ଅବସ୍ଥାରେ କଏଦୀଙ୍କ ମୃତ୍ୟୁ ଘଟିଛି। ଅନ୍ୟପଟେ ଜେଲ୍ ସୁରକ୍ଷାରେ ତ୍ରୁଟି ପାଇଁ ଏପରି ଘଟଣା ଘଟିଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି ।

ବସ୍ ଧକ୍କାରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ

ବଲାଙ୍ଗୀରର, ୨୮।୩:ନ୍ୟୁଜ୍‌ବ୍ୟୁରୋ

ବଲାଙ୍ଗୀର-ସୋନପୁର ୫୭ ନମ୍ବର ଜାତୀୟ ରାଜପଥ ଭଦ୍ରାପାଲି ଛକରେ ଦୁର୍ଘଟଣା। ଓଏସଆରଟିସି ବସ୍ ଧକ୍କାରେ ଦୁଇ ବାଇକ୍ ଆରୋହୀଙ୍କର ମୃତ୍ୟୁ ହୋଇଛି। ଦୁଇ ମୃତକ ହେଲେ ସୋନପୁର ଜିଲ୍ଲା ସୁବଳୟାର ହିମାଂଶୁ ଶେଖର ମହାପାତ୍ର ଓ ଡୁଙ୍ଗୁରିପାଲିର ନରେଶ ସାହୁ। ଦୁଇ ଯୁବକ ଲାଞ୍ଜିଗଡ଼ ବେଦାନ୍ତ ଆଲୁମିନିୟମ କମ୍ପାନୀରେ କାମ କରୁଥିଲେ। ଘଟଣାସ୍ଥଳରେ ପୁଇଁନ୍ତଳା ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି। ଭୋରରୁ ଦୁର୍ଘଟଣା ଘଟିଥିବା ଜଣାପଡିଛି। ବାଇକ୍‌ରେ ଦୁଇ ଜଣ ଯୁବକ ଯାଉଥିବା ବେଳେ ବସ୍ ଧକ୍କା ଦେଇଥିଲା। ପୋଲିସ ମୃତଦେହ ଜବତ କରି ବଲାଙ୍ଗୀର ଭୀମଭୋଇ ମେଡିକାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଅନ୍ୟପଟେ ଦୁର୍ଘଟଣା ଘଟାଇଥିବା ବସ୍ ଡ୍ରାଇଭର ତରଭା ଥାନାରେ ଆତ୍ମସମର୍ପଣ କରିଛନ୍ତି।

ଡାଇରିଆ ଆକ୍ରାନ୍ତଙ୍କୁ ଭେଟିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର

ସମ୍ବଲପୁର, ୨୮।୩:ନ୍ୟୁଜ୍‌ବ୍ୟୁରୋ

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁର ଜିଲ୍ଲାର ହୀରାକୁଦ ସମେତ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଡାଇରିଆ ସଂକ୍ରମଣ ଦ୍ୱାରା ଆକ୍ରାନ୍ତ ହୋଇ ଭିମସାର, ବୁର୍ଲା ମେଡିକାଲରେ ଚିକିତ୍ସାଧୀନ ଥିବା ଲୋକମାନଙ୍କୁ ଭେଟି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଛନ୍ତି। ଆକ୍ରାନ୍ତଙ୍କୁ ଭେଟିବା ପରେ ସେ କହିଛନ୍ତି ଯେ ହୀରାକୁଦରେ ଡାଇରିଆ ଆକ୍ରାନ୍ତ ରୋଗୀଙ୍କୁ ଭେଟି ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଲି। ଡାଇରିଆ ଦ୍ୱାରା ଶତାଧିକ ଲୋକମାନେ ଆକ୍ରାନ୍ତ ହେବା ଚିନ୍ତାଜନକ। ତେବେ ସମସ୍ତ ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ଥିବା ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନେ ମୋତେ ଅବଗତ କରାଇଛନ୍ତି। ସମସ୍ତଙ୍କ ଚିକିତ୍ସା ଠିକ୍ ଚାଲୁଥିବା ଜାଣିବାକୁ ପାଇଲି । ଆକ୍ରାନ୍ତଙ୍କ ଆଶୁ ଆରୋଗ୍ୟ କାମନା କରୁଛି। ଉଲ୍ଲେଖନୀୟ, ଶ୍ରୀ ପ୍ରଧାନ ଗତ ଦୁଇ ଦିନ ତଳେ ଡାଇରିଆ ଆକ୍ରାନ୍ତଙ୍କୁ ଅବିଳମ୍ବେ ଆବଶ୍ୟକ ମେଡିକାଲ ସହାୟତା ଯୋଗାଇଦେବା ପାଇଁ ପ୍ରଭାବିତ ଅଞ୍ଚଳରେ କେନ୍ଦ୍ରୀୟ ମେଡିକାଲ ଟିମ୍ ନିୟୋଜିତ କରିବା ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମନସୁଖ ମାଣ୍ଡଭୀୟଙ୍କୁ ଚିଠି ଜରିଆରେ ଅନୁରୋଧ କରିଥିଲେ।

ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

ନିଶା କାରବାର ବିରୋଧରେ ବଡ଼ ଅଭିଯାନ

୩୩ ଗିରଫ, ୧୬ ହଜାର ୩ଶହ ନିଶା କଫ ସିରପ୍ ଜବତ

ସମ୍ବଲପୁର, ୨୮।୩:ନ୍ୟୁଜ୍‌ବ୍ୟୁରୋ

ହୋଲି ପର୍ବ ସମୟରେ ସହରରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ନିଶା କାରବାର ଉପରେ ଅଙ୍କୁଶ ଲଗାଇବାକୁ ବଡ଼ ଅଭିଯାନ ଚଳାଇଥିଲା ପୁଲିସ। ଏହି କ୍ରମରେ ସମ୍ବଲପୁରର ୨ଟି ସ୍ଥାନରେ ଚଢ଼ଉ କରି ପୁଲିସ ଜଣେ ମହିଳାଙ୍କ ସମେତ ୩୩ ଜଣଙ୍କୁ ଗିରଫ କରିବା ସହିତ ୧୬ ହଜାର ୩ ଶହ ନିଶା କଫ ସିରପ୍ ଜବତ କରିବା ସହିତ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି। ସମ୍ବଲପୁରର ନିଶା ବିରୋଧୀ ଅଭିଯାନ ଇତିହାସରେ ଏହା ସବୁଠାରୁ ବଡ଼ ସଫଳତା।

ପ୍ରଥମ ଘଟଣାରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୁଲିସ ସଦର ଥାନା ଅଞ୍ଚଳ ଅର୍ନ୍ତଗତ ନିଲଡୁଙ୍ଗୁରୀଠାରେ ଏକ ଟ୍ରକ୍‌କୁ ଅଟକା ଯାଇ ତଲାସୀ କରାଯାଇଥିଲା। ତଲାସୀ ସମୟରେ ଉକ୍ତ ଟ୍ରକ୍‌ରେ ବସ୍ତାଗୁଡିକ ମଧ୍ୟରେ ହଜାର ହଜାର ନିଶା କଫ ସିରପ୍ ଲଦା ହୋଇଥିବାର ଦେଖି ପୁଲିସ ଦଳ ମଧ୍ୟ ଆଶ୍ଚର୍ଯ୍ୟ ଚକିତ ହୋଇଥିଲା। ଏ ସମ୍ପର୍କରେ ଜିଲ୍ଲା ପୁଲିସ ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୁ କହିଛନ୍ତି ଯେ, ଟ୍ରକରୁ ନିଶା କଫ ସିରପ୍ ଜବତ ହେବା ସହିତ ଘଟଣାର ଅଧିକ ତଦନ୍ତ ସମୟରେ ନିଶା କାରବାରରେ ବ୍ୟବହୃତ ହେଉଥିବା ଆହୁରି ଗୋଟିଏ ବୋଲେରୋ, ୨ଟି ଅଟୋ ରିକ୍ସା, ସ୍କୁଟି ଓ ଗୋଟିଏ ବୁଲେଟ୍‌କୁ ଜବତ କରାଯାଇଛି। ଏଥି ସହ ୧୧ଟି ମୋବାଇଲ ଫୋନ, ୨୦ ହଜାର ଟଙ୍କା ଏବଂ ଏକ ଡାଏରୀ ଜବତ କରାଯାଇଛି। ଏହି ନିଶା କଫ ସିରପଗୁଡ଼ିକୁ ଚାଲାଣକାରୀମାନେ ପଶ୍ଚିମବଙ୍ଗ ରାଜ୍ୟର ହୁଗୁଳି ଜିଲ୍ଲାର ଦାନକୁନୀ ଅଞ୍ଚଳରୁ ଚୋରାରେ ଆଣୁଥିଲେ। ଏହି ନିଶା ବେପାରୀମାନେ ହୋଲି ପର୍ବ ସହିତ ଆଗାମୀ ନିର୍ବାଚନକୁ ଆଖିରେ ରଖି ଅଧିକ ଲାଭ ଆଶାରେ ଆଣି ସମ୍ବଲପୁରରେ ମହଜୁଦ୍ ରଖିବା ସହିତ ବିଭିନ୍ନ ସ୍ଥାନକୁ ଚାଲାଣ କରିବାର ଲକ୍ଷ୍ୟ ରଖିଥିଲେ।

ଏହି ଘଟଣାରେ ସଂପୃକ୍ତ ୨୬ ଜଣ ଅଭିଯୁକ୍ତ ଯଥା ସୋନପୁର ଜିଲ୍ଲା ନିବାସୀ ତନ୍ମୟ ବାଗ (୨୩), ରାହୁଲ ଡୁଙ୍ଗୁରୀ (୧୯), ବରଗଡ଼ ଜିଲ୍ଲା ନିବାସୀ ନରସିଂହ ତରାଇ (୩୨), ପ୍ରଫୁଲ୍ଲ ରଣା (୨୮), ସମ୍ବଲପୁର ଜିଲ୍ଲା ନିବାସୀ ସୁଶାନ୍ତ ନାଗ (୩୪), କରନ ନିଆଲ (୨୧), ରାଜାବାବୁ ସାହା (୨୨), ଗଣେଶ ବର୍ମନ (୨୨), ତୌସିଫ ଆକ୍ରମ (୩୩), ମହମ୍ମଦ ସକିର (୩୫), ଭବାନୀ ଶଙ୍କର ତରାସିଆ (୨୪), ମନିଷ ସାହୁ (୨୭), ନିଗମ ସୁନା (୨୩), ଶ୍ୟାମ ତାଣ୍ଡି (୩୦), କେ. ସୁଜିତ (୨୩), ସୁମନ ରଣବିଡା (୨୪), କୁଦାର୍ଥ ମହାନନ୍ଦ (୪୦), ଲବ ସେଦ୍ରିଆ (୩୨), ମହମ୍ମଦ ଚାନ୍ଦ (୨୪), ମହମ୍ମଦ ସର୍ଫରାଜ (୨୮), ଏସ.କେ. ଓବିର (୩୫), ଦେବ ଓରାମ (୨୦), ଅବଦୁଲ କଲିମ (୨୮), ସଂକୀର୍ତ୍ତନ ମୁଣ୍ଡା (୨୯), ସଙ୍କେତ ମିଶ୍ର (୨୩) ଏବଂ ଶିବରାଜ ସାହାଣୀ (୨୬)ଙ୍କୁ ଗିରଫ କରାଯାଇଛି। ଗିରଫ ହୋଇଥିବା ଅଭିଯୁକ୍ତମାନଙ୍କ ମଧ୍ୟରୁ ଅନେକଙ୍କ ନାମରେ ପୂର୍ବରୁ ମଧ୍ୟ ବିଭିନ୍ନ ଥାନାଗୁଡିକରେ ମାମଲା ରହିଛି। ଏହି ଘଟଣାରେ ସମ୍ବଲପୁର, ବରଗଡ଼ ଓ ସୋନପୁର ଜିଲ୍ଲାର ଅଭିଯୁକ୍ତମାନେ ସାମିଲ ରହିଛନ୍ତି। ହୋଲି ପର୍ବ ସହିତ ଆଗାମୀ ନିର୍ବାଚନର ଘୋଷଣା ହୋଇଥିବାରୁ ଏବେ ସମସ୍ତ ରାଜ୍ୟରେ ପୁଲିସର ଚେକିଂ ବୃଦ୍ଧି ପାଇବାରେ ଲାଗିଛି। ଏଣୁ ପୂର୍ବରୁ ଏହି ଅବୈଧ ନିଶା ସାମଗ୍ରୀଗୁଡିକ ଆଣି ମହଜୁଦ ରଖିବାର ଯୋଜନାରେ ସେମାନେ ବିପୁଳ ମାତ୍ରାରେ ନିଶା କଫ ସିରପ ଚୋରାରେ ଆଣୁଥିଲେ ବୋଲି ଜିଲ୍ଲା ପୁଲିସ ଆରକ୍ଷୀ ଅଧିକ୍ଷକ ଶ୍ରୀ ଭାମୁ କହିଛନ୍ତି। ଏହି ଘଟଣାରେ ସଦର ପୁଲିସ ଥାନାରେ ମାମଲା ସଂଖ୍ୟା ୭୮/୨୦୨୪ ରୁଜୁ କରି ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇ ଅଦାଲତକୁ ଚାଲାଣ କରାଯାଇଛି।

ସେହିଭଳି ଦ୍ୱିତୀୟ ଘଟଣାରେ ଟାଉନ ଥାନା ଅର୍ନ୍ତଗତ ସାହୁ କଲୋନୀରୁ ପୁଲିସ ଚଢ଼ଉ କରି ୫ ହଜାର ୫ ଶହ ନିଶା କଫ ସିରପ ଜବତ କରିବା ସହିତ ଜଣେ ମହିଳା ଓ ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏ ସମ୍ପର୍କରେ ସଦର ଏସଡିପିଓ ତୁଫାନ ବାଗ କହିଛନ୍ତି ଯେ, କିଛି ଦିନ ତଳେ ଅଇଁଠାପାଲି ଥାନାଞ୍ଚଳରେ ବେଆଇନ ଭାବରେ ନିଶା କଫ ସିରପ୍ କାରବାରରେ ସଂପୃକ୍ତ ସମ୍ବଲପୁରର କୁଖ୍ୟାତ ନିଶା ବେପାରୀ ନିଖିଲ ମୁଣ୍ଡାକୁ ପୁଲିସ ଧରିଥିଲା। ତାକୁ ଜେରା ସମୟରେ ସେ ଟାଉନ ଥାନା ଦଲେଇପଡ଼ା ନିବାସୀ ରୋହନ ଖାନ ଓରଫ ଅବଦୁଲ ନଦିମଙ୍କଠାରୁ ବେଆଇନ ଭାବରେ ନିଶା କଫ ସିରପ୍ ଆଣି ବିକ୍ରି କରୁଥିବାର ପୁଲିସକୁ କହିଥିଲା। ଏଣୁ ପୁଲିସ ତୁରନ୍ତ ରୋହନ ଖାନକୁ ଧରିବା ସହିତ ଟାଉନ ଥାନା ମାମଲା ସଂଖ୍ୟା ୯୩/୨୦୨୪ ଜରିଆରେ ଗିରଫ କରି ଅଦାଲତକୁ ଚାଲାଣ କରିଛି। ଏଥି ସହ ରୋହନ ଖାନକୁ ଜେରା ସମୟରେ ସେ ହୋଲି ପର୍ବ ଓ ନିର୍ବାଚନକୁ ଧ୍ୟାନରେ ରଖି ପଶ୍ଚିମବଙ୍ଗର ହୁଗୁଳି ଜିଲ୍ଲାର ସୌରଭ ନାମକ ଜଣେ ବ୍ୟକ୍ତିଙ୍କୁ ଅଗ୍ରିମ ଟଙ୍କା ପଇଠ କରି ବିପୁଳ ମାତ୍ରାରେ ନିଶା କଫ ସିରପ୍ ପଠାଇବା ପାଇଁ କହିଥିବାର ପୁଲିସକୁ କହିଥିଲା। ଏଣୁ ପୁଲିସ ଉକ୍ତ ସୂଚନା ସହିତ ନିଜର ଗୁଇନ୍ଦା ସୂଚନା ସହିତ ସଦର ଥାନା ଅର୍ନ୍ତଗତ ନିଲଡୁଙ୍ଗୁରୀ ଅଞ୍ଚଳରେ ଏକ ଟ୍ରକରେ ନିଶା କଫ ସିରପ୍ ସମ୍ବଲପୁର ମଧ୍ୟକୁ ଚାଲାଣ ସମୟରେ ଧରିଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଆଉ କିଛି ଗାଡ଼ି ଜରିଆରେ ନିଶା କଫ ସିରପ୍ ସାହୁ କଲୋନୀ ଅଞ୍ଚଳକୁ ପହଞ୍ଚିଥିବାର ଖବର ପାଇ ପୁଲିସ ଚଢ଼ଉ କରିଥିଲା। ଚଢ଼ଉ ସମୟରେ ଟ୍ରକ୍, ଏକ ଦାମୀ କାର, ମାରୁତି ୮୦୦ କାର୍ ଏବଂ ଗୋଟିଏ ହିରୋ ମୋଟର ସାଇକେଲରୁ ୨୩ଟି ଜରି ବସ୍ତା ମଧ୍ୟରେ ସମୁଦାୟ ୫୫୨୦ଟି ନିଶା କଫ ସିରପ୍ ବୋତଲ ଓହ୍ଲାଉଥିବାର ଦେଖିଥିଲା। ଏଣୁ ପୁଲିସ ଗାଡ଼ିଗୁଡ଼ିକ ସମେତ ନିଶା କଫ ସିରପ୍ ଏବଂ ଅଭିଯୁକ୍ତମାନଙ୍କୁ ଧରିଥିଲା। ଅଭିଯୁକ୍ତଙ୍କ ନିକଟରୁ ୫ଟି ମୋବାଇଲ ଫୋନ ମଧ୍ୟ ଜବତ ପୁଲିସ କରିଛି। ଏଥି ସହ ଅଭିଯୁକ୍ତ ମହିଳା ତଥା ସାହୁ କଲୋନୀ ନିବାସୀ ପିଙ୍କି ମେହେର ଓରଫ ଶକୁନ୍ତଳା (୨୯), ସିକ୍ରାପାଲି ନିବାସୀ ବିରେନ୍ଦ୍ର କୁମାର ସାହୁ (୩୧), ଶିବ ନାରାୟଣ ଦଣ୍ଡସେନା (୨୩), ପଡ଼ିଆବାହାଲ ନିବାସୀ ସତ୍ୟମ ନାୟକ (୩୦), ଗୋବିନ୍ଦତୋଲା ନିବାସୀ ରୋହିତ କୁମାର ଅଗ୍ରୱାଲ (୨୨), ଦେବଗଡ଼ ଜିଲ୍ଲା ନିବାସୀ ଅଶୋକ ପାତ୍ର (୨୮) ଏବଂ ପଶ୍ଚିମବଙ୍ଗ ରାଜ୍ୟର ୨୪ ପ୍ରଗଣା ଜିଲ୍ଲା ନିବାସୀ ରଣଧୀର କୁମାର ତିୱାରୀ (୩୫)ଙ୍କୁ ଗିରଫ କରାଯାଇଛି। ଏ ସମ୍ପର୍କରେ ଟାଉନ ଥାନାରେ ମାମଲା ସଂଖ୍ୟା ୧୧୮/୨୦୨୪ ରୁଜୁ କରାଯାଇ ଗିରଫ ଅଭିଯୁକ୍ତମାନଙ୍କୁ ଅଦାଲତକୁ ଚାଲାଣ କରାଯାଇଛି ବୋଲି ଏସଡିପିଓ ଶ୍ରୀ ବାଗ କହିଛନ୍ତି।